

ବିଧ୍ୱଂସୀ ପାଟିଦାର୍
ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-328 • WEDNESDAY • 27 MAY 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୩୨୮ • ବୁଧବାର • ୨୭ ମେ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦

JSW Steel

JSW Utkal Steel Limited



**ଶ୍ରୀ ନରେନ୍ଦ୍ର ମୋଦୀ**
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା

## JSW ଉତ୍କଳ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ଶୁଭାରମ୍ଭ ସମାରୋହ

### ୧୩.୨ MTPA କ୍ଷମତାସମ୍ପନ୍ନ ମେଗା ଇଣ୍ଟିଗ୍ରେଟେଡ୍ ଗ୍ରୀନଫିଲ୍ଡ ଷ୍ଟିଲ୍ ପ୍ଲାଣ୍ଟ

### ଢିଙ୍କିଆ, ପାରାଦୀପ, ଜିଲ୍ଲା - ଜଗତସିଂହପୁର, ଓଡିଶା

୨୭.୦୫.୨୦୨୬, ବୁଧବାର

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀଙ୍କ** ଗରିମାମୟ ଉପସ୍ଥିତିରେ, ଆମେ ଗର୍ବର ସହିତ ଢିଙ୍କିଆ, ପାରାଦୀପଠାରେ **JSW ଉତ୍କଳ ଷ୍ଟିଲ୍ ପ୍ଲାଣ୍ଟ** ପ୍ରକଳ୍ପ ର ଶୁଭାରମ୍ଭ କରୁଛୁ ।

ଉପସ୍ଥିତ ଗରିମାମୟ ଅତିଥିବୃନ୍ଦ - ଶ୍ରୀ ବିଭୂତି ଭୂଷଣ ଜେନା, ମାନ୍ୟବର ବିଧାୟକ, ଗୋପାଳପୁର ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ, ଓଡିଶା ସରକାର, ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ, ପାରାଦୀପ ଏବଂ ଶିଳ୍ପ ମନ୍ତ୍ରୀ, ଓଡିଶା ସରକାର, ଶ୍ରୀ ବିଭୁ ପ୍ରସାଦ ତରାଇ, ମାନ୍ୟବର ସାଂସଦ, ଜଗତସିଂହପୁର, ଶ୍ରୀ ଶାରଦା ପ୍ରସନ୍ନ ଜେନା, ମାନ୍ୟବର ବିଧାୟକ, ବାଲିକୁଦା-ଏରସମା, ଶ୍ରୀ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ, ଜଗତସିଂହପୁର, ଶ୍ରୀ ରମାକାନ୍ତ ଭୋଇ, ମାନ୍ୟବର ବିଧାୟକ, ତିର୍ତ୍ତୋଲ, ଶ୍ରୀ ଡି. କେ. ସିଂହ, ଉନ୍ନୟନ କମିଶନର, ଓଡିଶା ସରକାର, ଶ୍ରୀ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ, ଶିଳ୍ପ ଓ ଲୋକ ସମ୍ପର୍କ), ଓଡିଶା ସରକାର, ଶ୍ରୀ ସଜ୍ଜନ ଜିନ୍ଦଲ, ଚେୟାରମ୍ୟାନ, JSW ଗ୍ରୁପ୍, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, ଜେଏମଡି ଓ ସିଇଓ, JSW ଷ୍ଟିଲ୍ ଏବଂ ଶ୍ରୀ ଅରୁଣ ମାହେଶ୍ୱରୀ, ନିର୍ଦ୍ଦେଶକ - ବାଣିଜ୍ୟ ଓ ବିପଣନ, JSW ଷ୍ଟିଲ୍ ।

ଭାରତର ସର୍ବାଧିକ ଇସ୍ପାତ ଉତ୍ପାଦନକାରୀ ରାଜ୍ୟ ଭାବେ ଓଡିଶାର ଉଦୟ ଏବଂ ଦେଶର **'ମିଶନ ପୂର୍ବୋଦୟ'** ରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟରେ, JSWର ଏହି ନିବେଶ ପୂର୍ବ ଭାରତର ଶିଳ୍ପାୟନ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ ।

**ଓଡିଶାର ଜଗତସିଂହପୁରରେ** ରଣନୀତିଗତ ଭାବେ ସ୍ଥାପିତ ଏହି ବିଶ୍ୱସ୍ତରୀୟ ଷ୍ଟିଲ୍ ପ୍ଲାଣ୍ଟ, **୧୩.୨ MTPA ଏବଂ ତଦୁର୍ଦ୍ଧ୍ୱ** କ୍ଷମତା ସହ, ହଜାର ହଜାର ରୋଜଗାର ସୁଯୋଗ ସୃଷ୍ଟି କରିବା ସହ ସହଯୋଗୀ ଶିଳ୍ପକୁ ସୁଦୃଢ଼ କରିବ ଏବଂ ଓଡିଶାକୁ ଏକ ଅଗ୍ରଣୀ ଶିଳ୍ପ ଓ ଆର୍ଥିକ ଶକ୍ତିକେନ୍ଦ୍ର ଭାବେ ଆହୁରି ସଶକ୍ତ କରିବ ।

**ଏକ ଶକ୍ତିଶାଳୀ, ଆତ୍ମନିର୍ଭର ଭାରତ ଗଠନ ଦିଗରେ ଆଉ ଏକ ପଦକ୍ଷେପ ।**



**ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟଙ୍କୁ ନବୀନଙ୍କ ପରାମର୍ଶ**

# ଗରିବ ଲୋକଙ୍କୁ ଦିଆଯାଉ ଆଇନ ସହାୟତା



ଭୁବନେଶ୍ୱର,୨୬।୫(ସମିସ): ବିଜେଡି ଲିଗାଲ ଫ୍ରଣ୍ଟର ସଭ୍ୟମାନେ ମଙ୍ଗଳବାର ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟକୁ ଆହୁରି ମଜବୁତ୍ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ସରକାର ଅବହେଳା କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ଶ୍ରୀ ପଟ୍ଟନାୟକ ଲିଗାଲ ଫ୍ରଣ୍ଟର ସଭ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

ସାଧାରଣ ଲୋକ ଯେପରି ବ୍ୟବସ୍ଥାରୁ ନ୍ୟାୟ ପାଇ ପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ନବୀନ ଗୁରୁତ୍ୱାରୋପ

**ଅନ୍ୟାୟ ବିରୋଧୀ ଲଢ଼େଇରେ ଲୋକଙ୍କୁ ସହଯୋଗ କର**

କରିଛନ୍ତି । ଏହା ସହିତ ଆଇନ ସହାୟତା ଆବଶ୍ୟକ କରୁଥିବା ଗରିବ ଲୋକଙ୍କୁ ମଧ୍ୟ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।। ଏହି ସାକ୍ଷାତ ସମୟରେ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟ ମିଳନ କାନୁନଗୋ, ମନୋଜ ବର୍ମା, ସିଦ୍ଧାର୍ଥ ଦାସ ଓ ସୁରେଶ ବାରିକଙ୍କ ସହିତ ଅନ୍ୟମାନେ ଯୋଗେ ଦେଇ ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ କିଭଳି ଆହୁରି ମଜବୁତ୍ ହୋଇ ପାରିବ, ସେ ସମ୍ପର୍କରେ ଦଳ ସଭାପତିଙ୍କୁ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।

# ପାଇଖାନା ଟାଙ୍କିରେ ଗଲା ୬ ଜୀବନ

ମ.ରାମପୁର, ୨୬।୫ (ସମିସ): କଳାହାଣ୍ଡି ଜିଲ୍ଲା ମ. ରାମପୁର ଥାନା ଅଧୀନ କରଲାଖୁଣ୍ଟା ଗ୍ରାମରେ ବଡ଼ଧରଣର ଏକ ଅଘଟଣ ଘଟିଛି। ନିର୍ମାଣାଧୀନ ଶୌଚାଳୟ ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ବାପା-ପୁଅଙ୍କ ସମେତ ୬ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏହି ଘଟଣା ଜିଲ୍ଲାବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତକମାନେ ହେଲେ, ଗ୍ରାମର ନିମାଇଁ ଚରଣ ପାଲ (୪୮), ତାଙ୍କ ପୁଅ ଆକାଶ ପାଲ(୨୮), ଶ୍ରମିକ ଅଦଲ ମାଝୀ (୫୫), ମାଟୋଗଣ୍ଡା ଗାଁର ମନୋରଞ୍ଜନ ହାତୀ(୨୭), ଦୁଟାଗାଁର ଛନ୍ଦା ଜାଲ ଓ ବୈକୁଣ୍ଠ ଜାଲ। ସେହିପରି ଏହି ଅଘଟଣରେ ହାତୀଖୋଜ ଗାଁର ପଙ୍କଜ ଜାନୀ (୩୨) ଗୁରୁତର ଅସୁସ୍ଥ ହୋଇଛନ୍ତି। ତାଙ୍କୁ ପ୍ରଥମେ ମ.ରାମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଗ୍ରାମର ନିମାଇଁ ପାଲ ଘରେ ନୂତନ ପାଇଖାନା ଟାଙ୍କି ତିଆରି କରିଥିଲେ। ଆଜି ତାହାର ସେଣ୍ଟ୍ରିଂ ଖୋଲା ହେବାର ଥିଲା। ଏଥିପାଇଁ ୫ ଜଣ ଶ୍ରମିକ ଆସିଥିଲେ। ପ୍ରଥମେ ଜଣେ ଶ୍ରମିକ ଟାଙ୍କି ଭିତରେ ପଶିଥିଲେ। କିନ୍ତୁ





କିଛି ସମୟ ପର୍ଯ୍ୟନ୍ତ ସୋରଶବ୍ଦ ଶୁଣାନଯିବାରୁ ବାହାରେ ଥିବା ଶ୍ରମିକଙ୍କ ସନ୍ଦେହ ହୋଇଥିଲା। ପରେ ଜଣଜଣ କରି ୫ଜଣଯାକ ଟାଙ୍କି ଭିତରକୁ ପଶିଥିଲେ। ଏପରିକି, ଶେଷରେ ଘର ମାଲିକ ନିମାଇଁ ପାଲ ଓ ତାଙ୍କ ପୁଅ ଆକାଶ ମଧ୍ୟ ଟାଙ୍କି ଭିତରେ ପଶିଥିଲେ। ଭିତରେ ଅମ୍ଳଜାନ ଅଭାବରୁ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ବହୁ କଷ୍ଟରେ ପଙ୍କଜଙ୍କୁ ଉଦ୍ଧାର କରିବାରୁ ସେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଅଗ୍ନିଶମ ବାହିନର ଘଟଣାସ୍ଥଳରେ ପହଞ୍ଚି ଏକ ଜେସିବି ସାହାଯ୍ୟରେ ପାଇଖାନା ଟାଙ୍କିର ଛାତ ଭାଙ୍ଗି ମୃତକମାନଙ୍କୁ ଉଦ୍ଧାର କରିଥିଲେ।

ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରଭାତ ପରିଡ଼ାଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ନର୍ଲା ବ୍ଲକ୍ ଅଧ୍ୟକ୍ଷ ମୁନା ମହାନ୍ତି, ବିଡିଓ ଶରତ କୁମାର ସେଠୀ, ତହସିଲଦାର ମୀମାଂସା ସାହୁ, ମ. ରାମପୁର ପୁଲିସ କବିତା ବାଗ, ଅଭିମନ୍ୟୁ ରାଓ, ସତ୍ୟ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ରେଡକ୍ରସ୍ ପାଣ୍ଠିରୁ ତୁରନ୍ତ ନଗଦ ରାଶି ପ୍ରଦାନ କରାଯାଇଥିଲା ଏବଂ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି ପ୍ରତ୍ୟେକ ମୃତ ପରିବାରକୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ଦେବା ପାଇଁ ଘୋଷଣା କରିଛନ୍ତି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ଥାନାରେ ଥାର୍ଡ ଡିଗ୍ରୀ; ମା'-ପୁଅ ଲହୁଲୁହାଣ

ରାଜନଗର, ୨୬।୫ (ସମିସ): ଥାନା ଭିତରେ ମହିଳାଙ୍କ ଚୁଟି ଘୋଷାଡ଼ିବା ସହ ତାଙ୍କୁ ଅର୍ଦ୍ଧ ଉଲଗ୍ନ କରି ମାଡ଼। ଖାଲି ସେତିକି ନୁହେଁ, ମହିଳାଙ୍କ ଆଗରେ ତାଙ୍କ ପୁଅକୁ ଥାନା ପାଇଖାନା ଭିତରେ ପୂରାଇ ନିର୍ଘାତ ମାଡ଼। କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଭିତରେ ପୁଲିସ୍‌ର ଥାର୍ଡ ଡିଗ୍ରୀରେ ମା'-ପୁଅ ଗୁରୁତର

- ତାଳଚୁଆ ସାମୁଦ୍ରିକ ଥାନାର ପୁଲିସର ବର୍ବରତା
- ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି

ହେବା ଭଳି ଏକ ସାଂଘାତିକ ଘଟଣା ପଦାକୁ ଆସିଛି। ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମା'-ପୁଅଙ୍କ ଉପରେ ୬ ଘଣ୍ଟା ଧରି ପୁଲିସର ଏପରି ବର୍ବରତାକୁ ନେଇରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁତରଦ୍ୱୟ ହେଲେ,ବାଘମାରୀ ପଞ୍ଚାୟତ ଗିରିଆପାହୀ ଗାଁର ପବନ କୁମାର ମଣ୍ଡଳଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମଣ୍ଡଳ (୫୮) ଓ ତାଙ୍କ ପୁଅ ଅନନ୍ତ କୁମାର ମଣ୍ଡଳ। ଆଜି ମା'-ପୁଅଙ୍କୁ ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ନପୂର୍ଣ୍ଣାଙ୍କ ହାତରେ ମାଡ଼ ଚିହ୍ନ ଥିବାବେଳେ ଅନନ୍ତଙ୍କ ବେକ, ହାତ, ଗୋଡ, ପିଠିରେ ମାଡ଼ ଚିହ୍ନ ରହିଛି। ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ଓ ଅନ୍ୟ ଜଣେ କନଷ୍ଟେବଳ ମିଳିତ ଭାବେ ସେମାନଙ୍କୁ ମାଡ଼ ମାରିଥିଲେ ବୋଲି ଆଜି ସେମାନେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।





ପୁଲିସର ଥାର୍ଡ ଡିଗ୍ରୀ ଭିଡିଓ ଥାନାର ସିସିଟିଭିରେ ରହିଛି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ଅନ୍ନପୂର୍ଣ୍ଣାଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୫ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ପୁଅ ଅନନ୍ତ ସହ ସେ ଥାନାକୁ ଏକ ଅଭିଯୋଗ ନେଇ ଯାଇଥିଲେ। କିନ୍ତୁ, ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନା ଏତଲା ରଖିବା ବଦଳରେ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଅନ୍ନପୂର୍ଣ୍ଣାଙ୍କୁ ଚୁଟି ଘୋଷାଡ଼ି ଅର୍ଦ୍ଧ ଉଲଗ୍ନ କରି ମାଡ଼ ମାରିଥିଲେ। ତାଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରିବା ସହ ତାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିଲେ। ସେତିକିରେ ତାଙ୍କ ରାଗ ଶାନ୍ତ ହୋଇନଥିଲା ଯେ ତାଙ୍କ ଆଖି ଆଗରେ ପୁଅ ଅନନ୍ତଙ୍କୁ ଥାନା ପାଇଖାନା ଭିତରେ ପୂରାଇ ଆଇଆଇସି ଓ ଅନ୍ୟ ଜଣେ କନଷ୍ଟେବଳ ନିସ୍ତୁକ ମାଡ଼ ମାରିଥିଲେ। ବିଧା, ଗୋଇଠା, ଚାପୁଡ଼ା ମାରିବା ସହ ଏକ ବାଡ଼ିରେ ଅତି ନିର୍ଦ୍ଦୟ ଭାବେ ପିଟିଥିଲେ। ଏପରିକି, ଅନନ୍ତଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବା ଓ ମିଛ ମାମଲାରେ ଫସାଇ ଜେଲ ପଠାଇଦେବାକୁ ଆଇଆଇସି ଧମକ ଦେଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ମାଆ-ପୁଅଙ୍କୁ ସନ୍ଧ୍ୟା ୬ଟାରୁ ରାତି ୧୧ଟା ୪୦ ଯାଏଁ ଥାନାରେ ରଖି ନିର୍ଯାତନା ଦେବା ପରେ ପୁଲିସ ଛାଡ଼ିଥିଲା ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଏସଡିପିଓ ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗ ମିଳିଛି, ଏସ୍‌ପିଙ୍କୁ ଜଣାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ପାଇପ୍ ଫାଟି ଘରେ ପଶିଲା ଏନ୍‌ଟିପିସିର ପାଉଁଶ ପାଣି

କଣିହାଁ,୨୬।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ ଗ୍ରାମର ନିମତଇଳା ସାହିରେ ସୋମବାର ଅପରାହ୍ନରେ ଏନ୍‌ଟିପିସିର ପାଉଁଶ ସ୍ଲରି ପାଇପ୍ ଫାଟି ଘରେ ପାଉଁଶ ପାଣି ପଶିଛି। ଗ୍ରାମର ୩ଟି ପରିବାର ଏଥିରେ ପ୍ରଭାବିତ ହୋଇଥିବା ବେଳେ ଘରୋଇ ସାମଗ୍ରୀ ଓ ଗୋରୁ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଏନ୍‌ଟିପିସି କଣିହାଁ ପ୍ଲାଣ୍ଟ ପରିସରରେ ଥିବା ଏମ୍‌ଜିଆର୍ ଅଞ୍ଚଳରେ ସୋମବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଫ୍ଲସିଂ କାର୍ଯ୍ୟ ଚାଲିଥିବା ବେଳେ ଆସ୍-୨ ଏଫ୍ ସ୍ଲରି ପାଇପଲାଇନରେ ଲିକେଜ୍ ହୋଇଥିଲା। ଉଚ୍ଚ ଚାପରେ ପାଉଁଶ ମିଶ୍ରିତ ପାଣି ବାହାରି ପ୍ଲାଣ୍ଟ ସୀମା ବାହାରକୁ ପ୍ରସାରିତ ହୋଇ ବିଜିଗୋଳ



ଗ୍ରାମର ନିମତଇଳା ସାହିରେ ପଶି ଯାଇଥିଲା। ଫଳରେ ସାହିର ଗଣେଶ୍ୱର ପାଣି, ବାଲୁଙ୍କେଶ୍ୱର ପାଣି ଓ ମନୋଜ କୁମାର ପାଣିଙ୍କ ଘର ପ୍ରଭାବିତ ହୋଇଥିଲା। ଘର ଭିତରକୁ ପାଉଁଶ ପାଣି ପଶିବାରୁ ଆସବାବପତ୍ର, ଗାଈ ଗୁହାଳ ଓ ଗୋରୁଙ୍କ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି। ସେହିପରି ରାସ୍ତା ଉପରେ ପାଉଁଶ ପାଣି ବହିଯାଇଥିବାରୁ କିଛି ସମୟ ପର୍ଯ୍ୟନ୍ତ ଲୋକମାନେ ଘରୁ ବାହାରି ପାରିନଥିଲେ। ପାଉଁଶ ପାଣି ଚାଷ ଜମିକୁ ମାଡ଼ିଯାଇ ଏକର ଏକର ପତିତ ଜମି ଉପରେ ପାଉଁଶର ଆସ୍ତରଣ ଜମିଥିବା ମଧ୍ୟ ଦେଖିବାକୁ ମିଳିଛି। ଘଟଣା ପରେ ଏନ୍‌ଟିପିସିର ସାଇଟ୍ ଟିମ୍ ତୁରନ୍ତ ପ୍ରଭାବିତ ଅଞ୍ଚଳକୁ ପହଞ୍ଚି ନିୟନ୍ତ୍ରଣ, ପରିଷ୍କାର ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରାଯାଇଥିବା ବେଳେ ପାଉଁଶପାଣିକୁ ହଟାଇବାକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ସନ୍ଧ୍ୟା ସମୟରେ ଏନ୍‌ଟିପିସି ଥାନା ଆଇଆଇସି ଓ ଏନ୍‌ଟିପିସି ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଘଟଣାର ମୂଳ କାରଣ ଚିହ୍ନଟ କରିବା ସହ ଭବିଷ୍ୟତରେ ଏପରି ଘଟଣା ପୁନରାବୃତ୍ତି ନହେବା ପାଇଁ ବିସ୍ତୃତ ଟେକ୍ନିକାଲ୍ ତଦନ୍ତ ଆରମ୍ଭ ହୋଇଥିବା ଏନଟିପିସି ପକ୍ଷରୁ କୁହାଯାଇଛି।

# ବାଲିଅନ୍ତା ଭିଡ଼ ହତ୍ୟା: ଆଉ ଜଣେ ଗିରଫ

ଭୁବନେଶ୍ୱର,୨୬।୫(ସମିସ): ବାଲିଅନ୍ତା ଅଞ୍ଚଳରେ ଘଟିଥିବା ଚାଞ୍ଚଲ୍ୟକର ଭିଡ଼ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ବିନୋଦ କୁମାର ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ବିନୋଦଙ୍କ ବୟସ ୪୮ ଓ ତାଙ୍କ ଘର ଭୁବନେଶ୍ୱର ସତ୍ୟନଗର ଅଞ୍ଚଳରେ। ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁର ଅଞ୍ଚଳରୁ ଗିରଫ କରାଯାଇଛି। ସେ ସୌମ୍ୟଙ୍କୁ ବାଉଁଶରେ ପିଟିଥିବା ନେଇ କ୍ରାଇମ୍‌ବ୍ରାଞ୍ଚକୁ ପ୍ରମାଣ ମିଳିଛି। ବିନୋଦଙ୍କ ଗିରଫପରେ ଗିରଫଦାରୀ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି।

**ଗିରଫଦାରୀ ସଂଖ୍ୟା ୧୬କୁ ବୃଦ୍ଧି**

କ୍ରାଇମବ୍ରାଞ୍ଚ ସୂଚନା ଅନୁସାରେ ବିନୋଦକୁ ଗତକାଲି (ସୋମବାର) ବିଳମ୍ବିତ ରାତିରେ କେନ୍ଦ୍ରାପଡା ଜିଲ୍ଲା ଇନ୍ଦୁପୁରରୁ କାବୁ କରାଯାଇଥିଲା। ସୌମ୍ୟଙ୍କୁ ବିନୋଦ ମାଡ଼ ମାରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି । ଇତିମଧ୍ୟରେ ମୋଟ୍ ୧୬ ଅଭିଯୁକ୍ତ ଗିରଫ ହୋଇ ଜେଲକୁ ଯାଇଥିବା ବେଳେ ଆଉ ବହୁ ଅଭିଯୁକ୍ତ ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବାକୁ ଖୋଜା ଚାଲିଛି। ଯେଉଁମାନେ ଫେରାର ଅଭିଯୁକ୍ତଙ୍କୁ ଆଶ୍ରୟ ଦେଉଛନ୍ତି; ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

**ମୁଖ୍ୟମନ୍ତ୍ରୀ ନିରବ, ରାଜସ୍ୱ ମନ୍ତ୍ରୀ ମୁଖର**

# ମନ୍ତ୍ରୀ ଆଶାୟୀଙ୍କ ଆଶା ସୁରେଶ

ଭୁବନେଶ୍ୱର,୨୬।୫(ସମିସ): ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିରବ । ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ବିଜେପି ସଭାପତି ବାରମ୍ବାର କହୁଛନ୍ତି । ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଚାଲିଛି। ଏହି ସମୟରେ

- ଯେ କୌଣସି ମୁହୂର୍ତ୍ତରେ ହୋଇପାରେ ମନ୍ତ୍ରିମଣ୍ଡଳ ଅଦଳବଦଳ
- ଦିଲ୍ଲୀ ଗସ୍ତରେ ଅଛନ୍ତି ମୁଖ୍ୟମନ୍ତ୍ରୀ, ରାଜ୍ୟ ବିଜେପି ସଭାପତି

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପୁଣିଥରେ ଖୁବ୍ ଶୀଘ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ହେବ ବୋଲି ସୂଚନା ଦେଇ ମନ୍ତ୍ରୀ ଆଶାୟୀଙ୍କ ଆଶା ଦୀପରେ ଘିଅ ଢ଼ାଳିଛନ୍ତି। କେଇଦିନ ତଳେ ମନ୍ତ୍ରୀ ନିଗମ ଓ ବୋର୍ଡର୍ ନିଯୁକ୍ତି ଶୀଘ୍ର ହେବ ବୋଲି କହିଥିଲେ, ମାତ୍ର ଆଜିଯାଏ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବା ଅଦଳବଦଳ କେବେ ହେବ ତାହା ସ୍ପଷ୍ଟ ହୋଇପାରୁ ନାହିଁ ।

ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂରଣ ହେଉଛି। ଏହାରି ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ମନମୋହନ ସାମଲ ଦିଲ୍ଲୀଗସ୍ତରେ ଅଛନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କହିଛନ୍ତି। ପୂର୍ବରୁ ଅନେକ ଥର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଅନେକ ଚର୍ଚ୍ଚା, ଆଲୋଚନା ହୋଇଥିଲେ ହେଁ ଏହା ଫଳବତୀ ହୋଇପାରି ନାହିଁ। ତେବେ ବର୍ତ୍ତମାନ ରାଜ୍ୟରେ ରାଜନୈତିକ ପାଣିପାଗ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ଦୃଢ଼ୋକ୍ତି ଦେଖିଲେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆଶା ଉଜ୍ଜ୍ୱଳ ହୋଇଛି। ମାତ୍ର ଯେଉଁମାନେ ୨ ବର୍ଷ ହେଲା ମନ୍ତ୍ରୀ ଅଛନ୍ତି, ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ପୂର୍ବରୁ ସେମାନଙ୍କୁ ବାଦ ଦେବା ଠିକ୍ ବାର୍ତ୍ତା ଦେବ ନାହିଁ ବୋଲି କେତେକ ମହଲରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉଭୟ ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓ ଅନ୍ୟ ବରିଷ୍ଠ ନେତାଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକୁ ସୌଜନ୍ୟମୂଳକ କୁହାଯାଉଥିଲେ ହେଁ ରାଜ୍ୟର ସାମ୍ପ୍ରତିକ ସ୍ଥିତି ଏବଂ ମନ୍ତ୍ରିମଣ୍ଡଳ ନବକଳେବର ମୁଖ୍ୟ ପ୍ରସଙ୍ଗ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଗତ ସପ୍ତାହରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜ୍ୟରେ ମନ୍ତ୍ରୀମାନଙ୍କର ରିପୋର୍ଟ କାର୍ଡ, ସାଂଗଠନିକ ସ୍ଥିତି ଏବଂ ସରକାରଙ୍କ କାର୍ଯ୍ୟଦକ୍ଷତା ରିପୋର୍ଟ ସାଙ୍ଗରେ ଧରି ଦିଲ୍ଲୀ ଫେରିଥିଲେ। ଏହାକୁ ଆଧାର କରି ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆସନ୍ନ ବୋଲି ଚର୍ଚ୍ଚା ଜୋର ଧରିଛି। କେବଳ ମନ୍ତ୍ରିମଣ୍ଡଳର କଳେବର ବୃଦ୍ଧି ନୁହେଁ, ବରଂ ବିଭିନ୍ନ ନିଗମ ଓ ବୋର୍ଡର ଅଧ୍ୟକ୍ଷ ପଦବୀ ପାଇଁ ମଧ୍ୟ ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଦଳ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଉପରେ ବିଚାର ବିମର୍ଶ ଚାଲିଛି। ବିଶେଷକରି ଦୀର୍ଘଦିନ ଧରି ଆଶା ରଖିଥିବା ଓ ଦଳ ପାଇଁ ନିରନ୍ତର କାମ କରୁଥିବା ବରିଷ୍ଠ ନେତା ତଥା ବିଧାୟକମାନଙ୍କୁ ଏହି ସବୁ ସ୍ଥାନରେ ଖୁବଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ୨୮ରୁ ଭୀଷଣ କାଳବୈଶାଖୀ

ଭୁବନେଶ୍ୱର,୨୬।୫(ସମିସ):ରାଜ୍ୟରେ ଆହୁରି ଦୁଇଦିନ ପର୍ଯ୍ୟନ୍ତ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବ। ଏହା ପରେ ଅର୍ଥାତ ୨୮ ତାରିଖ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ ଓ ଭୀଷଣ କାଳବୈଶାଖୀ ଆରମ୍ଭ ହେବ। ୨୮ ଓ ୨୯ ରେ କାଳବୈଶାଖୀର ପ୍ରଭାବ ଯଥେଷ୍ଟ ଅଧିକ ରହିବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ହୋଇଥିଲେ ମଧ୍ୟ ବର୍ତ୍ତମାନ ରହୁଥିବା ଆର୍ଦ୍ରତା ହେତୁ ଭୀଷଣ ଗୁଳୁଗୁଳି ଅନୁଭୂତ ହୋଇଛି। ଆଜି ସବୁ ସହରରେ ତାପମାତ୍ରା ୪୫ ଡିଗ୍ରୀ ତଳକୁ ଖସିଥିଲେ ମଧ୍ୟ ତାତି ସାଙ୍ଗକୁ ଗୁଳୁଗୁଳରୁ ନିସ୍ତାର ମିଳିନାହିଁ। ଟିଟିଲାଗଡ଼ରେ ତାପମାତ୍ରା ୪୪.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୪.୪, ଭବାନୀପାଟଣା ଓ ନୂଆପଡ଼ାରେ ତାପମାତ୍ରା ୪୪ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି।

**ଅଂଶୁଘାତ ନେଲାଣି ୪ ଜୀବନ**

ଅନ୍ୟପଟେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ମୋଟ ୧୪୫ ଜଣ ଅଂଶୁଘାତରେ ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବି ନାରାୟଣ ମିଶ୍ର କହିଛନ୍ତି ଯେ ପ୍ରବଳ ଖରା ଘାତକ ସାଜିଛି। ଏଥିପାଇଁ ଅଂଶୁଘାତ ଆକ୍ରାନ୍ତ ବଢ଼ି ଚାଲିଛି। ରାଜ୍ୟରେ ଏପର୍ଯ୍ୟନ୍ତ ୧୪୫ ଜଣ ବ୍ୟକ୍ତି ଅଂଶୁଘାତରେ ଶିକାର ହୋଇଛନ୍ତି। ଏହାରି ମଧ୍ୟରୁ ଅନେକ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଆଉ ଅନେକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଂଶୁଘାତ ମୃତ୍ୟୁ ଅଭିଯୋଗର ଯୁଗ୍ମ ତଦନ୍ତ କରାଯାଉଛି।

**ଅଲ୍-କାଏଦା ଆତଙ୍କବାଦୀ ଲିଙ୍କ ମାମଲା**

# ୧୧ବର୍ଷ ପରେ ଅବଦୁର ଦୋଷମୁକ୍ତ

କଟକ, ୨୬।୫ (ସମିସ): ବହୁଚର୍ଚ୍ଚିତ ଅଲକାଏଦା ଆତଙ୍କବାଦୀ ଲିଙ୍କ୍ ଘଟଣାରେ ଗିରଫ ଅବଦୁର ରହେମାନଙ୍କୁ ଆଜି କଟକ ଜିଲ୍ଲା ଓ ଦୌରା ଅଦାଲତ ଦୋଷମୁକ୍ତ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପୂର୍ବରୁ କେବଳ ଦିଲ୍ଲୀର ସ୍ୱତନ୍ତ୍ର ଅଦାଲତ ତାଙ୍କୁ ୭ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ଯାହାକୁ ସେ ଭୋଗ କରି ସାରିଥିବା ଜଣାପଡ଼ିଛି। ସେହିପରି, ଜାମସେଦପୁର ଅଦାଲତ ମଧ୍ୟ ଅବଦୁରକୁ ଦୋଷମୁକ୍ତ କରିଛନ୍ତି।



ସୂଚନାଯୋଗ୍ୟ, ଅଲ୍-କାଏଦା ଇଣ୍ଡିଆନ୍ ସବ୍-କଣ୍ଟିନେଣ୍ଟ (ଏକ୍ୟୁଆଇଏସ) ସହ ସଂପୃକ୍ତି ଅଭିଯୋଗରେ ୨୦୧୫ ଡିସେମ୍ବର ୧୬ରେ ଅବଦୁର ରହେମାନଙ୍କୁ ଗିରଫ କରାଯାଇଥିଲା। ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏବଂ ଓଡ଼ିଶା ପୁଲିସର ଏକ ମିଳିତ ଟିମ୍ କଟକ ଜଗତପୁରର ପଶ୍ଚିମକଚ୍ଛ ଗ୍ରାମରୁ ତାଙ୍କୁ ଗିରଫ କରିଥିଲେ। ଏହି ଗ୍ରାମ ନିକଟବର୍ତ୍ତୀ ବିଲତେରୁଆଁ ଗ୍ରାମରେ ଏକ ମଦ୍ରାସା କରି ବିଭିନ୍ନ ରାଜ୍ୟର ପିଲାଙ୍କୁ ଆଣି ଶିକ୍ଷା ଦେଉଥିଲେ। ଏପରକି, ସେ ଆତଙ୍କୀ ସଂଗଠନରୁ ଅର୍ଥ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଗିରଫଦାରୀ ପରେ ତାଙ୍କ ବିରୋଧରେ ବିଭିନ୍ନ ସଂସ୍ଥା ଦ୍ୱାରା ୩ଟି ମାମଲା ରୁଜୁ ହୋଇଥିଲା। ରହେମାନ ବିରୋଧରେ ପ୍ରଥମ ମାମଲା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ରୁଜୁ କରିଥିଲା। ଦ୍ୱିତୀୟ ମାମଲା ଜାମସେଦପୁର ପୁଲିସ ଦାୟର କରିଥିଲା ବେଳେ ତୃତୀୟ ମାମଲାଟି ସ୍ଥାନୀୟ କଟକ କମିଶନରେଟ୍ ପୁଲିସ ପକ୍ଷରୁ ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲାର ଗମ୍ଭୀରତା ଏବଂ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାକୁ ଓଡ଼ିଶା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଏହି ମାମଲାରେ ଅବଦୁର ବିରୋଧରେ ଦେଶଦ୍ରୋହ ଦଫା ଲଗାଇ ତଦନ୍ତ ଚଳାଇଥିଲା।



# ଇଭି ନୀତି ଅସ୍ପଷ୍ଟ

## ସବ୍‌ସିଡି ନେଇ ଦ୍ୱନ୍ଦ୍ୱରେ ଗ୍ରାହକ

ଭୁବନେଶ୍ୱର, ୨୬।୫ (ସମିସ): ସାରା ଦେଶରେ ତୈଳ ସଂକଟ ସାଙ୍ଗକୁ ଦର ବୃଦ୍ଧି ଗ୍ରାହକଙ୍କୁ ନାକେଦମ କରିଛି। ଏପରି ସ୍ଥିତିରେ ଇଭି ଗାଡ଼ି ବ୍ୟବହାରକୁ କିପରି ବୃଦ୍ଧି କରାଯାଇପାରିବ ସେନେଇ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଜୋର ଦେଉଛନ୍ତି। ହେଲେ ଓଡ଼ିଶାରେ ଇଭି ଗାଡ଼ିକୁ ପ୍ରୋତ୍ସାହନ ଓ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ତତ୍‌କାଳୀନ ବିଜେଡି ସରକାର ୨୦୨୧ ମସିହାରେ ପ୍ରଥମ ଥର ଇଭି-ନୀତି ଆଣିଥିଲେ। ଇଭି ଗାଡ଼ିକୁ ଆପଣାଇବା ପାଇଁ ପ୍ରାରମ୍ଭିକ ଭାବେ ପ୍ରୋତ୍ସାହନ ବ୍ୟବସ୍ଥା ରଖାଯାଇଥିଲା। ଏହି ନୀତିର ଅବଧି ଗତ ଡିସେମ୍ବର ୨୦୨୫ରେ ଶେଷ ହୋଇଛି। ହେଲେ ଇତିମଧ୍ୟରେ ରାଜ୍ୟ ସରକାର ଏହାର ନବୀକରଣ ବା ନୂଆ ନୀତି ପ୍ରଣୟନ କରିନାହାନ୍ତି । ପୂର୍ବ ଇଭି-ନୀତିର ଅବଧି ଶେଷ ହେବା ପୂର୍ବରୁ ଗତ ୨୦୨୫ ସେପ୍ଟେମ୍ବର ୯ ତାରିଖରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏକ ୫ ବର୍ଷିଆ ଇଭି ନୀତିର ଚିଠା ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ୮

**ଚିଠା ବିଜ୍ଞପ୍ତିର ୮ ମାସ ପରେ ବି ଆସିପାରୁନି ଚୂଡ଼ାନ୍ତ ନୀତି**

**ଜୁନରେ ବର୍ଦ୍ଧିତ ଅବଧି ଶେଷ ପୂର୍ବରୁ ଆସିବ ତ ନୂଆ ନୀତି?**

ମାସ ବିତିଯିବା ପରେ ବି ଏହାର ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିବାରେ ବିଭାଗ ସମ୍ପୂର୍ଣ୍ଣ ଫେଲ୍ ମାରିଛି।

୨୦୨୫ ଡିସେମ୍ବରରେ ପୁରୁଣା ଇଭି ନୀତିର ଅବଧି ଶେଷ ହେବା ପରେ ସରକାର ଇତିମଧ୍ୟରେ ୨ ଥର ଏହି ନୀତିର ଅବଧିକୁ ବୃଦ୍ଧି କରିଛନ୍ତି। ଶେଷ ନିର୍ଦ୍ଦେଶନାମା ଆଧାରରେ ଏହି ନୀତିକୁ ଜୁନ୍ ମାସ ଶେଷ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। ହେଲେ ପୁରୁଣା ନୀତି ଓ ସରକାରଙ୍କ ପକ୍ଷରୁ ପ୍ରକାଶ ଚିଠା ବିଜ୍ଞପ୍ତି ନୀତିରେ କିଛି ନୂତନ ନିଷ୍ପତ୍ତି ଯୋଗୁଁ ଏହା ଆହୁରି ଗୋଳମାଳିଆ ସ୍ଥିତି ସୃଷ୍ଟି କରିଛି। କାରଣ ପୂର୍ବ ନୀତିରେ ୨ ଚକିଆ ଇଭି ଗାଡ଼ି ପାଇଁ ସର୍ବାଧିକ ୨୦ ହଜାର ଟଙ୍କା ସବସିଡି ବ୍ୟବସ୍ଥା ଥିବା ବେଳେ ନୂତନ ପ୍ରକାଶିତ ଚିଠା ବିଜ୍ଞପ୍ତିରେ ସର୍ବାଧିକ ୩୦ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା। ଏହାବ୍ୟତୀତ ରାଜ୍ୟ ଜିଏସ୍‌ଟି ଭାଗ ମଧ୍ୟ ଶୂନ ପ୍ରତିଶତ ରହିବ ବୋଲି ଏଥିରେ ଦର୍ଶାଯାଇଥିଲା। ମାତ୍ର ନୂତନ ନୀତି ଲାଗୁ ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ଇଭି ଗାଡ଼ି କିଣିବା ପାଇଁ ମିଳି ଆସୁଥିବା ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ମଧ୍ୟ ବନ୍ଦ କରି ଦିଆଯାଇଛି।

୨୦୨୧ରୁ ୨୦୨୫ ମଧ୍ୟରେ ମୋଟ୍ ଯାନବାହନ ସଂଖ୍ୟାରେ ୨୦ ପ୍ରତିଶତ ଇଭି ଚାଳନା ପାଇଁ ଲକ୍ଷ୍ୟ ରହିଥିଲେ ହେଁ ଏହି ହାର ମାତ୍ର ୯ ପ୍ରତିଶତରେ ସୀମିତ ରହିଛି। ଅନ୍ୟପଟେ ବିଭାଗ ପକ୍ଷରୁ ପ୍ରକାଶିତ ନୂତନ ଚିଠା ବିଜ୍ଞପ୍ତିରେ ୨୦୩୦ ସୁଦ୍ଧା ରାଜ୍ୟର ଗାଡ଼ି ସଂଖ୍ୟାର ୫୦ ପ୍ରତିଶତ ଇଭିକୁ ପରିବର୍ତ୍ତନ ଲକ୍ଷ୍ୟ ରହିଛି। ୨୦୩୬ ଅର୍ଥାତ ଓଡ଼ିଶାକୁ ଶହେ ବର୍ଷ ବେଳକୁ ଏହି ସଂଖ୍ୟା ୭୦ ଓ ୨୦୪୭ ସୁଦ୍ଧା ମୋଟ୍ ଗାଡ଼ିର ୮୦ ପ୍ରତିଶତ ଇଭି ରହିଥିବ ବୋଲି ସରକାର ଯୋଜନା କରିଛନ୍ତି। ମାତ୍ର ଯେଉଁ ଧାରାରେ ଇଭି କ୍ରୟ ଅଗ୍ରଗତି ଘଟୁଛି, ଧାର୍ଯ୍ୟ ଅବଧି ମଧ୍ୟରେ ଲକ୍ଷ୍ୟ ପୂର୍ଣ୍ଣ ହୋଇ ପାରିବାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଯେଉଁମାନେ ଇଭି ଗାଡ଼ି କିଣିବା ପାଇଁ ଶୋ'ରୁମ ଯାଉଛନ୍ତି, ସେମାନଙ୍କୁ ଗାଡ଼ି ଡେଲିଭରୀ ତାରିଖ ଜୁଲାଇ ମାସ କିମ୍ବା ଅଗଷ୍ଟ ମାସ ମିଳୁଛି। ଯେହେତୁ ଜୁନ୍‌ରେ ପୁରୁଣା ନୀତିର ଅବଧି ଶେଷ ହେଉଛି ଓ ନୂତନ ନୀତି ଆଣିବାରେ ସରକାର ଏପର୍ଯ୍ୟନ୍ତ ବିଫଳ ହେଉଛନ୍ତି, ତେଣୁ ସମ୍ପୃକ୍ତ ଗ୍ରାହକମାନଙ୍କୁ ସବସିଡି ମିଳିବ କି ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପରିବହନ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ସରକାର ଚିଠା ବିଜ୍ଞପ୍ତି ପ୍ରକାଶ କରି ୬୦ ଦିନ ପର୍ଯ୍ୟନ୍ତ ଆପତ୍ତି ଓ ପରାମର୍ଶ ଆହ୍ୱାନ କରିଥିଲେ। ଚିଠା ବିଜ୍ଞପ୍ତିରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଇ ଅନେକ ପରାମର୍ଶ ମିଳିଥିଲା। ଏଥିପାଇଁ ବିଭାଗ ଅକଳରେ ପଡ଼ିଥିବା ବେଳେ ସମୟଉପଯୋଗୀ ନୀତି ପ୍ରସ୍ତୁତି ଏବେ ବିଭାଗ ପାଇଁ କାଠିକର ପାଠ ହୋଇପଡ଼ିଛି।



ବିଧ୍ୱଂସୀ ପାଟିଦାର୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-328 ♦WEDNESDAY ♦27 MAY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୨୮ ♦ବୁଧବାର ♦୨୭ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବିବାହ ନାଁରେ ମହାଠକେଇ; ୪୨ ବର ଶିଶୁପାଳ



■ ଦେବାସ (ମଧ୍ୟପ୍ରଦେଶ), ୨୬।୫(ଏଜେନ୍ସି): ବିବାହ କରି ଘରକୁ ବୋହୂ ଆଣିବାର ବଡ଼ ସ୍ୱପ୍ନ ନେଇ ଗତ ମଇ ୨୪ ତାରିଖ ସକାଳୁ ୪୨ ଜଣ ବର ଓ ସେମାନଙ୍କ ସମ୍ପର୍କୀୟମାନେ ଦେବାସର ରାଧାଗଞ୍ଜ କ୍ଲବ୍ ପଡ଼ିଆରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ ସେମାନଙ୍କ ପାଇଁ ଅପେକ୍ଷା କରିଥିଲା ଏକ ବଡ଼ ବିଶ୍ୱାସଘାତକତା। ପଡ଼ିଆରେ ନା ଥିଲା କୌଣସି ବିବାହ ମଣ୍ଡପ, ନା ଥିଲା ଭୋଜିଭାତର ବ୍ୟବସ୍ଥା, ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେଠାରେ କୌଣସି କନ୍ୟା ମଧ ନଥିଲେ। ଆୟୋଜକ ମୁକେଶ ବୈରାଗୀ ଏବଂ ତାଙ୍କ ପତ୍ନୀ ସୁନୀତା ବରପକ୍ଷଙ୍କୁ ଦୀର୍ଘ ସମୟ ଧରି ଠକି ଚାଲିଥିଲେ। ଇନ୍ଦୋରରୁ ଅନାଥ ଆଶ୍ରମର କନ୍ୟାମାନେ ଆସୁଛନ୍ତି ବୋଲି କହି ସେମାନେ ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ବିଭିନ୍ନ ବାହାନା ଦେଖାଇ ସମସ୍ତଙ୍କୁ ଅଟକାଇ ରଖିଥିଲେ। ପରେ ଜଣାପଡ଼ିଥିଲା ଯେ, ସେମାନେ ସୋସିଆଲ ମିଡିଆରୁ ମଡେଲ ଓ ଯୁବତୀମାନଙ୍କ ଫଟୋ ଡାଉନଲୋଡ୍ କରି ମୋବାଇଲ୍ ମାଧ୍ୟମରେ ପରିବାର ଲୋକଙ୍କୁ ଦେଖାଇ ଏହି ମହାଠକେଇର ଜାଲ ବିଛାଇଥିଲେ ଏବଂ ସେମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ମଧ୍ୟ ଆଦାୟ କରିଥିଲେ। ଏହି ସାଂଘାତିକ ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅତିରିକ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଜୟବୀର ଭାଦୋରିଆଙ୍କ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅଭିଷେକଙ୍କ ବୟାନ ▶ପୃଷ୍ଠା-୭

## ପୁଲିସ ମୁଖ୍ୟାଳୟ ନିକଟରେ ଖୋଲିଲା 'ମଦଛତ୍ର'



■ ଚଣ୍ଡୀଗଡ଼, ୨୬।୫ (ଏଜେନ୍ସି): ଧାର୍ମିକ କିମ୍ବା ସାମାଜିକ କାର୍ଯ୍ୟକ୍ରମରେ ମାଗଣା ଖାଦ୍ୟ ବଣ୍ଟନ ବା 'ଭଣ୍ଡାରା' ଆୟୋଜନ ହେବା କଥା ସମସ୍ତେ ଜାଣନ୍ତି। ମାତ୍ର ଚଣ୍ଡୀଗଡ଼ରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ବ୍ୟକ୍ତି ସମସ୍ତ ସୀମା ପାର୍ କରି ମଦର ଏକ ଭଣ୍ଡାରା ବା ଛତ୍ର ଆୟୋଜନ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଉକ୍ତ ବ୍ୟକ୍ତି ଜଣକ ପୋଲିସ ପ୍ରଶାସନକୁ ଭୟ ନକରି ସହରର ସବୁଠାରୁ ସୁରକ୍ଷିତ କୁହାଯାଉଥିବା ପୋଲିସ ମୁଖ୍ୟାଳୟଠାରୁ ମାତ୍ର ୩୦୦ ମିଟର ଦୂରତାରେ ଏହି ମାଗଣା ମଦ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସେଠାରେ ସେ ଲୋକମାନଙ୍କୁ ମାଗଣାରେ ମଦ ପରସିବା ଆରମ୍ଭ କରିଦେଇଥିଲେ। ଏହି କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ପୋଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମଦ ବଣ୍ଟନକୁ ବନ୍ଦ କରିବା ସହ ଉକ୍ତ ଆୟୋଜକ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହା ସହିତ ସେଠାରୁ ବିପୁଳ ପରିମାଣର ମଦ ମଧ୍ୟ ଜବତ କରାଯାଇଛି। ଏହି ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଆଇନ ଶୃଙ୍ଖଳାକୁ ବୁଢ଼ା ଆଙ୍ଗୁଠି ଦେଖାଇ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ କଡ଼ା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବଢ଼ିଲା ତେଲ; ଅଟକିଲା ଚକ

## ୧୯ ଲକ୍ଷ ଟ୍ରକ ଚଳାଚଳ ବନ୍ଦ; ମାଲ୍ ଭଡା ୧୫% ମହଙ୍ଗା



■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୬।୫ (ଏଜେନ୍ସି): ଦେଶରେ ଇନ୍ଧନ ଅଭାବକୁ ବଳିଗଲା ତେଲ ତାତି। ଗତ ୧୦ ଦିନ ମଧ୍ୟରେ ୪ ଥର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପରିବହ ବ୍ୟବସ୍ଥାକୁ ଅଚଳ କରିଦେଇଛି। ପରିବହନ କମ୍ପାନୀଗୁଡିକ କ୍ଷତିରେ ଗାଡ଼ି ଚଳାଇବାକୁ ଚାହୁଁ ନ ଥିବାରୁ ସାରା ଦେଶରେ ଗତ ଏକ ସପ୍ତାହ ମଧ୍ୟରେ ୧୯ ଲକ୍ଷ ଟ୍ରକ୍ ଚଳାଚଳ ବନ୍ଦ ରହିଛି। ଡିଜେଲ ଅଭାବ ଓ ଉଚ୍ଚ ତେଲ ଦର ଯୋଗୁଁ କିଛି ପରିବହନ କମ୍ପାନୀ ଧାର୍ଯ୍ୟ ଭଡ଼ା ଉପରେ 'ଫୁଏଲ୍ ସରଚାର୍ଜ' ଲାଗୁ କରିଛନ୍ତି । ଅନ୍ୟ କିଛି ପରିବହନ କମ୍ପାନୀ ସିଧାସଳଖ ମାଲ ପରିବହନ ଭଡ଼ା ୧୦%ରୁ ୧୫% ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏପରିକି ସ୍ଥାନୀୟ ପରିବହନ ଭଡ଼ା ବି ବୃଦ୍ଧି ହୋଇଛି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିଛି। ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ର ପରିବହନ ସହ ଜଡ଼ିତ ଥିବାରୁ ପୂରା ବଜାର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ ଦେଶର ଅନ୍ୟାନ୍ୟ ଅଞ୍ଚଳ ପରି ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମ ଅଞ୍ଚଳରେ ବି ପର୍ଯ୍ୟାପ୍ତ ଡିଜେଲ ପେଟ୍ରୋଲ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଏକ ରିପୋର୍ଟ ଅନୁସାରେ ସାରା ଦେଶରେ ଚଳାଚଳ କରୁଥିବା ୯୫ ଲକ୍ଷ ଟ୍ରକ୍ ମଧ୍ୟରୁ ପ୍ରାୟ ୨୦% ଅର୍ଥାତ୍ ୧୯ ଲକ୍ଷ ଟ୍ରକ ଏବେ ପରିବହନ କାର୍ଯ୍ୟରୁ ବନ୍ଦ ରହିଛି। ଡିଜେଲ ଅଭାବ ଯୋଗୁ ଦେଶର ବିଭିନ୍ନ ଜାତୀୟ ରାଜପଥ ପାଶ୍ୱର୍ରେ ପେଟ୍ରୋଲ ପମ୍ପଗୁଡ଼ିକରେ ଲମ୍ବା ଧାଡ଼ି ଲାଗିଛି। ତେଣୁ ଶୀଘ୍ର ନଷ୍ଟ ହୋଇ ଯାଉଥିବା ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଟ୍ରକ୍ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ଡିଜେଲ ମୂଲ୍ୟ ବୃଦ୍ଧି ଓ ଯୋଗାଣ ସମସ୍ୟା କାରଣରୁ ଟ୍ରାନ୍ସପୋର୍ଟ କମ୍ପାନୀମାନେ ମାଲ ଭଡ଼ା ବୃଦ୍ଧି କରିଛନ୍ତି। ପଶ୍ଚିମ ▶ପୃଷ୍ଠା-୭

## ଠକିଦେଲା ମୌସୁମୀ



### ପ୍ରଚଣ୍ଡ ଖରାରେ ସନ୍ତୁଳିତ ସାରା ଦେଶ

■ ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଦେଶବାସୀଙ୍କୁ ଚାତକ ଭଳି ଚାହିଁ ରହିବାକୁ ପଡ଼ିବ। ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଭାରତରେ ପ୍ରବେଶ କରିବ ବୋଲି ଯେଉଁ ଆଶା କରାଯାଉଥିଲା, ତାହା ଏବେ ମଉଳି ଯାଇଛି। ପାଣିପାଗ ।।ରେ ହଠାତ୍ ପରିବର୍ତ୍ତନ ଯୋଗୁଁ ବର୍ଷାର ଆଗମନ ସମୟ ସୀମା ପଛକୁ ଘୁଞ୍ଚି ଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରଥମେ କୁହାଯାଇଥିଲା ଯେ ମଇ ମାସ ୨୬ ତାରିଖ ବେଳକୁ ମୌସୁମୀ ବାୟୁ କେରଳ ଛୁଇଁବ। ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ କେରଳ ଛୁଇଁଥାଏ। ତେଣୁ ଚଳିତ ବର୍ଷ ୫ ଦିନ ପୂର୍ବରୁ ବର୍ଷା ହେବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। ପ୍ରଚଣ୍ଡ ଖରାରେ ସନ୍ତୁଳିତ ହେଉଥିବା ସାରା ଦେଶ ଚାହିଁ ବସିଥିବା ବେଳେ ଶେଷରେ ନିରାଶ ହେବାକୁ ପଡ଼ିଛି।

ଏସଂପର୍କରେ ପାଣିପାଗ ବିଶେଷଜ୍ଞ କହିଛନ୍ତି ।।ଯେ ମୌସୁମୀ ବାୟୁ କୌଣସି ନିର୍ଦ୍ଧାରିତ ସମୟ ସାରଣୀ ଅନୁଯାୟୀ ଚାଲେ ନାହିଁ। ଏହା ସମୁଦ୍ରର ତାପମାତ୍ରା, ପବନର ଗତି ଏବଂ ବାୟୁମଣ୍ଡଳୀୟ ଚାପ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ମୌସୁମୀ ଆଗମନ ଘୋଷଣା କରିବା ପାଇଁ ୩ଟି ମୁଖ୍ୟ ସର୍ତ୍ତ ପୂରଣ ହେବା ଆବଶ୍ୟକ। କେରଳର ଚିହ୍ନଟ ହୋଇଥିବା ୧୪ଟି ପାଣିପାଗ କେନ୍ଦ୍ର ମଧ୍ୟରୁ ଅତିକମରେ ଶତକଡ଼ା ୬୦ ଭାଗ କେନ୍ଦ୍ରରେ କ୍ରମାଗତ ଦୁଇ ଦିନ ଧରି ନିର୍ଦ୍ଦିଷ୍ଟ ପରିମାଣର ବର୍ଷା ହେବା ଦରକାର। ପବନର ଗତି ଅନୁକୂଳ ହେବା ଆବଶ୍ୟକ। ▶ପୃଷ୍ଠା-୭






## ଗାଁ ଦାଣ୍ଡରୁ ଟେକିନେଇ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ

■ ଭୁବନେଶ୍ୱର, ୨୬।୫ (ସମିସ): ରାତି ତ ରାତି, ଦିନ ବା ସଞ୍ଜ ବି ଆଉ ସୁରକ୍ଷିତ ନୁହେଁ । ଖୋଦ ରାଜଧାନୀ ଉପାନ୍ତରେ ବି ଝିଅ ଓ ମହିଳାମାନେ ଘରୁ ବାହାରିବା ସୁରକ୍ଷିତ ମଣୁ ନାହାନ୍ତି। ଦ୍ୱୈତନଗରୀ ପୁଲିସ କମିସନରେଟ୍ ଅଧୀନରେ ଘଟିଥିବା ଏକ ବର୍ବର ଘଟଣା ରାଜ୍ୟରେ ପୁଲିସ ବ୍ୟବସ୍ଥା ଓ ଆଇନଶୃଙ୍ଖଳାକୁ ନେଇ ପୁଣି ପ୍ରଶ୍ନ ଉଠାଇଛି। ସନ୍ଧ୍ୟାରେ ଘର ନିକଟରେ ଗାଁ ଦାଣ୍ଡରେ ଖେଳୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ଦୁଷ୍କର୍ମ ଘଟଣା ପୁଲିସ ପ୍ରତି ଲୋକଙ୍କ ଭୟହୀନତାକୁ ପୁଣି ପ୍ରମାଣିତ କରିଛି। ଦୁର୍ବୃତ୍ତ ସମ୍ପୃକ୍ତ ଛାତ୍ରୀଙ୍କୁ ବଳପୂର୍ବକ ଉଠାଇ ନେଇ ଏକ ପରିତ୍ୟକ୍ତ ଘରେ ଯୌନ ଯାତନା ଦେଇଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁସାରେ ଚଳିତବର୍ଷ ଦଶମ ଶ୍ରେଣୀ ପାସ୍ କରିଥିବା ୧୬ ବର୍ଷୀୟା ସମ୍ପୃକ୍ତ ଛାତ୍ରୀ ନିଜ ପରିବାର ସହ ହରିପୁର ଗ୍ରାମରେ ରହୁଛନ୍ତି। ସନ୍ଧ୍ୟା ବେଳେ ଛାତ୍ରୀ ଜଣକ ଘର ନିକଟସ୍ଥ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ବାପି ମହାପାତ୍ର ପଛପଟୁ ଛାତ୍ରୀଙ୍କ ପାଟିକୁ କପଡ଼ାରେ ଚାପି ଧରି ଟେକି ନେଇ କିଛି ଦୂରରେ ଏକ ପରିତ୍ୟକ୍ତ ଘରକୁ ନେଇ ଯାଇଥିଲା। ଛାତ୍ରୀ ଜଣକ ଖସିଯିବାକୁ ଉଦ୍ୟମ କରି ଛାଟିପିଟି ହେଉଥିବା ବେଳେ ବାପି ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ଦୁଷ୍କର୍ମ କରିଥିଲା। ମୁହଁ ବନ୍ଦ ▶ପୃଷ୍ଠା-୭

## ବୁବୁନ ସାହୁ ଓସିଏସ୍ ଟପ୍ପର୍



■ କଟକ, ୨୬।୫ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ) ମୁଖ୍ୟ ପରୀକ୍ଷା-୨୦୨୪ର ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରଶାସନିକ ପଦବୀରେ ନିଯୁକ୍ତି ପାଇଁ କୃତକାର୍ଯ୍ୟ ହୋଇଥିବା ମୋଟ ୨୦୦ଜଣ ପ୍ରାର୍ଥୀଙ୍କ ନାମ ସୁପାରିସ କରିଛି ଓପିଏସ୍‌ସି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋଟ ୭୮ଜଣ ମହିଳା ରହିଛନ୍ତି। ପ୍ରକାଶିତ ଚୂଡ଼ାନ୍ତ ମେଧା ତାଲିକା ଅନୁସାରେ ବୁବୁନ ସାହୁ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ସିଭିଲ ସର୍ଭିସେସ୍ ପରୀକ୍ଷାରେ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଶୋଭନା ମହାନ୍ତି, ତୃତୀୟ ସ୍ଥାନରେ ଜିତାମିତ୍ର ସାହୁ, ଚତୁର୍ଥ ସ୍ଥାନରେ କନକ ଜୈନ, ପଞ୍ଚମ ସ୍ଥାନରେ ସଂଗ୍ରାମ ପ୍ରଧାନ, ଷଷ୍ଠ ସ୍ଥାନରେ ଅମନ ଗୋଏଲ, ସପ୍ତମ ▶ପୃଷ୍ଠା-୭

**୧୩.୯୨ କୋଟି ଋଣ ଠକେଇ**

## ୩ ମହିଳା ବ୍ୟାଙ୍କ୍ ଅଧିକାରୀ ଗିରଫ

■ ଭୁବନେଶ୍ୱର, ୨୬।୫ (ସମିସ): ଋଣ ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପୁଲିସ ୩ଜଣ ମହିଳା ବ୍ୟାଙ୍କ କର୍ମଚାରୀ ବୈଶାଖୀ ଶାହା, ଚାରୁବାଳା ଦଣ୍ଡସେନା ଓ ସରିତା ପାଇକରାୟଙ୍କୁ ଗିରଫ କରିଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୪ଟି ଶାଖାରୁ ଜାଲ୍ ଦସ୍ତାବିଜ୍ ଦେଇ ୧୩.୯୨ କୋଟି ଟଙ୍କାର ୨୮୨ଟି ଏକ୍ସପ୍ରେସ୍ କ୍ରେଡିଟ୍ ଲୋନ୍ ଠକେଇ ହୋଇଥିଲା। ଏସ୍‌ବିଆଇ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଶିବ ସୁନ୍ଦର ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୂର୍ବରୁ ସ୍ମୃତି ରଞ୍ଜନ ମହାନ୍ତି ନାମକ ଜଣେ ମଧ୍ୟସ୍ଥଙ୍କୁ ଇଓଡବ୍ଲୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ ମେ' ୨୦୨୨ରୁ ନଭେମ୍ବର ୨୦୨୩ ମଧ୍ୟରେ ରେଳ ବିହାର ଶାଖାରୁ ୧୫୦, ଫର୍ଚ୍ଚୁନ୍ ଟାୱାର ଶାଖାରୁ ୧୧୫, ପଟିଆ ଶାଖାରୁ ୮ ଓ ଡମଣା ଶାଖାରୁ ୯ଟିକୁ ମିଶାଇ ମୋଟ ୨୮୨ଟି ଏକ୍ସପ୍ରେସ୍ ▶ପୃଷ୍ଠା-୭



## ପିପିଲିରେ ପ୍ରାଚୀନ ସଭ୍ୟତା ଆବିଷ୍କାର

# ଦୟାନଦୀର ବାମ କୂଳରୁ ବିରଳ ପ୍ରତ୍ନତାତ୍ତ୍ୱିକ ଅବଶେଷର ସନ୍ଧାନ

ପିପିଲି,୨୬।୫(ସମିସ)







ପିପିଲି ବ୍ଲକ୍ ଓରକଳ ପଞ୍ଚାୟତ, ଦୟାନଦୀର ବାମ କୂଳରୁ ଅନେକ ବିରଳ ପ୍ରତ୍ନତାତ୍ତ୍ୱିକ ଅବଶେଷର ସନ୍ଧାନ ମିଳିଛି । ଗୋବର୍ଦ୍ଧନପୁର ଗ୍ରାମର ବାସିନ୍ଦା ସୁକାନ୍ତ ସ୍ୱାଇଁଙ୍କଠାରୁ ସୂଚନା ପ୍ରାପ୍ତ କରି ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରାଧ୍ୟାପକ ଡ. ଅନାମ ବେହେରା ଏବଂ ଗବେଷକ ନିରଞ୍ଜନ ରାଉତ ଓ ତାଙ୍କ ସହ ସ୍ନାତକୋତ୍ତର ୨ୟ ବର୍ଷର ଦୁଇ ଛାତ୍ର ଅସିତ୍ ଜେନା ଏବଂ ସଂଘମ୍ ସ୍ୱାଇଁଙ୍କ ଦ୍ୱାରା ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଯାଇଥିଲା । ସର୍ବେକ୍ଷଣ କରାଯାଇଥିବା ସ୍ଥାନଟି ତାମ୍ର ପ୍ରସ୍ତର ଯୁଗର ବସତି ସୁଆବରେଇଠାରୁ ଦେଢ଼ କିଲୋମିଟର, ଅର୍ଜ୍ଜୁନେଶ୍ୱର ମନ୍ଦିରଠାରୁ ୧କିମି ଦୂରରେ ଅବସ୍ଥିତ ।

ଗୋବର୍ଦ୍ଧନପୁର ଗ୍ରାମ ନିକଟସ୍ଥ ଦୟାନଦୀର ବାମ ପାଶ୍ୱର୍ରେ କିଛିଦିନ ପୂର୍ବେ ଏକ ଜୈନ ତୀର୍ଥଙ୍କର ମୂର୍ତ୍ତି ଯାହା ପରବର୍ତ୍ତୀ ସମୟରେ ପ୍ରଥମ ତୀର୍ଥଙ୍କର, ଋଷଭନାଥଙ୍କର ବୋଲି ଚିହ୍ନଟ କରାଗଲା । ଏହସହ ଏକ ଭଗ୍ନ ନାଗ ମୂର୍ତ୍ତି ଉଦ୍ଧାର କରାଯାଇଥିଲା । ଉକ୍ତ ତଥ୍ୟକୁ ଭିତ୍ତି କରି ଦୟା ନଦୀର ଅବବାହିକାରେ ଏକ ବ୍ୟାପକ ସର୍ଭେକ୍ଷଣ କରାଯାଇଥିଲା, ଯାହାଦ୍ୱାରା ବିରଳ ଏକାଦଶ ଶତାବ୍ଦୀର ଏକ ହନୁମାନ ମୂର୍ତ୍ତି ସମେତ ବଡ଼ ବଡ଼ ଇଟା ଖଣ୍ଡ, ମାଟି ନିର୍ମିତ ନନ୍ଦ, ଦାବର୍, ମାଳି, ଜାଳକଣ୍ଠା ଏବଂ ପ୍ରାଚୀନ ଐତିହାସିକ ଯୁଗର ଅନେକ ଖପରା, ଶୁଖିଯାଇଥିବା ନଦୀ ଶଯ୍ୟାରେ ଦେଖିବାକୁ ମିଳିଲା । ଉକ୍ତ ଜାଗାଟି ସୁଆବରେଇ, ତାମ୍ର ପ୍ରସ୍ତର ବସତିଠାରୁ ନିକଟରେ ଅବସ୍ଥିତ ହୋଇଥିବାରୁ ଏଠାରେ ତାମ୍ର ପ୍ରସ୍ତର ଯୁଗର ପରବର୍ତ୍ତୀ ସମୟର ବସ୍ତି ସମୂହ ଦେଖିବାକୁ ମିଳେ । ନିକଟ ଅତୀତରେ ଟିକରପଡ଼ା ଗ୍ରାମ ତଥା ଅର୍ଜ୍ଜୁନେଶ୍ୱର ମନ୍ଦିର ପାଖରୁ ଅଶୋକଙ୍କ ପରବର୍ତ୍ତୀ ସମୟର ପ୍ରତ୍ନତାତ୍ତ୍ୱିକ ସାମଗ୍ରୀମାନ ଠାବ କରାଯାଇଥିଲା । ଉକ୍ତ ଠାବ କରାଯାଇଥିବା ବସ୍ତୁ ସମୂହକୁ ଏକତ୍ରିତ କରି ବିଶ୍ଳେଷଣ କଲେ ଜଣାଯାଏ ଯେ, ସୁଆବରେଇ, ତାମ୍ର ପ୍ରସ୍ତର ଯୁଗର ବସତି ଯାହା କି ୪୦୦୦ ବର୍ଷ ପୁରୁଣା ମାନବ ଇତିହାସକୁ ଉପସ୍ଥାପିତ କରେ । ଏହିଠାରୁ ଶିଶୁପାଳଗଡ଼, ଧଉଳି ୨୪୦୦ରୁ ୨୨୦୦ ବର୍ଷର ଇତିହାସକୁ ପ୍ରମାଣିତ କରେ । ଟିକରପଡ଼ା, ଅର୍ଜୁନେଶ୍ୱର, ଓ ଗୋବର୍ଦ୍ଧନପୁର ଅଞ୍ଚଳରୁ ମିଳୁଥିବା ପ୍ରତ୍ନତାତ୍ତ୍ୱିକ ବସ୍ତୁ ସମୂହ ମୌର୍ଯ୍ୟ ଏବଂ ତା'ର ପରବର୍ତ୍ତୀ ସମୟର କୁଶାଣ ଓ ଗୁପ୍ତ କାଳର ଏକ ଧାରାବାହିକ ଐତିହାସିକ ଚିତ୍ର ପ୍ରଦାନ କରୁଛି ।

ଗୋବର୍ଦ୍ଧନପୁର ଗ୍ରାମ ନିକଟରେ ମିଳୁଥିବା ଜୈନ ମୂର୍ତ୍ତି, ଭଗ୍ନ ନାଗ ମୂର୍ତ୍ତି ଏବଂ ହନୁମାନ ମୂର୍ତ୍ତି, ନବମ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏକ ଐତିହାସିକ ପୃଷ୍ଠଭୂମିକୁ ପ୍ରଦର୍ଶିତ କରୁଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ଓରକଳ ଗ୍ରାମ ନିକଟସ୍ଥ ଦୟାନଦୀ ମଧ୍ୟଭାଗରେ ଏକ ଭଗ୍ନ ମନ୍ଦିରର ଅବଶେଷ ଏବେ ମଧ୍ୟ ଦେଖିବାକୁ ମିଳେ । ଏଥିରେ ଅନୁମାନ କରାଯାଏ, ଦୟାନଦୀ ବିଗତ ବର୍ଷମାନଙ୍କ ମଧ୍ୟରେ ଅନେକାଂଶରେ ତା'ର ଗତିପଥ ପରିବର୍ତ୍ତନ କରିଛି । ଯେଉଁ କାରଣରୁ ସଦ୍ୟ ଠାବ କରାଯାଇଥିବା ପ୍ରତ୍ନତାତ୍ତ୍ୱିକ ବସ୍ତୁ ସମୂହ ନଦୀ ଶୁଖିଯାଇଥିବାରୁ ନଦୀର ତଟବର୍ତ୍ତି ସ୍ଥାନରୁ ଦେଖିବାକୁ ମିଳୁଛି । ଏହା ଉପରେ ଭୌଗୋଳିକ, ଭୂତତ୍ତ୍ୱବିତ୍ ଓ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମିଳିତ ଗବେଷଣା କରାଗଲେ ଅତୀତର ଅନେକ ଲୁକ୍କାୟିତ କଥା ଉନ୍ମୋଚିତ ହୋଇପାରନ୍ତା ।

## ଦୀର୍ଘ ୨୫ ବର୍ଷ ପରେ ଦୋଷ ମୁକ୍ତ

ବଳଙ୍ଗା,୨୬।୫(ସମିସ): ଏକ ବଧୂ ନିର୍ଯାତନା ମାମଲାର ବିଚାର ହୋଇ ଦୀର୍ଘ ୨୫ ବର୍ଷ ପରେ ଫଳାଫଳ ଶୁଣାଣି ହୋଇଛି । ଏଥିରେ ଅନେକ ବ୍ୟକ୍ତିଙ୍କ ସାକ୍ଷ୍ୟକୁ ବିଚାର କରାଯାଇ ସମ୍ପୃକ୍ତ ମୁଦାଲାଙ୍କୁ ଦୀର୍ଘ ୨୫ ବର୍ଷ ପରେ ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ଜଣାଯାଇଛି । ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ବସ୍ତିର ସୟଦ ଆଖାରଙ୍କୁ ଗୋପ ମୁସ୍‌ଲିମ ବସ୍ତିର ସେକ୍ ସଦାକତଙ୍କ ଝିଅ ମୁନିଜା ବିବି ୨୦୦୧ ଜୁଲାଇ ୧୫ ତାରିଖରେ ମୁସ୍‌ଲମାନ ପ୍ରଥା ଅନୁଯାୟୀ ବିବାହ କରିଥିଲେ । ବିବାହର ୬ରୁ ୭ ମାସ ପରେ ମୁନିଜା ବିବିଙ୍କୁ ଶାଶୂଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାର ତାଙ୍କ ବଡ଼ ଭାଇ ୫.୧୧.୨୦୦୨ରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବଳଙ୍ଗା ଥାନା ପୁଲିସ ଏତଲାକୁ ଆଧାର କରି ୪୯୮ (କ), ୩୨୪, ୨୯୪, ୫୦୬ ଏବଂ ସେକ୍ସନ୍ ୪ ଡିପି ଆକ୍ଟ ଲଗାଇ ମୋକଦ୍ଦମା ରୁଜୁ କରି ଓ ଜିଆର୍ କେସ୍ ନଂ ୭୨୧/୦୨ରେ ନିମାପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗରେ ମୋକଦ୍ଦମା ଚାଲି ଆସୁଥିଲା । ଦୀର୍ଘ ୨୫ ବର୍ଷ ମଧ୍ୟରେ କୋର୍ଟ ବିଭିନ୍ନ ସମୟରେ ୧୦ରୁ ୧୨ ଜଣଙ୍କ ସାକ୍ଷ୍ୟକୁ ବିଚାରକୁ ନେଇ ମଙ୍ଗଳବାର ସମସ୍ତ ମୁଦାଲାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମୁଦାଲାମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଯାଇଛି । ଉକ୍ତ ମୋକଦ୍ଦମାକୁ ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ପତି ପରିଚାଳନା କରୁଥିଲେ । ଉକ୍ତ ମୋକଦ୍ଦମାର ତଦନ୍ତକାରୀ ଅଧିକାରୀ ଧରାଛୁଆଁ ଦେଇ ନ ଥିଲେ । ନ୍ୟାୟ ପାଇବାକୁ ହେଲେ ୨୫ ବର୍ଷ ଅପେକ୍ଷା କରିବାକୁ ପଡ଼ିପାରେ ବୋଲି ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି ।

## ଲଙ୍କେଶ୍ୱରୀ କଳା ସଂସଦର ଦ୍ୱିତୀୟ ବାର୍ଷିକ ନୃତ୍ୟ ମହୋତ୍ସବ



ବଳଙ୍ଗା,୨୬।୫(ସମିସ): ବଳଙ୍ଗା ଶ୍ରୀଶ୍ରୀ ବକ୍ରେଶ୍ୱରଦେବଙ୍କ ମେଳଣ ପଡ଼ିଆରେ ଲଙ୍କେଶ୍ୱରୀ କଳା ସଂସଦ ତରଫରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମ ଦିନରେ କୁନିକୁନି କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ, ଭଜନ, ଧୁଡୁକି ନୃତ୍ୟ ଓ ଅନ୍ୟାନ୍ୟ ଲୋକନୃତ୍ୟ ପରିବେଷଣ ଅତ୍ୟନ୍ତ ମନୋମୁଗ୍ଧକର ଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ, ସମ୍ମାନିତ ଅତିଥି ଭାବେ ବଳଙ୍ଗା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ଶିକ୍ଷା ବିଭାଗର ମୁଖ୍ୟ ପ୍ରଦୋଷ କୁମାର ପତି, ଲଙ୍କେଶ୍ୱରୀ ମହିଳା ମହାବିଦ୍ୟାଳୟ ବେରବୋଇର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଶାଇଁସ ଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ମେଳଣ କମିଟିର ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସୁଧାଂଶୁ ମୋହନ ଲେଙ୍କା, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ପ୍ରକାଶ ସାହୁ, ରଶ୍ମି ରଞ୍ଜନ ସାହୁ, ବଳଭଦ୍ର ଜେନା ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ କଳା, ସଂସ୍କୃତି ଓ ପରମ୍ପରାକୁ କିପରି ଆଗାମୀ ଯୁବପିଢ଼ି ଆଗକୁ ନେଇ ଓଡ଼ିଶା ନାମ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିପାରିବେ ସେ ବିଷୟରେ ସୂଚନା ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ଗୁରୁ ଭଜମନ ସାହୁ କଳା ସଂସ୍କୃତି ବିନା ମଣିଷ ବଞ୍ଚିବା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟକ୍ଷା ଆଲିସା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁ ରଘୁନାଥ ପ୍ରଧାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଗୁରୁଶ୍ରୀ ଜଗନ୍ନାଥ ମଲ୍ଲିକ ଓ ରାହୁଲ ଜେନା ଲୋକନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ । ଭଜନ ନୃତ୍ୟ ଆଲିସା ମହାପାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ।

## ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ଦକ୍ଷତା ବିକାଶ କର୍ମଶାଳା




ନିମାପଡ଼ା,୨୬।୫(ସମିସ): ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସାକ୍ଷୀଗୋପାଳ ଓ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ସୌଜନ୍ୟରୁ ଉଦ୍ୟାନ କୃଷି କର୍ମଶାଳା ଓ ସମନ୍ୱିତ ସାର ବ୍ୟବହାର ସଚେତନତା କାର୍ଯ୍ୟକ୍ରମ ଶତାଧିକ କୃଷକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ନିମାପଡ଼ା ସହକାରୀ ଉଦ୍ୟାନ କୃଷି ଅଫିସର ଶୁଭଶ୍ରୀ କର, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ବିଷ୍ଣୁ ପ୍ରସାଦ ଗିରି, ଅର୍ଗାନିକ୍ ଟ୍ରେନର ସମୀର କୁମାର ବାରିକ ଯୋଗଦେଇ ଫଳ ଚାଷ, ଛତୁ ଚାଷ, ପନିପରିବା ଚାଷ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିବା ସହ ଜୈବିକ ସାରରେ ସଠିକ୍ ବ୍ୟବହାର କରି ଚାଷୀମାନେ କିପରି ଅଧିକ ଅମଳ କରିପାରିବେ ସେ ସମ୍ପର୍କରେ ବିଶଦ୍ ଭାବରେ ବୁଝାଇବା ସହିତ ତାଲିମ ପ୍ରଦାନ କରିଥିଲେ । କୃଷି କ୍ଷେତ୍ରରେ ଉତ୍କର୍ଷତା ପାଇଁ ଅଗ୍ରଣୀ ଚାଷୀ ବିପିନ ସାହୁ, ଆଦିକନ୍ଦ ରାଉତ ଓ ଯଦୁମଣି ସ୍ୱାଇଁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଅତିଥିଭାବେ ଅରିଷଣ୍ଡ ଗ୍ରାମ ପଞ୍ଚାୟତର ସରପଞ୍ଚ ଝିଲିଲତା ସେଠୀ, ନିମାପଡ଼ା ଏନ୍‌ଏସି କାଉନ୍‌ସିଲର ନିରଞ୍ଜନ ନାୟକ, ଉଦ୍ୟାନ କୃଷି ବିଭାଗରେ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟଭୂଷଣ ସ୍ୱାଇଁ ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ଅରିଷଣ୍ଡ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ୨୦୨୬ ମସିହା ରାଜ୍ୟ ସରକାରଙ୍କ କୃତୀ କୃଷକ ସମ୍ମାନରେ ସମ୍ମାନିତ ଆର୍ତ୍ତବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିଲେ । ଶେଷରେ "କୃଷି କୃଷକର ବିକାଶ, ଓଡ଼ିଶାର ବିକାଶ' ନାରା ଦିଆଯାଇଥିଲା ।

## ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ଚାରିଛକ,୨୬।୫(ସମିସ): ନିମାପଡ଼ା ନିର୍ବାଚନମଣ୍ଡଳୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶରେ "ଉତ୍କର୍ଷ ନିମାପଡ଼ା ୨.୦' କାର୍ଯ୍ୟକ୍ରମ ଅଧୀନରେ ବ୍ୟାପକ କ୍ରୀଡ଼ା ପ୍ରତିଯୋଗିତା ଜାରି ରହିଛି । ଏହି କ୍ରମରେ ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ତୁଳସୀପୁର ଓ ବାହାରଣା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ତୁଳସୀପୁର ପଞ୍ଚାୟତରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ନୋଡାଲ ଅଫିସର ଭାବେ ଏଲିନା ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅରକ୍ଷିତ ଭୋଇ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୁରଲୀଧର ପ୍ରଧାନ, ଶିକ୍ଷାବିତ୍ ତ୍ରିଲୋଚନ କର, ପ୍ରକାଶ ସାହୁ, ସମାଜସେବୀ ପ୍ରଫୁଲ୍ଲ ସାହୁ, ଏଏନ୍‌ଏମ୍ ଜୟନ୍ତୀ ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଆଶା କର୍ମୀମାନେ ଉପସ୍ଥିତ ଥିଲେ । ସେହିଭଳି ବାହାରଣା ପଞ୍ଚାୟତରେ ଆୟୋଜିତ ପ୍ରତିଯୋଗିତାରେ ନିମାପଡ଼ା ବ୍ଲକ୍ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୀଳମଣି ସ୍ମୃତି ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରମେଶ କୁମାର ରାଉତ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ମୁରଲୀଧର ପ୍ରଧାନ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ, ନୋଡାଲ ଅଫିସର ଲିପ୍ସା ପ୍ରିୟଦର୍ଶିନୀ ଦଳାଇ, ପଞ୍ଚାୟତ ଅଫିସର ପ୍ରିୟଙ୍କା ପ୍ରିୟଦର୍ଶିନୀ ଏବଂ ପ୍ରମେଶ ଖଟୋଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖେଳର ଶୁଭାରମ୍ଭ କରିଥିଲେ । ଏହି ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବଛା ବଛା କ୍ରିକେଟ ଖେଳାଳିଙ୍କୁ ନେଇ ମୋଟ୍ ୪ଟି ଦଳ ଗଠନ କରାଯାଇଛି । ଯାହା ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଉପମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ଏବଂ "ଉତ୍କର୍ଷ ନିମାପଡ଼ା ୨.୦' କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ କରାଯାଇଥିବା ଏହି ଆୟୋଜନକୁ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

## ପକ୍ଷାଘାତ ରୋଗୀଙ୍କ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

ନୟାହାଟ,୨୬।୫(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତର କରମଙ୍ଗା ଗ୍ରାମର ଜଣେ ପକ୍ଷାଘାତ ରୋଗୀଙ୍କ ଭତ୍ତା ଟଙ୍କା ହଡ଼ପ ହୋଇଥିବା ନେଇ ଗୋପ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି । ମଙ୍ଗଳବାର ପକ୍ଷାଘାତ ରୋଗୀ ଜଣକ ବ୍ଲକ୍‌ରେ ବିଡିଓଙ୍କୁ ଅଭିଯୋଗ କରି ମୋ ଭତ୍ତା ଟଙ୍କା ମୋତେ ଦିଅ ବୋଲି ଗୁହାରି କରିଛନ୍ତି ।

ବଉଳାଙ୍ଗ ପଞ୍ଚାୟତର କରମଙ୍ଗା ଗ୍ରାମର ଦୀନବନ୍ଧୁ ବେହେରା ଦୀର୍ଘ ବର୍ଷ ହେଲା ପକ୍ଷାଘାତ ରୋଗରେ ପୀଡ଼ିତ ଥିବାବେଳେ ଆଜକୁ ୩୦ ବର୍ଷ ହେବ ପତ୍ନୀଙ୍କଠାରୁ ଅଲଗା ହୋଇ ରହୁଛନ୍ତି । ବର୍ତ୍ତମାନ ଦୀନବନ୍ଧୁ ଜୀବନ ବଞ୍ଚାଇବା ପାଇଁ କଟକର ମହାତ୍ମା ଗାନ୍ଧୀ ପକ୍ଷାଘାତ ନିବାରଣ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ସରକାର ତାଙ୍କୁ ଭତ୍ତା ବାବଦରେ ୩୫୦୦ ଟଙ୍କା ଦେଇଥା'ନ୍ତି । ଆଜକୁ ୪ ମାସ ହେବ ଦୀନବନ୍ଧୁ ଭତ୍ତା ଟଙ୍କାରୁ ବଞ୍ଚିତ ଥିବାବେଳେ ଏହି ଟଙ୍କା ପାଇଁ ଦୀନବନ୍ଧୁ କଟକରୁ ଅନେକ ଥର ବଉଳାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ସରପଞ୍ଚଙ୍କୁ ଟଙ୍କା ମଗିବାରେ ସେ ତାଙ୍କୁ ଧକାମାରି ବାହାର କରିଦେଇଥିବା ବିଡିଓଙ୍କ ପାଖରେ ଅଭିଯୋଗ ହୋଇଛି ।



ଦୀନବନ୍ଧୁ ଗଣମାଧ୍ୟମକୁ କହିଛନ୍ତି, ମୋ ଭତ୍ତା ଟଙ୍କା ମୋ ଠାରୁ ଅଲଗା ହୋଇ ଚଳୁଥିବା ପତ୍ନୀକୁ ଦେଉଛନ୍ତି । ଭତ୍ତା ଟଙ୍କା ବଣ୍ଟନରେ ସରକାରଙ୍କ ନିୟମ ଅନୁସାରେ ଯିଏ ହିତାଧିକାରୀ ତା'ର ଟିପ ଚିହ୍ନ କିମ୍ବା ଦସ୍ତଖତ ଦେଲେ ତାଙ୍କୁ ଟଙ୍କା ପ୍ରଦାନ କରାଯିବା କଥା । ଦିବ୍ୟାଙ୍ଗମାନଙ୍କୁ ପ୍ରଶାସନ ଭତ୍ତା ଟଙ୍କା ତାଙ୍କ ଘରେ ପ୍ରଦାନ କରିବା କଥା । ଦୀନବନ୍ଧୁ ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ତାଙ୍କୁ କାହିଁକି ଟଙ୍କା ଦିଆଯାଉ ନାହିଁ ବୋଲି ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ପ୍ରଶ୍ନ ଉଠାଇଛନ୍ତି । ମଙ୍ଗଳବାର ଏକ ଅଟୋରେ ଦୀନବନ୍ଧୁ ତାଙ୍କ ଭଉଣୀଙ୍କ ସହିତ ଆସି ବ୍ଲକ୍‌ରେ ପହଞ୍ଚି ଅଭିଯୋଗ ଦେବା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ମୁଁ ଅଭିଯୋଗ ପାଇଛି । ଏ ସମ୍ପର୍କରେ ଗୋପ ବିଡିଓ ସୂର୍ଯ୍ୟକାନ୍ତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ତଦନ୍ତ ପରେ ପଦକ୍ଷେପ ନିଆଯିବ ।

## ସାଇବର କ୍ରାଇମ୍‌ରେ ଦିନମଜୁରିଆ ଅଟକ




ଅସ୍ତରଙ୍ଗ,୨୬।୫(ସମିସ): ଅସ୍ତରଙ୍ଗ ଅଞ୍ଚଳରୁ ଆସିଛି ଏକ ଚାଞ୍ଚଲ୍ୟକର ଘଟଣା । ଛତିଶଗଡ଼ ରାଜ୍ୟରୁ ସାଇବର ଫ୍ରଡ୍‌କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ମୋବାଇଲ ନମ୍ବର ଟ୍ରାକିଂ କରି ଅସ୍ତରଙ୍ଗ ବ୍ଲକ୍ ତାଳଦା ପଞ୍ଚାୟତ କୁଳସାହି ଗ୍ରାମର ସହଦେବ ମଲ୍ଲିକ ଯିଏକି ଜଣେ ଦିନମଜୁରିଆ ତାଙ୍କୁ ଅଟକ ରଖିବା ସହ ଅସ୍ତରଙ୍ଗ ଥାନାରେ କରୁଛନ୍ତି ପଚରାଉଚରା । ସହଦେବଙ୍କ ଧର୍ମପତ୍ନୀ କବିତା ମଲ୍ଲିକଙ୍କ ସୂଚନା ମୁତାବକ, ଛତିଶଗଡ଼ ରାୟପୁର ଅଞ୍ଚଳର କମାଡ଼ି ଥାନା ଅଞ୍ଚଳରେ ଏକ ସାଇବର ଅଭିଯୋଗ ହୋଇଥିଲା । ମୋବାଇଲ୍‌ରେ ଗୋଟେ ଆକାଉଣ୍ଟ ହ୍ୟାକ୍ କରାଯାଇ ମୋଟା ରକମର ଅର୍ଥ ହଡ଼ପ ହୋଇଛି । ଏହି ଅଭିଯୋଗର ତଦନ୍ତ କରି ଛତିଶଗଡ଼ ଖାମାଡ଼ି ଥାନାରୁ ସ୍ୱତନ୍ତ୍ର ଟିମ୍ ଆସି ଅସ୍ତରଙ୍ଗରେ ପହଞ୍ଚି ମୋବାଇଲ୍ ଟ୍ରାକ୍‌ରୁ ତାଳଦା ଅଞ୍ଚଳରୁ ସହଦେବଙ୍କୁ ଧରିଥିଲେ । ଗ୍ରାମବାସୀ ଓ ତାଙ୍କ ପତ୍ନୀଙ୍କ ଅଭିଯୋଗ, କେହି ଜଣେ ତାଙ୍କ ମୋବାଇଲ୍ ସ୍କାନର ସହଦେବଙ୍କ ହ୍ୱାଟ୍ସଆପ୍‌ରୁ କେଉଁଠି କି ପଠେଇ ତାହାକୁ ସମ୍ପୂର୍ଣ୍ଣ ଡିଲିଟ୍ ମାରିଛି । ଉକ୍ତ ସ୍କାନର ନାମ କାମିନୀ ବେହେରା ଦେଖାଉଛି । ମାତ୍ର ସେ ଜଣକ କିଏ, ତାଙ୍କ ଠିକଣା କ'ଣ, ତାହା ଅସ୍ପଷ୍ଟ ରହିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ, ମୋବାଇଲ ଅନ୍‌ଲାଇନ୍‌ରେ ସାଇବର ଲୁଟେରାଙ୍କ ଫ୍ରଡ୍ କଲ୍ ବାରମ୍ବାର ଆସୁଛି । ସହଦେବଙ୍କ ଭଳି ନିରୀହ ଦିନମଜୁରିଆ ଲୋକ ଏ ବାବଦରେ ସଚେତନ ନ ହୋଇ ଦୁର୍ଭାଗ୍ୟବଶତଃ ଏହି ଭୁଲ୍ କରି ବସିଛନ୍ତି । ଫଳସ୍ୱରୂପ ସାଇବର ଫ୍ରଡ୍ ସହଦେବଙ୍କ ମୋବାଇଲ ନମ୍ବରକୁ ବ୍ୟବହାର କରି ଅର୍ଥ ଲୁଟ୍ କରିବାରେ ସକ୍ଷମ ହୋଇଛି । ଯାହା ଫଳରେ ସହଦେବଙ୍କ ଭଳି ନିରୀହ ଲୋକ ଆଜି ଏହି ଘଟଣାର ଶିକାର ହୋଇଛନ୍ତି । ସହଦେବଙ୍କ ପତ୍ନୀଙ୍କଠୁ ମିଳିଥିବା ସୂଚନା ଅନୁସାରେ, ଛତିଶଗଡ଼ ପୁଲିସ ସହଦେବଙ୍କୁ ଅଧିକ ତଦନ୍ତ ପାଇଁ ଛତିଶଗଡ଼ ନେବାକୁ ବନ୍ଦୋବସ୍ତ କରିଛନ୍ତି । ଏପଟେ ନିରୀହ ଦିନମଜୁରିଆ ସହଦେବଙ୍କ ପତ୍ନୀ ଓ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି, ଏହି ଘଟଣାରେ ହସ୍ତକ୍ଷେପ କରି ପ୍ରକୃତ ଦୋଷୀକୁ ଧରି ନିରୀହ ସହଦେବଙ୍କୁ ନ୍ୟାୟ ଦେବା ପାଇଁ ।

## ଦୟା ନଦୀରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କଣାସ,୨୬।୫(ସମିସ): କଣାସ ଥାନା ବଡାସ ଗ୍ରାମପଞ୍ଚାୟତର ତରପଡ଼ା ଗ୍ରାମର ଚକ୍ରଧର ବେହେରା (୮୩) ତିନିଦିନ ହେଲା ନିଖୋଜ ଥିଲେ । ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଏତଲା ଦେଇଥିଲେ । ଦୟା ନଦୀରେ ଏକ ଦଳ ଜମା ହୋଇଥିବା ଜାଗାରେ ଦୁର୍ଗନ୍ଧ ହେବାରୁ ଲୋକମାନେ କଣାସ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବରପାଇ କଣାସ ଅଗ୍ନିଶମ ବିଭାଗ ଅଧିକାରୀ ରଘୁନାଥ ସାହୁ ଓ କର୍ମଚାରୀମାନେ ଦୟାନଦୀରେ ଦଳପୂର୍ଣ୍ଣ ଦୁର୍ଗନ୍ଧ ହେଉଥିବା ସ୍ଥାନ ଖୋଜାଖୋଜି କରି ଚକ୍ରଧରଙ୍କ ଗଳିତ ଶବ ଉଦ୍ଧାର କରିଥିଲେ ।

## ଝାଡ଼ାବାନ୍ତିରେ ମହିଳାଙ୍କ ମୃତ୍ୟୁ

କଣାସ,୨୬।୫(ସମିସ): ଅନେକ ସମୟରେ କଣାସରେ ଝାଡ଼ାବାନ୍ତି ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଥାଏ । ଏହି ରୋଗରେ କିଛି ଲୋକଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ନଜିର୍ ରହିଛି । ଏହା ପରେ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ଜଳ ମଧ୍ୟ ପରୀକ୍ଷା କରି ନିଜର ଦାୟିତ୍ୱ ସାରିଦିଅନ୍ତି । ଏବେ ପୁଣିଥରେ କଣାସରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଲାଣି । ଦୁଇ ଦିନ ତଳେ ଝାଡ଼ାବାନ୍ତି ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗୋଲରା ଗ୍ରାମର ସୁକୁମାରୀ ସାମନ୍ତରାୟ(୬୦) ନାମକ ଜଣେ ମହିଳାଙ୍କର ମଙ୍ଗଳବାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଫଳରେ ଗ୍ରାମରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି । ପ୍ରକାଶ ଯେ, କଣାସ ବ୍ଲକ୍ ଗୋଲରା ଗ୍ରାମର ସୁକୁମାରୀ ସାମନ୍ତରାୟଙ୍କର ଦୁଇଦିନ ତଳେ ଝାଡ଼ାବାନ୍ତି ହେବାରୁ ପ୍ରଥମେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକେ ଆଣିଥିଲେ । ଅବସ୍ଥା ଭଲ ନ ଥିବାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପୁରୀ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିଲା । ସେଠାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ପରିବାର ଲୋକ ଭୁବନେଶ୍ୱରସ୍ଥ ଏକ ବେସରକାରୀ ଡାକ୍ତରଖାନାକୁ ନେଇଯାଇଥିଲେ । ମଙ୍ଗଳବାର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁକୁମାରୀଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି ।

## ଦୋକନ୍ଦା ମେଳଣ ପଡ଼ିଆରୁ ଟ୍ରାକ୍ଟର ଚୋରି

କଣାସ,୨୬।୫(ସମିସ): କଣାସ ଥାନା ଦୋକନ୍ଦା ମେଳଣ ପଡ଼ିଆରୁ ଏକ ଟ୍ରାକ୍ଟର କେହି ଦୁର୍ବୃତ୍ତ ନେଇଯାଇଥିବା କଣାସ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ଦୋକନ୍ଦା ଗ୍ରାମର ରଞ୍ଜନ କୁମାର ସୁନ୍ଦରାୟଙ୍କ (ଓଡି ୧୩ଭି୨୨୭୬) ଟ୍ରାକ୍ଟର ସବୁଦିନ ପରି ସୋମବାର ମଧ୍ୟ ରଖାଯାଇଥିଲା । କୌଣସି ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ଟ୍ରାକ୍ଟରଟିକୁ ଚୋରି କରି ନେଇଯାଇଛି । ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିବାରୁ ଟ୍ରାକ୍ଟରଟି ଓରମୋରସିଂହ ଯାଇଥିବା ଜଣାପଡ଼ିଛି । ପୁଲିସ ପକ୍ଷରୁ ଏହାର ତଦନ୍ତ ଚାଲୁ ରହିଛି ।

## ଗାଁରେ ମାତିଛନ୍ତି ମଦ ମାଫିଆ; ପୁଲିସ ନିରବ

କଣାସ,୨୬।୫(ସମିସ): ରାଜ୍ୟ ସରକାର ଗାଁମାନଙ୍କରୁ ଚୋରା ମଦ ମାଫିଆଙ୍କୁ ବନ୍ଦ କରିବା ପାଇଁ ଥାନାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ତାହା କେବଳ କଥାରେ ରହିଛି । କଣାସ ବ୍ଲକ୍‌ର ବକ୍ସ, କଳାମାଟି, ଅଡାଳ, ସାହୁପଡ଼ା, ବିଣ୍ଡିପୁର ଆଦି ଗାଁମାନଙ୍କରେ ଦେଶୀ, ବିଦେଶୀ ମଦ ବିକ୍ରି ହେଉଥିଲା ବେଳେ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କ ନିରବତା କାରଣରୁ ମଦ ମାଫିଆମାନେ ଦିନରାତି ରାସ୍ତାକଡ଼ରେ ଖୁଲମ୍‌ଖୁଲା ବେପାର କରୁଛନ୍ତି । ଫଳରେ ନିଶାଡ଼ିଙ୍କ ସଂଖ୍ୟା ବଢ଼ିବା ସହିତ ବିଭିନ୍ନ ଅସାମାଜିକ ଘଟଣାମାନ ଘଟୁଛି । ଖାଲି ସେତିକି ନୁହେଁ, ସେମାଙ୍କ ପରିବାରରେ ମାର୍‌ପିଟ୍ ହେବା ସହ ଅଶାନ୍ତି ଲାଗିରହୁଛି । ନିଶାଡ଼ିମାନଙ୍କ ସଂଖ୍ୟା ବଢୁଥିବାବେଳେ ପୁଲିସର ନିରବତାକୁ ନେଇ ପ୍ରଶ୍ନ ଉଠିଛି । ବୁଦ୍ଧିଜୀବୀ ମହଲରେ ଏଭଳି ଘଟଣାକୁ ନିନ୍ଦା କରିବା ସହ ଏଥିପ୍ରତି ଥାନା ଅଧିକାରୀ ଗୁରୁତ୍ୱର ସହ ନେଇ ଚୋରା ମଦ ଦୋକାନ ଓ ବେପାରୀକୁ ସବୁଦିନ ପାଇଁ ବନ୍ଦ କରାଗଲେ ଅସାମାଜିକ କାର୍ଯ୍ୟକଳାପ ବନ୍ଦ ହେବ । ଆଗାମୀ ଦିନରେ ପୁଲିସ ଏଥିପ୍ରତି କି ପଦକ୍ଷେପ ନେଉଛି ତାହାକୁ ଅପେକ୍ଷା ।

## ଭଣଜାର ଲକ୍ଷାଧିକ ଟଙ୍କାର ଘରକୁ ମାମୁ ଦଖଲ କରିଥିବା ଅଭିଯୋଗ

# ଅସହାୟ ଅବସ୍ଥାରେ ଜୀବନ ଜିଉଁଛନ୍ତି ଦମ୍ପତି

ବଳଙ୍ଗା,୨୬।୫(ସମିସ)



ସ୍ୱାର୍ଥପର ହୋଇଗଲେ ମାମୁ । ସାମାନ୍ୟ ସମ୍ପତ୍ତି ପାଇଁ ଭଣଜା କରିଥିବା ଘରକୁ ଦଖଲ କରିନେଇଛନ୍ତି ମାମୁ । ଖାଲି ସେତିକି ନୁହେଁ ଭଣଜାକୁ ମାଡ଼ ମାରିବା ସହ ଭଣଜା ଓ ଭଣଜା ବୋହୂଙ୍କୁ ସେମାନଙ୍କ ଘରୁ ବାହାର କରିଦେଇଛନ୍ତି । ଫଳରେ ସେମାନେ ଗାଁ ମୁଣ୍ଡରେ ଥିବା ସ୍କୁଲ ସାମ୍ନାରେ ଅସହାୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମରେ ।

ସୂଚନା ମୁତାବକ, ପ୍ରକାଶ କୁମାର ସ୍ୱାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ରୋଜଗାର ଅର୍ଥରେ ମାମୁଙ୍କ ସହାୟତାରେ ମାମୁ ଘର ଗାଁରେ ନିଜ ନାମରେ ଏକ ଜାଗା କିଣିଥିଲେ । ଏହି ଜାଗା ଉପରେ ଘର କରି ପରିବାର ସହ ରହୁଥିବାବେଳେ ଜାଗାବାଡ଼ି ବିବାଦକୁ ନେଇ ମାମୁ ଉକ୍ତ ଘରୁ ତାଙ୍କୁ ବାହାର କରିଦେଇଛନ୍ତି । ଫଳରେ ପ୍ରକାଶ ନିଜ ପତ୍ନୀଙ୍କୁ ଧରି ଗାଁ ମୁଣ୍ଡରେ ଥିବା ସ୍କୁଲ ସାମ୍ନାରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି ।

ପ୍ରକାଶ ପିଲାବେଳୁ ମାମୁଙ୍କ ଘରେ ରହୁଥିବାବେଳେ ୧୩ ବର୍ଷ ତଳେ ରୋଜଗାର ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଇଥିଲେ । ସେଠାରେ ଅଜା ବଞ୍ଚିଥିବା ଅବସ୍ଥାରେ ପ୍ରକାଶଙ୍କ ଟଙ୍କାରେ ତାଙ୍କ ନାମରେ ଗାଁରେ ୧୦ ଡେସିମିଲ ଜାଗା କିଣାଯାଇଥିଲା । ପରେ ବଡ଼ ମାମୁ ଲକ୍ଷ୍ମୀଧର ସ୍ୱାଇଁଙ୍କ ସହାୟତାରେ ପାଖାପାଖି ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ୮ ବଖରା କୋଠା ଘର ନିର୍ମାଣ କରିଥିଲେ । ପରେ ପ୍ରକାଶଙ୍କ ବିବାହ ହେବାରୁ ସେ ପତ୍ନୀଙ୍କ ସହ ଉକ୍ତ ଘରେ ଖୁସିରେ ଚଳି ଆସୁଥିଲେ । ଗତ ୨ବର୍ଷ ତଳେ ବଡ଼ ମାମୁ ଲକ୍ଷ୍ମୀଧର ଓ ତାଙ୍କ ସାନ ଭାଇଙ୍କ ମଧ୍ୟରେ ପରିବାରିକ ବିବାଦ ହେବାରୁ କିଛି ଦିନ ପାଇଁ ଲକ୍ଷ୍ମୀଧରଙ୍କ ପରିବାର ଆସି ପ୍ରକାଶଙ୍କ ନିକଟରେ ଆଶ୍ରୟ ନେଇଥିଲେ । କିଛିଦିନ ମଧ୍ୟରେ ଲକ୍ଷ୍ମୀଧର ଭଣଜା ଓ ଭଣଜା ବୋହୂଙ୍କ ସହ ଝଗଡ଼ା ହେବାରୁ ପ୍ରକାଶ ସେମାନଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ । ଲକ୍ଷ୍ମୀଧରଙ୍କ ପରିବାର ଘରୁ ଯିବା ବଦଳରେ ଘରୁ ସେମାନଙ୍କ ଭାଗ ମାଗି ପ୍ରକାଶଙ୍କୁ ମାଡ଼ମାରି ଘରୁ ବାହାର କରିଦେଇଥିଲେ । ପ୍ରକାଶ ପତ୍ନୀଙ୍କୁ ଧରି ସ୍କୁଲ ସାମ୍ନାରେ ଜାରି ପାଲ ପକାଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି । ଅନ୍ୟପଟେ ପ୍ରକାଶଙ୍କ ପତ୍ନୀ ଅର୍ପିତା ଦାସ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

୨୬/୫/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୧୦,୬୬୧/- ସୁନା:୦୦.୯୫୦ ଗ୍ରାମ୍ ରୁପା: ୨୧.୬୦୦ ଗ୍ରାମ୍



# ମୁକ୍ତାକାଶ ପାଇବ ନୂଆରୂପ; ଅନ୍ନପୂର୍ଣ୍ଣା କେବେ?

ପୁରୀ,୨୬।୫(ସମିସ): ଶ୍ରୀକ୍ଷେତ୍ର ପୁରୀର ସାଂସ୍କୃତିକ ପରିଚୟର ଦୁଇ ସ୍ତମ୍ଭ ଥିଲା ମୁକ୍ତାକାଶ ରଙ୍ଗମଞ୍ଚ ଓ ଅନ୍ନପୂର୍ଣ୍ଣା ଥିଏଟର। ଗୋଟିଏ ଭଙ୍ଗାଯାଇ ନୂଆରୂପ ପାଇବାକୁ ଯାଉଥିବାବେଳେ ଅନ୍ୟଟି ମହାବାତ୍ୟା ଏବଂ ପରବର୍ତ୍ତୀ ସମୟରେ ଫନୀ ପରଠୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି କଳାକାରଙ୍କ ଦୀର୍ଘଶ୍ୱାସର କାରଣ ପାଲଟିଛି। ବର୍ଷ ବର୍ଷ ଧରି ଅସୁରକ୍ଷିତ ହୋଇପଡ଼ିଥିବା ମୁକ୍ତାକାଶ ରଙ୍ଗମଞ୍ଚକୁ ପୁରୀ ମହାନଗର ନିଗମ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଓଡ଼ିଶୀ, ଗୋଟିପୁଅ, ଲୋକନୃତ୍ୟଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମର ମଞ୍ଚ ପାଲଟିଥିବା ଏହି ରଙ୍ଗମଞ୍ଚ କିଛିବର୍ଷ ହେବ ବିପଦସଙ୍କୁଳ ଅବସ୍ଥାକୁ ଚାଲିଆସିଥିଲା। ଅଶି ଦଶକରେ ଗଢ଼ି ଉଠିଥିବା ମୁକ୍ତାକାଶ ମଞ୍ଚ ସ୍ଥିତି ଏମିତି ହୋଇଯାଇଥିଲା ଯେ କୌଣସି ମୁହୂର୍ତ୍ତରେ ଏହା ଭୁଶୁଡ଼ିପଡ଼ିବା ଆଶଙ୍କା କରାଯାଉଥିଲା। ଶେଷରେ ଗତ ଡିସେମ୍ବର ମାସରୁ ଏଠାରେ ସବୁ ପ୍ରକାର କାର୍ଯ୍ୟକ୍ରମକୁ ବନ୍ଦ କରିଦେଇଥିଲେ ପୌର କର୍ତ୍ତୃପକ୍ଷ। ଏବେ ପୁରୁଣା ଢାଞ୍ଚାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ନୂଆ ନିର୍ମାଣ କାମ ଆରମ୍ଭ ହୋଇଛି। ରଥଯାତ୍ରା ପୂର୍ବରୁ ଏହାକୁ ନୂଆରୂପ ଦେବାର ଲକ୍ଷ୍ୟ ରଖାଯାଇଛି। ପୁରୀ ମହାନଗର ନିଗମ କହିବା ଅନୁଯାୟୀ, ନୂଆ ମୁକ୍ତାକାଶ ରଙ୍ଗମଞ୍ଚ ଅଧିକ ସୁରକ୍ଷିତ, ଆଧୁନିକ ଓ ସମସ୍ତ ସୁବିଧା ସମ୍ପନ୍ନ ହେବ। ଏହି ଖବର କଳାକାର ଓ ଶିଳ୍ପୀମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଛି। ଖୁବ୍‌ଶୀଘ୍ର ଏଠି ପୁଣି ନୃତ୍ୟ, ଗୀତ ଓ ବାଦ୍ୟର ଧୂନ୍ ଶୁଭିବ ବୋଲି ଆଶା କରିଛନ୍ତି। ମୁକ୍ତାକାଶ ପାଇଁ ଖୁସି ଥିଲେ ବି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଅବସ୍ଥା କଳାକାରଙ୍କୁ ବ୍ୟଥିତ କରୁଛି। କାରଣ ଅନ୍ନପୂର୍ଣ୍ଣା ହେଉଛି ଓଡ଼ିଶା ମଞ୍ଚ ନାଟକର ଅନ୍ତୁଡ଼ିଶାଳ। ଦିନ ଥିଲା ସଞ୍ଜ ନଇଁଲେ ନାଟ୍ୟପ୍ରେମୀଙ୍କ ପାଦ ପଡୁଥିଲା ଅନ୍ନପୂର୍ଣ୍ଣା ଥିଏଟରରେ। କେତେବେଳେ ହସ, କାନ୍ଦ ତ ଆଉ କେତେବେଳେ ଛାତିଥରା ସଂଳାପରେ ଦୁଲୁକୁଥିଲା ମଞ୍ଚ ପରିସର। ରାଜ୍ୟବ୍ୟାପୀ ଚହଳ ସୃଷ୍ଟି କରିଥିବା ଅନ୍ନପୂର୍ଣ୍ଣା ଥିଏଟର ଆଜି ଶ୍ରୀହୀନ। ବାସ୍ତବଧର୍ମୀ ନାଟକ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ମଞ୍ଚ ଆଜି ନିରବ।

ଏକଦା ମନୋରଞ୍ଜନର ଖୋରାକ୍ ଯୋଗାଇଥିବା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଆଜି ନିଜ ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଛି। ୧୯୯୯ ମହାବାତ୍ୟା ଏବଂ ପରବର୍ତ୍ତୀ ସମୟରେ ୨୦୧୯ର ଫନୀ ବାତ୍ୟା ଏହାକୁ ସମ୍ପୂର୍ଣ୍ଣ ଧରାଶାୟୀ କରିଦେଇଥିଲା। ଏହାର ପୁନରୁଦ୍ଧାର ପାଇଁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା, ଯାହା ସମୁଦ୍ରଙ୍କୁ ଶଙ୍ଖେ ଥିଲା। ମଝିରେ ଯାହା ବି ଅନୁଦାନ ମିଳିଥିଲା ତାହା ଧରାଶାୟୀ ଅନ୍ନପୂର୍ଣ୍ଣାକୁ ଠିଆ ହେବାକୁ ବଳ ଦେଇ ନ ଥିଲା। ୭ ବର୍ଷ ହେବ ଅନ୍ନପୂର୍ଣ୍ଣା ଶେଷ ନିଃଶ୍ୱାସ ଛାଡୁଛି କହିଲେ ଭୁଲ୍ ହେବ ନାହିଁ। ନାଟ୍ୟ ଓ ମଞ୍ଚ କଳାକାରମାନେ ବାରମ୍ବାର ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଧାରଣା, ସ୍ମାରକପତ୍ର ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଏକାଧିକଥର ସ୍ଥିତି ଯାଞ୍ଚ ହୋଇଛି। ପୂର୍ବ ସରକାର ସମୟରେ ୧୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଜମିକୁ ନେଇ କାମ ଆରମ୍ଭ ହୋଇପାରି ନ ଥିଲା। ୨୦୨୪ରେ ଓବିସିସିକୁ ଜମି ହସ୍ତାନ୍ତର ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ସରକାର ଚିଠି ଲେଖିଥିଲେ। ଏହି ପ୍ରକ୍ରିୟା ଭିତରେ ବଦଳି ଯାଇଥିଲା ସରକାର। ଏହାପରେ ତଳକୁ ଚାପି ହୋଇଯାଇଥିଲା ଅନ୍ନପୂର୍ଣ୍ଣା ଫାଇଲ୍। ନୂଆ ସରକାରଙ୍କ ସମୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ଏବଂ କିଛି କଳାକାର, ନାଟ୍ୟପ୍ରେମୀ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଏକାଧିକଥର ଆଲୋଚନା କରିଛନ୍ତି। ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ଜମି ହସ୍ତାନ୍ତର କରି ନ ଥିବାବେଳେ ଓବିସିସି ମଧ୍ୟ ମ୍ୟାପ୍ ଫାଇନାଲ କରିପାରୁ ନାହିଁ।

ଏ ସମ୍ପର୍କରେ ବଦ୍ରି ମିଶ୍ର କୁହନ୍ତି, ପୁରୀ ହେଉଛି ପର୍ଯ୍ୟଟନର ସହର। କୋଲକାତା ଭଳି ପୁରୀରେ ଥିଏଟର ଏକ ଆବଶ୍ୟକତା। ଏଣୁ ସରକାର ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି ସହ ଆଗେଇ ଆସିବା ଉଚିତ୍। ଅନ୍ନପୂର୍ଣ୍ଣାର ପୁନରୁଦ୍ଧାର ନେଇ ମନ୍ତ୍ରୀଙ୍କୁ ଦିଆଯାଇଥିବା ପ୍ରସ୍ତାବରେ ତଳେ ଏକ ବଡ଼ ପାର୍କିଂସ୍ଥଳ, ତା' ଉପରେ ଏକ ଗୋଲେଇ ବଜାର ଓ ତା' ଉପରେ ରଙ୍ଗମଞ୍ଚ ପାଇଁ କୁହାଯାଇଛି। ଏହାର କିଛି ଆୟ ଉତ୍ତର ପାର୍ଶ୍ୱ ମଠ ଓ କିଛି ଆୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ କଳାକାରମାନଙ୍କ ପାଇଁ ବ୍ୟବସ୍ଥା କରିବାକୁ ମଧ୍ୟ ପ୍ରସ୍ତାବ ଦେଇଛୁ। ଦୁଇମନ୍ତ୍ରୀ, ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳଙ୍କ ଉପରେ ବିଶ୍ୱାସ ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଅନ୍ନପୂର୍ଣ୍ଣାକୁ ନେଇ ସରକାରୀ ଉଦାସିନତା କଳାକାରଙ୍କୁ ମର୍ମାହତ କରିଛି। ଶ୍ରୀକ୍ଷେତ୍ର କେବଳ ଧର୍ମ ନୁହେଁ, କଳା ଓ ସଂସ୍କୃତିର ପୀଠ। ମୁକ୍ତାକାଶ ଓ ଅନ୍ନପୂର୍ଣ୍ଣା ଏହାର ଦୁଇଆଖି। ଗୋଟିଏ ଆଖିରେ ଆଲୋକ ଫେରୁଥିବାବେଳେ ଆର ଆଖିଟି କେବେ ଚିକିମିକି ଉଠିବ, ତାକୁ ହିଁ ଚାହିଁ ବସିଛନ୍ତି ହଜାର ହଜାର ନାଟ୍ୟପ୍ରେମୀ, କଳାକାର ଓ ମଞ୍ଚପ୍ରେମୀ।




## ରଥଖଳାରୁ...

# ପାର୍ଶ୍ୱଦଣ୍ଡାର ଚଉପଟ କାମ ଜାରି



**ରଥ ନିର୍ମାଣର ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ**

ପୁରୀ,୨୬।୫(ସମିସ): ରଥ ନିର୍ମାଣ। ପାଞ୍ଚ ଦଣ୍ଡାର ଆଗ ସଂଯୋଗ ହେବ। ଉଭୟ କୁତୁକା ସଂଯୋଗ ହୋଇ ଖଳରେ ଚାଲିଛି ତିନିରଥ ଆଣି ଏବଂ ପଛ ଆଣି ମୁହାଁଟ ପାର୍ଶ୍ୱରେ ୬ଟି ଲେଖାଏଁ ଖଞ୍ଜାଯିବ ପାର୍ଶ୍ୱ ଦଣ୍ଡା। ଏହାପରେ ପାଞ୍ଚ ଦଣ୍ଡା ପ୍ରତି କୋଣରେ ୪ଟି ଲେଖାଏଁ ଗୁଜ, ଆସୁଆରି ଉଠି, ଗୁଜ ଏବଂ ଆସୁଆରି ଉପରେ ଉପର ମୁହାଁଟି ସଂଯୋଗ ହୋଇ ରଥର ଫ୍ରେମ୍ ପ୍ରସ୍ତୁତ ହେବ। ରଥ ଖଳା ପାର୍ଶ୍ୱରେ କରତୀ ସେବକମାନେ ନନ୍ଦିଘୋଷ ରଥ ପୋଲ ଗୟଳର ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜର ରୂପ ଖୋଦେଇ କାର୍ଯ୍ୟ ଶେଷ କରି ତିନିରଥର ୮ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରଳ ରୂପ ଖୋଦେଇ ସହ ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗରଗରା କଣ୍ଟା ନିର୍ମାଣ ଶେଷ କରି ଗୟଳ କଣ୍ଟା, ନନ୍ଦା କଣ୍ଟା ନିର୍ମାଣ କରୁଛନ୍ତି। ମହାପ୍ରଭୁଙ୍କ ରଥ ନିର୍ମାଣ ରଥ ଖଳାରେ ଜାରି ରହିଥିବାବେଳେ ମଙ୍ଗଳବାର ଅପରାହ୍ଣରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରଥ ଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ତେବେ ବାହାର ରଥ ଖଳାରେ ଚାଲିଥିବା ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଜନସାଧାରଣ ତଥା ନିର୍ମାଣକାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ନିର୍ମାଣ କାର୍ଯ୍ୟସ୍ଥଳକୁ ଯେପରି କୌଣସି ବାହାର ବ୍ୟକ୍ତିବିଶେଷ ପ୍ରବେଶ ନ କରନ୍ତି ଧ୍ୟାନ ଦେବା ସହ ନିର୍ମାଣ କାର୍ଯ୍ୟ ପାଇଁ ନିର୍ମାଣସ୍ଥଳକୁ କାଠ ସରଞ୍ଜାମ ଆସୁଥିବାବେଳେ ସତର୍କତାର ସହ ସୁରକ୍ଷା ବ୍ୟବସ୍ଥା ନେଇ କାର୍ଯ୍ୟ ସମ୍ପାଦନ କରିବାକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି ଦୋଳବେଦୀ କମାରଶାଳ ପରିଦର୍ଶନରେ ଯାଇ ଓଝା କମାର ସେବକମାନେ କେଉଁ କେଉଁ କଣ୍ଟା ପ୍ରସ୍ତୁତ ଶେଷ ହୋଇଛି ବୁଝିବା ସହ ରଥ ନିର୍ମାଣ ପାଇଁ ଆବଶ୍ୟକଠାରୁ କିଛି ଅଧିକ କଣ୍ଟା ନିର୍ମାଣ କରି ମହଜୁଦ ରଖିବାକୁ ପରାମର୍ଶ ଦେଇଛନ୍ତି।

# ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରଶାସନର ପ୍ରସ୍ତୁତି

ପୁରୀ,୨୬।୫(ସମିସ): ପ୍ରଥମଥର ପାଇଁ ଓଡ଼ିଶା ତଥା ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି ବ୍ରିକ୍ସ ସମ୍ମିଳନୀ। ହୋଟେଲ ତାଜ୍‌ରେ ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏଭଳି ଏକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ କିପରି ସଫଳତାର ସହ ଶେଷ ହେବ ସେଥିଲାଗି ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ବ୍ରିକ୍ସ ସଦସ୍ୟଙ୍କ ପାଇଁ ଆତିଥ୍ୟତା ଓ ସୁରକ୍ଷାକୁ ଦିଆଯିବ ଗୁରୁତ୍ୱ। ଉକ୍ତ ସ୍ଥାନରେ ଟ୍ରାଫିକ୍ ସୁପରିଚାଳନା, ସାଧାରଣ ଲୋକଙ୍କ ଯାତାୟାତ ପାଇଁ ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କଟକଣା ନ ଥିବା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ବିଶ୍ୱ ବିପର୍ଯ୍ୟୟ ପରିଚାଳନା ସୂତ୍ର ପାଇଁ ପୁରୀରେ ହେବ ବ୍ରିକ୍ସ ରାଷ୍ଟ୍ର ସମୂହର ବୈଠକ। ବ୍ରିକ୍ସ ରିଡକ୍ସନ ୱାର୍କିଂ ଗ୍ରୁପ୍‌ର ଦ୍ୱିତୀୟ ବୈଷୟିକ ସମ୍ମିଳନୀରେ ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଚାଇନା, ଇରାନ, ରୁଷିଆ, ସାଉଦି ଆରବ ଆଦି ଦେଶରେ ପ୍ରତିନିଧି ଯୋଗଦେବେ। ଓଡ଼ିଶାକୁ ପ୍ରଥମଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜନ ଭାବେ ଚୟନ କରାଯାଇଛି। ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ସମ୍ପର୍କରେ ହେବ ଆଲୋଚନା। ତେବେ ଏଥିପାଇଁ ପୁରୀରେ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁରକ୍ଷା, ସ୍ୱଚ୍ଛତା ତଥା ଆତିଥେୟତାକୁ ଗୁରୁତ୍ୱ ଦିଆଯାଇଛି। ସମ୍ମିଳନୀରେ ଯୋଗଦେବାକୁ ଥିବା ସମସ୍ତ ଦେଶର ପ୍ରତିନିଧିମାନଙ୍କ ଆତିଥେୟତା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ପୁଲିସ ବିଭାଗ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ହୋଟେଲ ତାଜ୍ ରିସର୍ଟ ଆଖାପଖ ଅଞ୍ଚଳକୁ ସୁରକ୍ଷା ବଳୟରେ ରଖାଯିବ। ପ୍ରୋଟୋକଲ ଅନୁଯାୟୀ ପ୍ରତିନିଧି ଅତିଥିମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ଏଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି ବୋଲି ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି।

# ୧୫୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ମହିଳାଙ୍କ ସମେତ ୨ ଗିରଫ

ପୁରୀ,୨୬।୫(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ଉ କରାଯାଉଛି। ବେଆଇନ ନିଶାଦ୍ରବ୍ୟ ଜବତ ହେଉଥିବାବେଳେ ଏହି ବେଆଇନ କାରବାରରେ ଜଡ଼ିତ ଅଭିଯୁକ୍ତ ବି ଗିରଫ ହେଉଛନ୍ତି। ତଥାପି ବେଆଇନ ନିଶା କାରବାରର ମାତ୍ରା କମୁନାହିଁ। ବିଶେଷକରି ଗଞ୍ଜେଇ ଏବଂ ବ୍ରାଉନ୍‌ସୁଗର କାରବାର ବଢୁଛି। ଏହି କ୍ରମରେ ମଙ୍ଗଳବାର ଅବକାରୀ ବିଭାଗକୁ ମିଳିଛି ସଫଳତା। ଦୁଇଟି ମାମଲାରେ ମୋଟ୍ ୧୫୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିବାବେଳେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ଭଗବାନପୁରର ଅବକାରୀ ପୁଲିସ ୬୬ ଗ୍ରାମ୍ ବ୍ରାଉନ୍‌ସୁଗର (ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା) ଜବତ କରିଥିବା ବେଳେ ପ୍ରେମଲତା ସେଠୀଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ସେହିପରି କୁମ୍ଭାରପଡ଼ା ଥାନା ତଳନୂଆସାହିର ଓମ୍ ପ୍ରକାଶ ରାଓଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କଠାରୁ ୯୦ ଗ୍ରାମ୍ (ଆନୁମାନିକ ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା) ବ୍ରାଉନ୍‌ସୁଗର ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରିଛି ଅବକାରୀ ପୁଲିସ।

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଚ୍‌ରେ ଏଟିଭି ପାଟ୍ରୋଲିଂ

ପୁରୀ,୨୬।୫(ସମିସ): ପର୍ଯ୍ୟଟକମାନଙ୍କ ସୁରକ୍ଷା, ଆଇନଶୃଙ୍ଖଳା ରକ୍ଷା ଏବଂ ପୁରୀ ବେଳାଭୂମିରେ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବା ଉଦ୍ଦେଶ୍ୟରେ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ବିଚ୍ ପାଟ୍ରୋଲିଂ ଅଭିଯାନ କରାଯାଇଥିଲା। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ପାଟ୍ରୋଲିଂ ଅଭିଯାନରେ ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଆଇଆଇସି ସଙ୍ଗୀତା ଦାଶ, ବଳିଆପଣ୍ଡା ଥାନାଧିକାରୀ ସୁନୀଲ ଯାଦବ ଏବଂ ତାଳବଣିଆ ଥାନାଧିକାରୀ ଅଭିନବ ମିଶ୍ରଙ୍କ ସହ ଅନ୍ୟ କର୍ମଚାରୀ ସାମିଲ୍ ହୋଇଥିଲେ। ପୁରୀ ବେଳାଭୂମିକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ବିଶେଷକରି ସନ୍ଧ୍ୟା ଓ ରାତ୍ରି ସମୟରେ ବେଳାଭୂମିରେ ଗହଳି ହେଉଥିବାରୁ ସେଠାରେ ଅପରାଧମୂଳକ କାର୍ଯ୍ୟକଳାପ, ଅସାମାଜିକ ତତ୍ତ୍ୱଙ୍କ ଗତିବିଧି, ଅସଦାଚରଣ ଓ ଅନ୍ୟାନ୍ୟ ଅପ୍ରୀତିକର ଘଟଣାକୁ ରୋକିବା ନିମନ୍ତେ ଏହି ସ୍ୱତନ୍ତ୍ର ପାଟ୍ରୋଲିଂ କରାଯାଇଥିଲା। ଏହି ସମୟରେ ପୁଲିସ ଅଧିକାରୀମାନେ ବେଳାଭୂମିର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ବୁଲିଥିଲେ। ବିଶେଷଭାବେ ଏଟିଭି ଯାନ ମାଧ୍ୟମରେ ପାଟ୍ରୋଲିଂ ଫଳରେ ପୁଲିସ ଭିଡ଼ ଜାଗାରେ ଶୀଘ୍ର ପହଞ୍ଚି ପର୍ଯ୍ୟଟକମାନଙ୍କୁ ସୁରକ୍ଷା ଓ ସହାୟତା ପ୍ରଦାନ କରିପାରୁଛି। ଏହି ସମୟରେ ଅଧିକାରୀମାନେ ପର୍ଯ୍ୟଟକମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା, ଅଭିଯୋଗ ଓ ମତାମତ ଶୁଣିଥିଲେ। ପର୍ଯ୍ୟଟକମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ ପରାମର୍ଶ ମଧ୍ୟ ଦିଆଯାଇଥିଲା। ବିଶେଷତଃ ରାତି ସମୟରେ ସତର୍କ ରହିବା, ଅଜଣା ବ୍ୟକ୍ତିଙ୍କ ସହ ଅତ୍ୟଧିକ ସମ୍ପର୍କ ନ ରଖିବା, ମୂଲ୍ୟବାନ ସାମଗ୍ରୀ ସୁରକ୍ଷିତ ଭାବେ ରଖିବା, ଶିଶୁମାନଙ୍କୁ ଏକାକି ନ ଛାଡ଼ିବା, ସମୁଦ୍ରର ବିପଜ୍ଜନକ ଅଞ୍ଚଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେଥିସହ ସମୁଦ୍ରରେ ସ୍ନାନ ସମୟରେ ଲାଇଫ୍‌ଗାର୍ଡ ଏବଂ ସତର୍କତା ସୂଚନାକୁ ମାନିବାକୁ ମଧ୍ୟ ସଚେତନ କରାଯାଇଥିଲା। ଏହାସହ ବେଳାଭୂମିରେ ଥିବା ଦୋକାନୀ, ହୋଟେଲ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକଙ୍କୁ ମଧ୍ୟ ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସାମାଜିକ ଗତିବିଧି ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଥିଲା। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗ ବଢ଼ାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ପାଇଁ ଏହି ପ୍ରୟାସ କରାଯାଇଛି। ପୁଲିସ ଦ୍ୱାରା ବେଳାଭୂମିରେ ନିୟମିତ ପାଟ୍ରୋଲିଂ, ମୋବାଇଲ ଭ୍ୟାନ୍ ମୁତୟନ ଜାରି ରହିଛି। ପର୍ଯ୍ୟଟକମାନେ ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ପୁଲିସର ସକ୍ରିୟ ଉପସ୍ଥିତି ଦ୍ୱାରା ସେମାନେ ଅଧିକ ସୁରକ୍ଷିତ ଅନୁଭବ କରୁଥିବା କହିଥିଲେ।

**● ଶୃଙ୍ଖଳିତ ରଥଯାତ୍ରାକୁ ଗୁରୁତ୍ୱ**

# ଗୁଣ୍ଡିଚା ମନ୍ଦିର ନିକଟରେ ହେବ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର

ପୁରୀ,୨୬।୫(ସମିସ): ଆଗକୁ ରଥଯାତ୍ରା। ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଦେଖିବା ଲାଗି ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଏକ ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ଗତବର୍ଷ ରଥଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିବାଦପୂର୍ଣ୍ଣ ରହିଥିଲା। ଏପରି କି, ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଳାଚକଟା ହୋଇ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଯଥେଷ୍ଟ ପୂର୍ବରୁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଦଇତାପତି ନିଯୋଗ ସଭାପତି ଓ ସମ୍ପାଦକଙ୍କ ସହ ଜିଲ୍ଲାପାଳଙ୍କ ବୈଠକ ହୋଇଛି। ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା, ବିଶେଷକରି ସ୍ନାନ ପୂର୍ଣ୍ଣମୀଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ଦର୍ଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ସେହିପରି ରଥ ଉପରେ ଶ୍ରୀବିଗ୍ରହଙ୍କ ପହୁଡ଼ ହେଲେ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯିବ। ଏଥିସହ ସହରର ବିଭିନ୍ନ ସ୍ଥାନରେ ୮୦ରୁ ଊର୍ଦ୍ଧ୍ୱ ଏଲ୍‌ଇଡି ସ୍କ୍ରିନ୍ ଯୋଗେ ସୂଚନା ପ୍ରଦାନ କରାଯିବ। ସବୁ ବିଭାଗକୁ ନେଇ ଗୁଣ୍ଡିଚା ମନ୍ଦିର ନିକଟରେ ହେବ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର। ସିଙ୍ଗଲ୍ ପ୍ରବେଶ ଓ ପ୍ରସ୍ଥାନ ରାସ୍ତା ରହିବ। ଗୁଣ୍ଡିଚା ମନ୍ଦିର ଭିତରେ ଦର୍ଶନ ପାଇଁ ରାମ୍ପ୍ ବ୍ୟବସ୍ଥା କରାଯିବ। ଏ ନେଇ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଗୁଣ୍ଡିଚା ମନ୍ଦିର ଉତ୍ତର ଦ୍ୱାର ପଟେ ଦର୍ଶନ ପାଇଁ ଚାରୋଟି ସ୍ୱତନ୍ତ୍ର ଧାଡ଼ି କରିବାକୁ ଦଇତାପତି ନିଯୋଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି।

# ରଥଯାତ୍ରାରେ ଇସ୍କନକୁ ବିରୋଧ ହେବ

ପୁରୀ,୨୬।୫(ସମିସ): ଅଦିନିଆ ରଥଯାତ୍ରାକୁ ନେଇ ଇସ୍କନ ବାରମ୍ବାର ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଉଛି। ଶ୍ରୀମନ୍ଦିର ପ୍ରଶାସନ, ଗଜପତି ଓ ଶଙ୍କରାଚାର୍ଯ୍ୟ ଯେତେ ଯାହା ଆଲୋଚନା କଲେ ଏବଂ ଚିଠି ଲେଖିଲେ ମଧ୍ୟ ସେମାନେ ବିଭିନ୍ନ ସମୟରେ ଅମାନିଆ ହେଉଛନ୍ତି। ନିକଟରେ ଲଣ୍ଡନଠାରେ ଅନୁଷ୍ଠିତ ଅଦିନିଆ ରଥଯାତ୍ରା, ବିଶ୍ୱଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସିଧାସଳଖ ଅପମାନିତ କରୁଛି। ତେଣୁ ଆସନ୍ତା ରଥଯାତ୍ରାରେ ଇସ୍କନର ବିଭିନ୍ନ କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ଘୋଷଣା କରିଛନ୍ତି ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ସରକାର, ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ବାରମ୍ବାର ତାଗିଦ୍ ସତ୍ତ୍ୱେ ଇସ୍କନ ଶୁଣୁନାହିଁ। ଗତ ରଥଯାତ୍ରାରେ ଇସ୍କନ ସହଯୋଗରେ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାକୁ କାହିଁକି ଅନୁମତି ଦିଆଯାଉଛି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ରଥଯାତ୍ରାରେ ଓଡ଼ିଶାର ଶତାଧିକ ଅନୁଷ୍ଠାନ ଖାଦ୍ୟ ବଣ୍ଟନ କରନ୍ତି। ସେମାନଙ୍କ ପାଇଁ ଏ ବର୍ଷ ସରକାର ଅଙ୍କୁଶ ଲଗାଇଥିବାବେଳେ କିପରି ଇସ୍କନକୁ ଅନୁମତି ଦିଆଯିବ ସେ ନେଇ ପ୍ରଶ୍ନ କରିଛନ୍ତି। ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି ତେବେ ସଂଗଠନ ଅଦାଲତକୁ ଯିବ ବୋଲି କହିଛନ୍ତି।

# ଏସ୍‌ସିଏସ୍ କଲେଜ ପରୀକ୍ଷା ଫଳ ପ୍ରକାଶିତ

ପୁରୀ,୨୬।୫(ସମିସ): ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ସ୍ୱୟଂଶାସିତ ମହାବିଦ୍ୟାଳୟ ଶେଷ ବର୍ଷର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ ପାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ସ୍ନାତକ ଛାତ୍ରଛାତ୍ରୀଙ୍କ ପାସ୍‌ହାର ପୂର୍ବ ବର୍ଷଠାରୁ ସନ୍ତୋଷଜନକ ହୋଇଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ କହିଛନ୍ତି। ମୋଟ ୯୯୯ ଜଣ ସ୍ନାତକ ପରୀକ୍ଷା ଦେଇଥିବାବେଳେ ୮୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍‌ହାର ରହିଛି ୮୧.୯୮ ପ୍ରତିଶତ। ଛାତ୍ରୀ ବୈଶାଖୀ ଜେନା ସର୍ବାଧିକ ୨୪୩୨ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ସ୍ନାତକ କଳାରେ ପାସ୍‌ହାର ଗତବର୍ଷ ୮୦ ପ୍ରତିଶତରୁ କମ୍ ରହିଥିବାବେଳେ ଚଳିତବର୍ଷ ୮୩.୭୫ ପ୍ରତିଶତ ରହିଛି। ସ୍ନାତକ କଳାରେ ୫୫୪ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୩୭ ଜଣ ଡିଷ୍ଟିଙ୍କ୍‌ସନ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନୃତତ୍ତ୍ୱ ବିଭାଗର ଛାତ୍ର ଆଶୁତୋଷ କର ୨୪୧୯ ନମ୍ବର ରଖି କଳାରେ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଚଳିତବର୍ଷ ବିଜ୍ଞାନ ସ୍ନାତକରେ ୨୬୬ ଜଣ ପରୀକ୍ଷା ଦେଇଥିବାବେଳେ ପାସ୍‌ହାର ୯୧.୮୯ ପ୍ରତିଶତ ରହିଛି। ଗଣିତ ଅନର୍ସରେ ଛାତ୍ରୀ ବୈଶାଖୀ ପ୍ରିୟଦର୍ଶିନୀ ଜେନା ୨୪୩୨ ମାର୍କ ରଖି ଶ୍ରେଷ୍ଠ ବିଜ୍ଞାନ ସ୍ନାତକ ହୋଇଛନ୍ତି। ବାଣିଜ୍ୟରେ ୧୭୯ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ୫୪ ଜଣ ଡିଷ୍ଟିଙ୍କ୍‌ସନ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଲିପ୍‌ସିତା ମହାରଣା ୨୨୭୩ ନମ୍ବର ରଖି ବାଣିଜ୍ୟରେ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଏଥିସହ ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ସ୍ନାତକୋତ୍ତର ଶିକ୍ଷାର୍ଥୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ୧୭ଟି ବିଭାଗରେ ୩୩୪ ଜଣ ପରୀକ୍ଷା ଦେଇଥିବାବେଳେ ୨୭୫ ଜଣ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୮୨.୩ ପ୍ରତିଶତ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ଚାରି ବର୍ଷିଆ ବିଇଡି ପାଠ୍ୟକ୍ରମ, ଦୁଇ ବର୍ଷିଆ ବିଇଡି ପାଠ୍ୟକ୍ରମ, ଏମ୍‌ବିଏ ପାଠ୍ୟକ୍ରମର ମଧ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ସ୍ନାତକୋତ୍ତର ବାଣିଜ୍ୟ ପାଠ୍ୟକ୍ରମର ଏଫ୍‌ସି ଫଳାଫଳ ମଧ୍ୟ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦ୍ୱିବେଦୀ କହିଛନ୍ତି, ଗତବର୍ଷ ଅପେକ୍ଷା ଚଳିତ ବର୍ଷ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଛି। ମେଧାବୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ମହାବିଦ୍ୟାଳୟର ୱେବ୍‌ସାଇଟ୍‌ରୁ ପରୀକ୍ଷା ଫଳାଫଳ ଦେଖିବା ପାଇଁ ପରୀକ୍ଷା ନିୟନ୍ତ୍ରକ ଡ. ଗୁରୁଚରଣ ନାୟକ ସୂଚନା ଦେଇଛନ୍ତି।

- ବୈଶାଖୀ ପ୍ରିୟଦର୍ଶିନୀ ଜେନା ଶ୍ରେଷ୍ଠ ସ୍ନାତକ
- କଳାରେ ଆଶୁତୋଷ, ବାଣିଜ୍ୟରେ ଲିପ୍‌ସିତା ପ୍ରଥମ

**ନୂଆରୂପ ନେଉଛି ଗୁଣ୍ଡିଚା ମନ୍ଦିର**

# ଉନ୍ନତିମୂଳକ କାମର ତଦାରଖ କଲେ ମୁଖ୍ୟ ପ୍ରଶାସକ



ପୁରୀ,୨୬।୫(ସମିସ): ନୂଆରୂପ ନେଉଛି ମହାପ୍ରଭୁଙ୍କ ଆଡ଼ପ ମଣ୍ଡପ ଗୁଣ୍ଡିଚା ମନ୍ଦିର। ଚଳିତ ରଥଯାତ୍ରା ପୂର୍ବରୁ ଗୁଣ୍ଡିଚା ମନ୍ଦିରର ନୂଆରୂପ ଦେଖିବେ ଶ୍ରଦ୍ଧାଳୁ। ତେବେ ଚାଲିଥିବା କାମର ସ୍ଥିତି କ'ଣ ଏବଂ ଆଉସବୁ କ'ଣ କାମ ବାକିରହିଛି ସେ ସବୁର ଅନୁଧ୍ୟାନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ମଙ୍ଗଳବାର ପୂର୍ବାହ୍ଣରେ ବରିଷ୍ଠ ଅଧିକାରୀମାନଙ୍କ ସହ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ଚାଲିଥିବା କାର୍ଯ୍ୟର ତଦାରଖ କରିଛନ୍ତି। ମନ୍ଦିର ପରିସରରେ ପାଚେରି ନିର୍ମାଣ କାମ ଦ୍ରୁତ ଗତିରେ ଚାଲିଛି। ତିନିପାର୍ଶ୍ୱ ପାଚେରିରେ ଖଣ୍ଡୋଲାଇଟ୍ ଆଚ୍ଛାଦିତ କରାଯାଉଛି। ଉତ୍ତର ପାର୍ଶ୍ୱରେ ଥିବା ପୁରୁଣା ଗୁମୁଟକୁ ଭାଙ୍ଗି ସେଠାରେ ନୂଆ ଗୁମୁଟ ନିର୍ମାଣ କରାଯାଉଛି। ମନ୍ଦିର ଭିତରେ ତୁଣିଆ ମହଲ, ବଲ୍ଲଭ ଘର, ରୋଷଶାଳା କାମ ଚାଲିଛି। ଭିତର ଚକଡ଼ାର ପଥର ବଦଳାଯାଇ ନୂଆ ପଥର ଲଗାଯାଉଥିବା ବେଳେ ଅନ୍ୟାନ୍ୟ ନବୀକରଣ କାମ ଚାଲିଛି। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପାଚେରି କାମ, ନୂଆ ଗୁମୁଟ ନିର୍ମାଣ ସମେତ ମନ୍ଦିର ଭିତରେ ଚାଲିଥିବା ନବୀକରଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସବୁ କାମର ଗୁଣବତ୍ତା ଓ ସମୟସୀମା ଉପରେ ଗୁରୁତ୍ୱ ଦେଇଛନ୍ତି।

ଅନ୍ୟପକ୍ଷରେ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ଦର୍ଶନ ପ୍ରାୟ ୬ ବର୍ଷ ହେବ ବନ୍ଦ ରହିଛି। ରଥଯାତ୍ରା ସମୟରେ ମହାପ୍ରଭୁ ଆଡ଼ପ ମଣ୍ଡପରେ ବିଜେ କଲାବେଳେ କେବଳ ୯ ଦିନ ପାଇଁ ଭକ୍ତମାନେ ଦର୍ଶନ କରିପାରୁଛନ୍ତି। ବାକି ସମୟରେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳୁନାହିଁ। ବର୍ଷତମାମ ଗୁଣ୍ଡିଚା ମନ୍ଦିର ଖୋଲିବା ପାଇଁ ବିଭିନ୍ନ ସଂଗଠନ, ସେବାୟତ ଓ ଭକ୍ତମାନେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଗୁଣ୍ଡିଚା ମନ୍ଦିର ଖୋଲିବା ପାଇଁ ଏସ୍‌ଓପି ପ୍ରସ୍ତୁତ ସରିଛି। ଯେହେତୁ ଉନ୍ନତୀକରଣ କାମ ଚାଲିଛି ତେଣୁ ଏହା ସରିବା ପରେ ଏବଂ ସୁରକ୍ଷା ଦୃଷ୍ଟିରୁ ସବୁକିଛି ଠିକ୍ ଅଛି ବୋଲି ନିଶ୍ଚିତ ହେଲେ ଖୋଲିବା ବ୍ୟବସ୍ଥା ହେବ। ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ସେବାୟତ ନିଯୋଗ ସହ ପରାମର୍ଶ ପରେ ଖୋଲାଯିବ। ଏତଦ୍‌ବ୍ୟତୀତ ଶରଧାବାଲିର ମଧ୍ୟ ଉନ୍ନତୀକରଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟରୁ ଯାହା ଜଣାପଡୁଛି ନୀଳାଦ୍ରି ବିଜେ ପରେ ହିଁ ଭକ୍ତଙ୍କ ପାଇଁ ଖୋଲିପାରେ ଗୁଣ୍ଡିଚା ମନ୍ଦିର।

**ଯୁବକଙ୍କ ତଣ୍ଟି କାଟି ହତ୍ୟା ମାମଲା**

# ୭ ଅଭିଯୁକ୍ତ ଗିରଫ; ଅନ୍ୟଙ୍କୁ ଖୋଜୁଛି ପୁଲିସ





ପୁରୀ,୨୬।୫(ସମିସ): ବ୍ରହ୍ମଗିରି ବ୍ଲକ୍ ବାଲିହରଚଣ୍ଡୀ ମନ୍ଦିର ନିକଟ କାଜୁ ଜଙ୍ଗଲରେ ଗତ ୨୪ ତାରିଖ ସନ୍ଧ୍ୟାରେ ଜଣେ ଯୁବକଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ମୃତକ ହେଲେ ଜଗନ୍ନାଥପାଟଣା ଗାଁର ଲିପୁ ଜେନା। ଏହି ବୀଭତ୍ସ ହତ୍ୟାକାଣ୍ଡ ମାମଲାରେ ସଦର ଥାନା ପୁଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ନରସିଂହପାଟଣାର ଅମିୟ ମାଣିଆ, ମଣ୍ଟୁ ଦାସ, ଦିବାକର ଦାସ, ଶାନ୍ତନୁ ଭୋଇ, ପ୍ରଶାନ୍ତ ସେଠୀ, ରାକେଶ ବେହେରା ଓ ସନ୍ତୋଷ ଦାସ ବୋଲି ମଙ୍ଗଳବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ପି ଶ୍ରୀ କହିଛନ୍ତି, କାଜୁ ଜଙ୍ଗଲକୁ ନେଇ ନରସିଂହପାଟଣା ଓ ଜଗନ୍ନାଥ ପାଟଣା ଗାଁ ମଧ୍ୟରେ ବିବାଦ ଲାଗି ରହିଥିଲା। କିନ୍ତୁ ମୃତକ ଲିପୁ ଓରଫ କାଳୁ ଜେନା ସହ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ ସମୟରେ ବିବାଦ ଓ କଥା କଟାକଟି ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ଭିତରେ ଆପୋଷ ସମାଧାନ ହୋଇଥିଲା। ଘଟଣା ଦିନ ଅଭିଯୁକ୍ତମାନେ କାଜୁ ଜଙ୍ଗଲ ନିକଟ ଏକ ଜାଗାରେ ବସିଥିଲେ। ସେହି ବାଟଦେଇ ଲିପୁ ଯାଉଥିବାବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଲିପୁ ସେମାନଙ୍କୁ କମେଣ୍ଟ ମାରିଥିଲେ। ପାଟିତୁଣ୍ଡ ପରେ ଲିପୁ ପଳାଇଯାଇଥିଲେ। ସେ ଫେରିଲେ ତାଙ୍କୁ ଆକ୍ରମଣ କରିବା ଲାଗି ଅଭିଯୁକ୍ତମାନେ ଯୋଜନା କରିଥିଲେ। ଲିପୁ ଘରକୁ ଫେରୁଥିବାବେଳେ ୧୦ ଜଣ ଅଭିଯୁକ୍ତ ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିଲେ। ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ବ୍ରହ୍ମଗିରି, ସଦର ଥାନା ପୁଲିସ ସହ ଏସ୍‌ଡିପିଓ ଓ ଅତିରିକ୍ତ ଏସ୍‌ପି ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ୨୪ ଘଣ୍ଟା ମଧ୍ୟରେ ୭ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି। ଅଭିଯୁକ୍ତଙ୍କଠାରୁ ଗୋଟିଏ ଛୁରି, ଲୁହା ରଡ୍, ବିୟର ବୋତଲ, ୩ଟି ମୋବାଇଲ୍ ଫୋନ୍, ୬ଟି ମୋଟର ସାଇକଲ ଜବତ କରାଯାଇ ତଦନ୍ତ ଚାଲିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୁଲିସ ପକ୍ଷରୁ ଚଢ଼ଉ କରାଯାଉଛି। ଆବଶ୍ୟକ ହେଲେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। ତେବେ ତଦନ୍ତ ସମ୍ପୂର୍ଣ୍ଣ ହେଲା ପରେ ଚାର୍ଜଶିଟ୍ ଦାଖଲ କରାଯିବ। ହତ୍ୟା ଘଟଣାର ସମସ୍ତ ତଥ୍ୟ, ପ୍ରମାଣ ସଂଗ୍ରହ କରାଯାଇଛି। ଉଭୟ ଗାଁରେ ଭୟର ବାତାବରଣ ଥିବାରୁ ପୁଲିସ ମୁତୟନ କରାଯାଇଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

THE SAKALA

# ସମ୍ପାଦକୀୟ



ବହୁଲୋକଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତି ତୁଳନାରେ ଉନ୍ନତ ବୁଦ୍ଧିସମ୍ପନ୍ନ ଜଣେ ବ୍ୟକ୍ତିର ନିଷ୍ପତ୍ତି ଅଧିକ ଉତ୍ତମ।
-ପ୍ଲାଟୋ

## ରାତିର ତାତି

ଏବେ ରାତ୍ରିକାଳୀନ ତାପମାତ୍ରା ଅସ୍ୱାଭାବିକ ବୃଦ୍ଧି ପାଇ ଚାଲିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ବେଳେ ବାହାରକୁ ନ ଯିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଥିବା ବେଳେ ଏବେ ରାତ୍ରିକାଳୀନ ସତର୍କ ସୂଚନା ଜାରି ହୋଇଛି। ଏପରିକି ରାତିରେ ମଧ୍ୟ ଅଂଶୁଘାତର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ଚେତାବନୀ ଦିଆଯାଉଛି। ଏହାକୁ କେବଳ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆଳରେ ଅଣଦେଖା କରି ହେବ ନାହିଁ। ସମ୍ପୂର୍ଣ୍ଣ ରୂପେ ମନୁଷ୍ୟକୃତ ଏହି ଅସ୍ୱାଭାବିକତା ପାଇଁ ମଣିଷ ହିଁ ପରାଭବ ଭୋଗୁଛି। ୨୪ ଘଣ୍ଟା ବାତାନୁକୂଳିତ ପରିବେଶରେ ରହୁଥିବା ଧନିକ ବର୍ଗଙ୍କ ପାଇଁ ତାପମାତ୍ରାର ଏଭଳି ଅସ୍ୱାଭାବିକତାରେ ସେଭଳି କିଛି ଫରକ ପଡୁନାହିଁ। ମଧ୍ୟବିତ୍ତବର୍ଗ ମଧ୍ୟ କୌଣସି ପ୍ରକାରେ ଖର୍ଚ୍ଚରୁ କାଟ୍‌ଛାଣ୍ଟ କରି କିମ୍ବା କିସ୍ତିରେ ଏୟାର କଣ୍ଡିସନ୍ ଓ ଏୟାର କୁଲର କିଣି ରାତିର ତାତିରୁ ରକ୍ଷା ପାଇପାରୁଛନ୍ତି। କିନ୍ତୁ ନିମ୍ନ ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାର ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ବୟସ୍କ ଓ ରୋଗୀମାନଙ୍କ ପାଇଁ ଏହା ସମସ୍ୟା ଆଣୁଛି। ଏପରିକି ବାହାରର ତାପମାତ୍ରା ତୁଳନାରେ ଘର ଭିତରର ତାପମାତ୍ରା ଅଧିକ ସମସ୍ୟା ସୃଷ୍ଟିକାରୀ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

ଦିନ ବେଳା ମଣିଷ ଶରୀର ସହୁଥିବା ଉତ୍ତାପ ରାତିରେ ହ୍ରାସ ପାଏ। କିନ୍ତୁ ଏବେ ଭାରତରେ ରାତିରେ ହାରାହାରି ତାପମାତ୍ରା ୩୨ ଡିଗ୍ରୀ ଉପରେ ରହୁଥିବାରୁ ଶରୀର ଶୀତଳ ହେବା ପାଇଁ ସମୟ ପାଉନାହିଁ। ତେଣୁ ଆଭ୍ୟନ୍ତରୀଣ ଚୟାପଚୟନରେ ବ୍ୟତିକ୍ରମ ଦେଖାଦେଉଛି। ଭାରତରେ ହାରହାରି ଦିନର ତାପମାତ୍ରା ୧୯୦୧ ରୁ ୨୦୧୮ ମଧ୍ୟରେ ୦.୭ ଡିଗ୍ରୀ ବୃଦ୍ଧି ପାଇଛି। କିନ୍ତୁ ବିଗତ ୩୦ ବର୍ଷ ଭିତରେ ହାରାହାରି ତାପମାତ୍ରା ୦.୬୩ ଡିଗ୍ରୀ ଏବଂ ରାତିର ତାପମାତ୍ରା ହାରାହାରି ୦.୪ ଡିଗ୍ରୀ ବୃଦ୍ଧି ପାଇଛି।

ଏହାର କାରଣ କେବଳ ପ୍ରାକୃତିକ ନୁହେଁ। ବିକାଶ ନାମରେ ବ୍ୟାପକ ବୃକ୍ଷଛେଦନ, ଜଳାଶୟଗୁଡ଼ିକୁ ପୋତି ଗୃହ ନିର୍ମାଣ, ବ୍ୟାପକ ଶିଳ୍ପାୟନ, ଯାନବାହନର ବହୁଳ ବିକ୍ରି, ଅଧିକରୁ ଅଧିକ କୋଠା ନିର୍ମାଣ ଆଦିର ପରିଣତି ଏବେ ମିଳୁଛି। ଏଥିସହିତ ଯୋଡ଼ି ହୋଇଯାଇଛି ବିପୁଳ ମାତ୍ରାରେ ବାତାନୁକୂଳିତ ଯନ୍ତ୍ରର ବ୍ୟବହାର। ଯେଉଁ ବୈଦ୍ୟୁତିକ ଓ ଯାନ୍ତ୍ରିକ ଉପକରଣଗୁଡ଼ିକ ଏକଦା ବିଳାସପୂର୍ଣ୍ଣ ବର୍ଗରେ ପରିଗଣିତ ହେଉଥିଲା, ଆଧୁନିକତାର ପ୍ରଭାବରେ ତାହା ଏବେ ଆରାମଦାୟକ ବର୍ଗ ଅଧୀନ ହେବାରେ ଲାଗିଛି। ମଣିଷର ଏହି ମାନସିକତା ହିଁ ତା' ନିଜ ପାଇଁ ଅଧିକରୁ ଅଧିକ ସମସ୍ୟାକୁ ଡାକି ଆଣୁଛି। ଗରମରୁ ସୁରକ୍ଷା ପାଇଁ ଆମେ ଏବେ ଯେତେ ଅଧିକ ବାତାନୁକୂଳିତ ଓ ଶୀତଳୀକରଣ ଉପକରଣର ବ୍ୟବହାର କରିଚାଲିଛୁ ତାହା ଆମ ଅଲକ୍ଷ୍ୟରେ ବାହ୍ୟପରିବେଶ ବା ଜଳବାୟୁର ତାପମାତ୍ରାକୁ ଚକ୍ରକ୍ରିୟାରେ ସେତିକି ବୃଦ୍ଧି କରିଚାଲିଛି। ସେହି ଉତ୍ତାପ ଆମ ପାଖକୁ ପୁଣି ଥରେ ଫେରୁଛି। ଅଧିକରୁ ଅଧିକ ବିଜୁଳିବତୀ ବ୍ୟବହାର ମଧ୍ୟ ପରିବେଶକୁ ଉତ୍ତପ୍ତ କରୁଛି। ଏବେ ଆମକୁ କ୍ରିକେଟ୍ ନିଶା ଏଭଳି ଘାରିଛି ଯେ ଛୋଟ ଛୋଟ ସହରରେ ମଧ୍ୟରେ ରାତିରେ ଉଚ୍ଚ କ୍ଷମତାସମ୍ପନ୍ନ ଆଲୋକରେ କ୍ରିକେଟ୍ ମ୍ୟାଚ୍ ଚାଲିଛି।

ଏସି, ଫ୍ରିଜ୍ ଆଦିରେ ଶୀତଳୀକରଣ ପ୍ରକ୍ରିୟା କ୍ଲୋରୋଫ୍ଲୁରୋକାର୍ବନ୍(ସିଏଫ୍‌ସି) ନାମକ ଏକ ରସାୟନିକ ବାଷ୍ପ ଦ୍ୱାରା ସଂଘଟିତ ହୁଏ, ଯାହାର ମୋଟ ଉତ୍ତାପ ନିର୍ଗମନ ପରିମାଣ ବିଶ୍ୱ ତାପମାତ୍ରାରେ ୭%। ତେଣୁ ୨୦୫୦ ସୁଦ୍ଧା ଶୀତଳୀକରଣ ଉପକରଣର ବିଷାକ୍ତ ବାଷ୍ପ ନିର୍ଗମନ ପରିମାଣକୁ ୬୮% ପର୍ଯ୍ୟନ୍ତ ହ୍ରାସ କରିବାକୁ କୋପ୍-୨୮ ରେ ସଦସ୍ୟ ରାଷ୍ଟ୍ରମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ଉଦ୍ୟମ ଓ ସଂକଳ୍ପ କେତେ ବାସ୍ତବବାଦୀ ହେବ ତାହା କହିବା କଷ୍ଟକର। କାରଣ ପୂର୍ବରୁ ମଧ୍ୟ ରାଷ୍ଟ୍ରମାନେ ଏଭଳି ଏକାଧିକ ରାଜିନାମାରେ ସ୍ୱାକ୍ଷର କରିଥିଲେ ହେଁ ଆନ୍ତରିକତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ସିଏଫ୍‌ସି ଓଜନ୍ ସ୍ତରକୁ ଗୁରୁତର ପ୍ରଭାବିତ କରୁଛି ବୋଲି ୧୯୮୫ ମସିହାରେ ଏକ ବିଜ୍ଞାନଭିତ୍ତିକ ଗବେଷଣାତ୍ମକ ସନ୍ଦର୍ଭରେ ପ୍ରକାଶିତ ହେବା ପରେ ୧୯୮୭ ମସିହାରେ ମଣ୍ଟ୍ରିଲ୍ ପ୍ରୋଟୋକଲ୍‌ରେ ସିଏଫ୍‌ସି ବ୍ୟବହୃତ ଶୀତଳୀକରଣ ଉପକରଣର ଉତ୍ପାଦନ ଓ ବ୍ୟବହାର ଯଥାସମ୍ଭବ ହ୍ରାସ କରିବା ପାଇଁ ପ୍ରାୟ ୨୦୦ ଦେଶ ସ୍ୱାକ୍ଷର କରିଥିଲେ। କିନ୍ତୁ ସେଗୁଡ଼ିକର ଉତ୍ପାଦନ ତ କମିଲା ନାହିଁ, ବରଂ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର ରିପୋର୍ଟ ଅନୁଯାୟୀ ୧୯୯୦ରୁ ଏ ପର୍ଯ୍ୟନ୍ତ ସେଗୁଡ଼ିକର ଉତ୍ପାଦନ ବାର୍ଷିକ ତିନିଗୁଣା ହାରରେ ବୃଦ୍ଧି ପାଇ ଚାଲିଛି। ୨୦୪୭ ସୁଦ୍ଧା ଏସି ଉତ୍ପାଦନ ୮୦% ହ୍ରାସ କରିବା ପାଇଁ ପୁଣି ଥରେ ୨୦୧୬ରେ ୧୫୦ ଦେଶ ମଣ୍ଟ୍ରିଲ୍ ପ୍ରୋଟେକଲ୍‌ର 'କିଗାଲି ଆମେଣ୍ଡମେଣ୍ଟ'ରେ ସ୍ୱାକ୍ଷର କରିଛନ୍ତି। ଅଥଚ ୨୦୨୨ରେ ଏହାର ଉତ୍ପାଦନ ପୂର୍ବବର୍ଷ ତୁଳନାରେ ୫% ବଢ଼ିଛି ଏବଂ ଆଗାମୀ ଦିନରେ ଆହୁରି ଦ୍ରୁତଗତିରେ ବଢ଼ିବାର ଆକଳନ କରାଯାଉଛି।

ମଣିଷ ନିଜ ମାନସିକତାକୁ ପରିବର୍ତ୍ତନ କରିପାରିବ ନାହିଁ କି ବିଶ୍ୱରେ ଶୀତଳୀକରଣ ଉପକରଣ ଚାହିଦା ଓ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ନିକଟ ଭବିଷ୍ୟତରେ ଦିଶୁ ନାହିଁ। ତେଣୁ ଜଳବାୟୁ ଓ ପରିବେଶ ସମ୍ପର୍କିତ ଶୀର୍ଷ ସମ୍ମିଳନୀମାନଙ୍କରେ ହେଉଥିବା ସଂକଳ୍ପ ଓ ଘୋଷଣାନାମା କେବଳ ଧର୍ମକୁ ଆଖିଠାର ହୋଇ ରହିଯାଉଛି। ଯଦି ଶୀତଳୀକରଣ ଉପକରଣମାନଙ୍କର ଯଥୋଚିତ ବ୍ୟବହାର ଓ ସଠିକ୍ ପରିଚାଳନା କରାଯାଇପାରନ୍ତା ତେବେ ସବୁଜ ଗୃହ ବାଷ୍ପ ନିର୍ଗମନକୁ ୧୦୦ ବିଲିୟନ ଗିଗାଟନ୍ ପର୍ଯ୍ୟନ୍ତ ହ୍ରାସ କରାଯାଇପାରନ୍ତା। କିନ୍ତୁ ଏହା ଏକ ଦିବାସ୍ୱପ୍ନ। ଏବେ ସମୟ ଆସିଛି ଅଧିକରୁ ଅଧିକ ପରିବେଶ ଅନୁକୂଳ ବାସଗୃହ ନିର୍ମାଣ ଉପରେ ଅଗ୍ରାଧିକାର ଦେବାକୁ ହେବ। ଉତ୍ତାପରୁ ସାମୟିକ ଆଶ୍ୱସ୍ତି ଦୀର୍ଘକାଳୀନ ଉତ୍ତାପ ସମସ୍ୟା ସୃଷ୍ଟି ନ କରୁ - ଏଥିପାଇଁ ମଣିଷ ପ୍ରଥମେ ତା'ର ମାନସିକତାରେ ପରିବର୍ତ୍ତନ କରିବା ଆବଶ୍ୟକ। ନ ହେଲେ ରାତିର ତାତି ବଢ଼ି ୫୦ ଡିଗ୍ରୀ ଛୁଇଁବା ଅସମ୍ଭବ ନୁହେଁ।

# ଅମୃତକାଳର ଅସରପା

**ଗୌରୀ ପ୍ରସାଦ ମହାପାତ୍ର**

ମାନବ ସମାଜରେ ଘୃଣ୍ୟ ଓ ଅବାଞ୍ଛିତ କୀଟ ରୂପେ ବିଦିତ ଅସରପା ସମାଜ ଯଦି ମାନବ ତୁଲ୍ୟ ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳ ସମ୍ପନ୍ନ ହୋଇଥିବେ ଏବଂ ସାମାଜିକ ଗଣମାଧ୍ୟମରେ ରୁଚି ରଖୁଥିବେ ତେବେ ଭାରତରେ ସେମାନଙ୍କ ଭାବମୂର୍ତ୍ତି ସହସା ଏତେ ଉଜ୍ଜ୍ୱଳ ଓ ଗୌରବମୟ ସୋପାନକୁ ଉନ୍ନୀତ ହୋଇଯାଇଥିବା ଦେଖି ଆନନ୍ଦ ଉପଲକ୍ଷିର ଉତ୍ସବ ପାଳନ କରୁଥିବେ। ପୁଣି ଯଦି ଆମାଜନ୍ ଜଙ୍ଗଲର ଆଦିମ ମହୁମାଛି ଭଳି ଅସରପାମାନଙ୍କୁ 'କୀଟାଧିକାର' ପ୍ରଦାନ କରାଯାଇଥା'ନ୍ତା ଏବଂ 'ପେଟା'(ପ୍ରାଣୀମାନଙ୍କ ନୈତିକ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟରତ ବ୍ୟକ୍ତି) ତୁଲ୍ୟ କୌଣସି ସଂଗଠନ କାର୍ଯ୍ୟ କରୁଥା'ନ୍ତା, ତେବେ ତା'ର ସଦସ୍ୟମାନେ ଅସରପାର ଅପମାନ ଓ ନୈତିକ ଅଧିକାର ହନନ ଅଭିଯୋଗ ଆଣି ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ବିରୋଧରେ ମାନହାନି ମୋକଦ୍ଦମାଟିଏ ରୁଜୁ କରିଦେଇଥା'ନ୍ତେ କିମ୍ବା 'କକ୍ରୋଚ ଜନତା ପାର୍ଟି(ସିଜେପି)'ର ଉଦ୍ୟୋକ୍ତା ଅଭିଜିତ୍ ଦୀପକେଙ୍କ ଠାରୁ ଅସରପା ଶବ୍ଦ ଓ ଛବିର ବହୁଳ ବ୍ୟବହାର ପାଇଁ ସତ୍ତ୍ୱାଧିକାର ଆଇନ ଆଧାରରେ ବିପୁଳ ଅର୍ଥରାଶି ଦାବି କରିଥା'ନ୍ତେ। ଏହା କେବଳ ମନୋରଞ୍ଜନଧର୍ମୀ ଚଟୁଳ ପରିକଳ୍ପନା ମାତ୍ର, ଯାହାର ବାସ୍ତବତା କେବଳ ଅବାନ୍ତର ନୁହେଁ, ସୁଦୂର ପରାହତ। କିନ୍ତୁ ଏଭଳି ଏକ କଳ୍ପନାପ୍ରସୂତ ବ୍ୟଙ୍ଗାତ୍ମକ ଉପସ୍ଥାପନା ହଠାତ୍ ସମ୍ବେଦନଶୀଳତାର ରୂପ ନେଇ ଅବିଶ୍ୱସନୀୟ ଭାବେ ଗୁରୁତ୍ୱ ଲାଭ କରିଛି ଏବଂ ଅଭୂତପୂର୍ବ ଭାବେ ଅନୁଗମନ ଓ ଗ୍ରହଣୀୟତାର ସମସ୍ତ ରେକର୍ଡ ଭାଙ୍ଗି ଚାଲିଛି। ଭାରତର ପ୍ରଧାନ ବିଚାରପତିଙ୍କ ଏକ ବିବାଦୀୟ ଟିପ୍ପଣୀର ପ୍ରତିକ୍ରିୟାରୁ ମାନସିକସ୍ତରରେ ଜନ୍ମ ନେଇ ଡିଜିଟାଲ୍ ଦୁନିଆ ପରିପୁଷ୍ଟ ହୋଇଥିବା 'ସିଜେପି' ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ଦୋହଲାଇ ଦେଇ ଅନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଛି। ଘଟଣାର ପୃଷ୍ଠଭୂମି ଏହିପରି-

ମେ'୧୫, ୨୦୨୬। ଭାରତର ସର୍ବୋଚ୍ଚ ନ୍ୟାୟମନ୍ଦିରର ପ୍ରଧାନ ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ଏକ ମାମଲାର ଶୁଣାଣି ବେଳେ ଆବେଗବଶତଃ କ୍ଷୋଭର ଆତିଶଯ୍ୟରେ ହେଉ କିମ୍ବା ସମ୍ପୂର୍ଣ୍ଣ ହିତାହିତ ଜ୍ଞାନରେ ଦେଶର ବେରୋଜଗାର ଯୁବବର୍ଗକୁ ଅସ୍ୱସ୍ତିକର 'ପରଜୀବୀ' ଓ 'ଅସରପା' ସହିତ ତୁଳନା କରି ଟିପ୍ପଣୀଟିଏ ଦେଇଦେଲେ। ଦେଶର କୋଟି କୋଟି ବେକାର ଯୁବକଯୁବତୀଙ୍କ ଦୀର୍ଘବର୍ଷର ପୁଞ୍ଜିଭୂତ ଅସନ୍ତୋଷକୁ ପ୍ରତିକ୍ରିୟାରେ ରୂପାନ୍ତରିତ କରିଦେବା ପାଇଁ ଏହା ଯଥେଷ୍ଟ ଥିଲା ଏବଂ ବୋଧହୁଏ ସେମାନଙ୍କ ପାଇଁ ସମୟ ଏହି ଟିପ୍ପଣୀକୁ ଅପେକ୍ଷା କରିଥିଲା। ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବରେ ଗଣମାଧ୍ୟମରେ ଉପସ୍ଥାପନ କରାଯାଇଛି ବୋଲି ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ ପରବର୍ତ୍ତୀ ସମୟରେ ସ୍ପଷ୍ଟୀକରଣ ଦେଲେ। ପ୍ରଧାନବିଚାରପତିଙ୍କ ଟିପ୍ପଣୀର ଭୁଲ୍/ଠିକ୍ ତର୍ଜମା କରିବାର ଧୃଷ୍ଟତା ସର୍ବାଦୌ ଗର୍ହିତ ଓ ପରିହାର୍ଯ୍ୟ। କିନ୍ତୁ ସେତେବେଳକୁ ଅଦାଲତ ପ୍ରକୋଷ୍ଠରେ ସେ ଦେଇଥିବା ଟିପ୍ପଣୀର ଭିଡିଓ ସାର୍ବଜନିନ ହୋଇସାରିଥିଲା ଏବଂ 'ଅସରପା' ପରିଚୟକୁ ସ୍ୱେଚ୍ଛାକୃତ ଭାବେ ବରଣ କରିନେବାର ମାନସିକତା ଦେଶର ବେକାର ଯୁବବର୍ଗଙ୍କ ମନ ଓ ମସ୍ତିଷ୍କରେ ସଞ୍ଚରି ଯାଇଥିଲା।

ବୋଷ୍ଟନ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗର ଭାରତୀୟ ଶିକ୍ଷାନବିସ ଅଭିଜିତ୍ ଦୀପକେ ପ୍ରଧାନ ବିଚାରପତିଙ୍କ ଅସରପା ମନ୍ତବ୍ୟର ପ୍ରତିବାଦରେ 'ସିଜେପି' ନାମରେ ଏକ ବ୍ୟଙ୍ଗଧର୍ମୀ ଭର୍ଚ୍ଚୁଆଲ୍ ବା ଡିଜିଟାଲ୍ ରାଜନୈତିକ ଦଳଟିଏ ଗଠନ କରି ତାହାର ଇସ୍ତାହାର ସମେତ ଦଳର ସଦସ୍ୟତା ଲାଗି ଯୋଗ୍ୟତା ମାନଦଣ୍ଡ ଆଦି ଜାରି କରିଦେଲେ। ଦେଶର ବିଭିନ୍ନ କ୍ଷେତ୍ରରେ ଅବହେଳିତ, ନିଷ୍ପେଷିତ, ନିର୍ଯାତିତ ବିପୁଳ ସଂଖ୍ୟକ ହତାଶ ବେକାର ଯୁବକଯୁବତୀ ଦୀର୍ଘଦିନ ଧରି ଚାପି ରଖିଥିବା କଥା ଓ ବ୍ୟଥାକୁ ପରିପ୍ରକାଶ କରିବା ପାଇଁ ଏତେବର୍ଷ ପରେ ସତେଯେମିତି ଏକ ଉପଯୁକ୍ତ ମଞ୍ଚ ପାଇଗଲେ। ସେମାନେ ଅପମାନସୂଚକ ଆକ୍ଷେପକୁ 'ସିଜେପି' ମଞ୍ଚ ଜରିଆରେ ନିଜର ପରିଚୟରେ ପରିଣତ କରିଦେଲେ ଏବଂ 'ହାସ୍ ମି ଟୁ' ଆନ୍ଦୋଳନ ଅନୁରୂପ 'ମୁଁ ମଧ୍ୟ ଅସରପା' ରୂପେ ଆତ୍ମଘୋଷଣା କଲେ।

ଅଭିଜିତ୍ କଳ୍ପନା ସୁଦ୍ଧା କରି ନ ଥିବେ ଯେ ତାଙ୍କ ପ୍ରତୀକାତ୍ମକ ରାଜନୈତିକ ଦଳଟି ସାମାଜିକ ଗଣମାଧ୍ୟମରେ ମାତ୍ର ୭ ଦିନ ଭିତରେ ୨କୋଟି ସରିକି ସମର୍ଥନ ହାସଲ କରି ଅଭୂତପୂର୍ବ ହାରରେ ବଢ଼ିଚାଲିବ। ଆନ୍ନା ହଜାରେଙ୍କ ନେତୃତ୍ୱରେ ୨୦୧୧ର ଦୁର୍ନୀତି ବିରୋଧୀ ଆନ୍ଦୋଳନ ପରେ ଭାରତୀୟ ଇତିହାସରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ବୋଧହୁଏ 'ସିଜେପି' ସାମାଜିକ ଗଣମାଧ୍ୟମରେ ଏତେ ମୁଖର ହୋଇ ନଥା'ନ୍ତା ଯଦି ପ୍ରଧାନ ବିଚାରପତି ତାଙ୍କର ତଥାକଥିତ 'ପରଜୀବୀ' ଓ 'ଅସରପା' ଶବ୍ଦ ସହିତ ସାମ୍ବାଦିକ ଓ ସୂଚନା କର୍ମୀମାନଙ୍କୁ ଯୋଡ଼ି ନଥା'ନ୍ତେ। ଏବେ 'ସିଜେପି' ଓ ଅସରପାକୁ ନେଇ ରାପ୍ ସଂଗୀତ, ଭଳିକି ଭଳି ରିଲ୍ସ, ଭିଡିଓ, ଆଲୋଚନା, ସମାଲୋଚନା, ବ୍ୟଙ୍ଗ, ଆକ୍ଷେପ, ପ୍ରତିଆକ୍ଷେପ, ଚର୍ଚ୍ଚା ଆଦିରେ ସାମାଜିକ ଗଣମାଧ୍ୟମ ମୁଖର। 'ସିଜେପି' ଭାରତର ସର୍ବବୃହତ୍ ଓ ସର୍ବାଦୃତ ଜାତୀୟ ରାଜନୈତିକ ଦଳର ଲୋକପ୍ରିୟତା ଓ ଅନୁଗାମୀ ସଂଖ୍ୟାକୁ ପଛରେ ପକାଇ ସଦର୍ପେ ଆଗେଇ ଚାଲିଛି। ତେଣୁ ଅନୁମାନ ଅନୁରୂପ ଦେଶର ସୁରକ୍ଷା ଓ ଅଖଣ୍ଡତା ପ୍ରତି ବିପଦ ଥିବା ଦର୍ଶାଇ ଭାରତ ସରକାର 'ସିଜେପି'ର ଏକ୍ସ ଆକାଉଣ୍ଟ ହ୍ୟାଣ୍ଡଲ ଏବଂ ୱେବ୍‌ସାଇଟକୁ ରଦ୍ଦ କରିଦେଇଛନ୍ତି।

ଆଦର୍ଶ, ଲକ୍ଷ୍ୟ, ସ୍ୱାର୍ଥ ଓ ଦୃଷ୍ଟିକୋଣ ଅନୁଯାୟୀ ବିଭିନ୍ନ ମହଲରେ 'ସିଜେପି' ଭିନ୍ନ ଭିନ୍ନ ଢଙ୍ଗରେ ଗ୍ରହଣୀୟ କିମ୍ବା ପ୍ରତ୍ୟାଖ୍ୟାତ ହେଉଛି। ପରବର୍ତ୍ତୀ ସମୟରେ ଏହା ଭାରତରେ ଆଉ ଏକ ବିକଳ୍ପ ରାଜନୈତିକ ଦଳ ରୂପେ ଉଭା ହେବ କି ନାହିଁ ତାହା ଭିନ୍ନ ପ୍ରସଙ୍ଗ। କିନ୍ତୁ ଏହି ଅଭିଯାନ ଓ ବୌଦ୍ଧିକ ପ୍ରତୀକାତ୍ମକ ଆନ୍ଦୋଳନରୁ ଯେଉଁ କେତେକ ସକାରାତ୍ମକ ସନ୍ଦେଶ ମିଳୁଛି ସେ ସମ୍ପର୍କରେ କିଞ୍ଚିତ ଆଲୋଚନା କରାଯାଉ। ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଏବଂ ନେପାଳରେ 'ଜେନ୍ ଜେଡ୍' ଆନ୍ଦୋଳନ ପ୍ରେରିତ ସେଠାକାର କ୍ଷମତା ପରିବର୍ତ୍ତନ ଘଟଣାର ପୃଷ୍ଠଭୂମିରେ ରାଜନୈତିକ ବିଶାରଦମାନେ ଭାରତରେ ମଧ୍ୟ ଜେନ୍ ଜେଡ୍ ନେତୃତ୍ୱରେ ଏଭଳି ହିଂସାତ୍ମକ ଆନ୍ଦୋଳନର ଅନୁମାନ ଓ ଆଶଙ୍କା କରିଥିଲେ। ନେପାଳ 'ଜେନ୍‌ଜେଡ୍' ଆନ୍ଦୋଳନ ଓ 'ସିଜେପି' ଅଭିଯାନର ବର୍ଗ, ପୃଷ୍ଠଭୂମି, ମାଧ୍ୟମ ଓ ଆଧାର ସମାନ ହେଲେ ମଧ୍ୟ ଉଲ୍ଲେଖନୀୟ ତଫାତ୍ ହେଉଛି ଏହି ଆଲେଖ୍ୟ ଲେଖା ହେବା ପର୍ଯ୍ୟନ୍ତ 'ସିଜେପି'ର କର୍ମୀମାନେ ନେପାଳର 'ଜେନ୍‌ଜେଡ୍' ଭଳି ହିଂସାତ୍ମକ ପନ୍ଥା ଆପଣେଇ ନାହାନ୍ତି, ବରଂ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ମାର୍ଗକୁ ଅନୁସରଣ କରିଛନ୍ତି। ସେମାନେ ପୁଣି ଥରେ ପ୍ରମାଣ କରିଦେଇଛନ୍ତି ଯେ ବୁଦ୍ଧଙ୍କ ଭୂମିରେ ହିଂସାର ସ୍ଥାନ ନାହିଁ ଏବଂ ଗାନ୍ଧୀ ବିଚାର ଆଜି ମଧ୍ୟ ପ୍ରାସଙ୍ଗିକ। 'ସିଜେପି' ଆହୁରି ମଧ୍ୟ ପ୍ରମାଣ କରିଛି ଯେ ସାମ୍ପ୍ରତିକ ପରିବେଶରେ ରାଜନୈତିକ ବିରୋଧ/ ପ୍ରତିବାଦ କିମ୍ବା ଲୋକପ୍ରିୟତା ହାସଲ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବାର ଆବଶ୍ୟକତା ନାହିଁ।

ଏବେ ତଥାକଥିତ ଅବାଞ୍ଛିତ ଅସରପାମାନଙ୍କ ଉତ୍ପତ୍ତିସ୍ଥଳ ସହିତ ଜଡ଼ିତ ଦୁଇ/ତିନିଟି ପରିସଂଖ୍ୟାନ ଉପରେ ଦୃଷ୍ଟି ଦେବା। ୨୦୨୪ ଅଗଷ୍ଟ ମାସରେ ଭାରତ ଗସ୍ତରେ ଆସିଥିବା ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ଉପପରିଚାଳନା ନିର୍ଦ୍ଦେଶକ ତଥା ଭାରତୀୟ ବଂଶୋଦ୍ଭବ ଗୀତା ଗୋପୀନାଥନ୍‌ଙ୍କ ତଥ୍ୟାନୁଯାୟୀ, 'ଅର୍ଥନୀତିର କେତେକ କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲେ ମଧ୍ୟ ସାମ୍ପ୍ରତିକ ନିଯୁକ୍ତି ବଜାର ସ୍ଥିତି ଦୃଷ୍ଟିରୁ ଭାରତର ସ୍ଥାନ ଜି-୨୦ ଦେଶମାନଙ୍କ ମଧ୍ୟରେ ସର୍ବନିମ୍ନରେ। ଭାରତରେ ନିଯୁକ୍ତି ହାର ଅଭିବୃଦ୍ଧି ମାତ୍ର ୨%।' ଅର୍ଥାତ୍ ଅତି ନୈରାଶ୍ୟଜନକ। 'ୱାର୍ଲ୍ଡ ଇକନୋମିକ୍ ଫୋରମ୍'ର ତଥ୍ୟ ଅନୁଯାୟୀ 'ଭାରତରେ ଗତ କିଛିବର୍ଷ ଭିତରେ ଦକ୍ଷତା କେନ୍ଦ୍ରଗୁଡ଼ିକର ସଂଖ୍ୟାରେ ଆଶାନୁରୂପ ବୃଦ୍ଧି ହୋଇପାରିନାହିଁ। ଭାରତ ଅତିକମ୍‌ରେ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଥା'ନ୍ତା; କିନ୍ତୁ ତାହା ମାତ୍ର ୧୦.୬ ଲକ୍ଷରେ ସୀମିତ ରହିଛି।' 'ଇନ୍‌ଷ୍ଟିଚ୍ୟୁଟ୍ ଫର ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ' ଓ 'ଇଣ୍ଟରନ୍ୟାଶ୍ନାଲ୍ ଲେବର ଅର୍ଗାନାଇଜେସନ୍'ର ମିଳିତ ଆନୁକୂଲ୍ୟରେ ୨୦୨୪ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ 'ଭାରତରେ କାର୍ଯ୍ୟରତ ଶ୍ରମଶକ୍ତିର ମୋଟ ୮୨% ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ, ଯେଉଁମାନଙ୍କ ମଧ୍ୟରୁ ୯୦% କର୍ମଜୀବୀଙ୍କ ଚାକିରି ଅସୁରକ୍ଷିତ। ମହିଳାମାନେ ଶ୍ରମଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଅପାର ସମ୍ଭାବନା ଥିଲେ ମଧ୍ୟ ସେମାନେ ମୁଖ୍ୟତଃ ଅବୈତନିକ କାର୍ଯ୍ୟରେ ସମର୍ପିତ। ବାକି ଯେଉଁ ରୋଜଗାରର ସୁଯୋଗ ରହିଛି ସେଥିମଧ୍ୟରୁ ୫୬% ଆତ୍ମନିଯୁକ୍ତ।' ଏହାଛଡ଼ା ଗତ ୧୨ବର୍ଷ ଭିତରେ ବିଭିନ୍ନ ସ୍ତରରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପ୍ରାୟ ୮୦ଟି ନିଯୁକ୍ତି ପରୀକ୍ଷା ବାତିଲ୍ ହୋଇ ୧ କୋଟି ୭୦ ଲକ୍ଷ ପ୍ରାର୍ଥୀଙ୍କୁ ହତାଶ କରିଥିବା ଅଭିଯୋଗ ହେଉଛି। ତେଣୁ ସୂର୍ଯ୍ୟକାନ୍ତଙ୍କ ଦୃଷ୍ଟିରେ ସୃଷ୍ଟି ହୋଇସାରିଥିବା ଏହି ଅସରପାମାନେ କେଉଁଠୁ ଓ କିପରି ଜନ୍ମ ନେଇଛନ୍ତି ଓ ନେଉଛନ୍ତି ତାହାର ଆଉ ଅଧିକ ବିସ୍ତୃତ ବିବରଣୀ ଉଲ୍ଲେଖ ନିଷ୍ପ୍ରୟୋଜନ।

ନର୍ଦ୍ଦମା ରୂପୀ ବ୍ୟବସ୍ଥାର ଅନ୍ଧକାର ଘୂର୍ଣଚକ୍ରକୁ ଅଭିନବ ଢଙ୍ଗରେ ଲୋକଲୋଚନକୁ ଆଣିବାର ପ୍ରୟାସ କରୁଥିବା 'ସିଜେପି'ର ଅସରପା ମୁଖୋଟାଧାରୀ ବେକାର ଯୁବବର୍ଗର ଆଚରଣ ହିନ୍ଦୀ ଚଳଚ୍ଚିତ୍ର 'ଟିଲର ପାର୍ଟି'ର ସେହି ଦୃଶ୍ୟକୁ ମନେ ପକାଇ ଦେଉଛି, ଯେଉଁଠାରେ କୋମଳମତି ସ୍କୁଲ୍ ଛାତ୍ରମାନଙ୍କର ଅନ୍ତବସ୍ତ୍ର ପରିହିତ ପ୍ରତିବାଦ କିଭଳି ଏକ ଅଞ୍ଚଳର ଆଇନ ବଦଳାଇବାକୁ ସରକାରଙ୍କୁ ବିବଶ କରିଥିଲା। ପୁଣି ଟ୍ୟୁନିସିଆରେ ପୁଲିସ୍‌ର ଅମାନୁଷିକ ଅତ୍ୟାଚାର ପ୍ରତିବାଦରେ ଜଣେ ଗରିବ କଦଳୀ ବିକାଳୀର ଆତ୍ମଦାହ 'ଆରବ ବସନ୍ତ'ର ରୂପ ନେଇ ୧୨ଟି ଦେଶର ଶାସନତନ୍ତ୍ରକୁ ବଦଳାଇ ଦେଇଥିଲା। ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଏଭଳି ଅସରପାଙ୍କ ଉପସ୍ଥିତି ସର୍ବାଦୌ ଗର୍ହିତ। ତେଣୁ 'ତଥାକଥିତ ଅସରପାମୁକ୍ତ ଭାରତ' ଗଠନର ପରିକଳ୍ପନାରେ 'ସିଜେପି' ଯଦି ନିର୍ଣ୍ଣାୟକ ହୁଏ ଏବଂ ଭାରତର ଗଣତନ୍ତ୍ର ଯଦି ଏଭଳି ଢଙ୍ଗରେ କଡ଼ ଲେଉଟାଏ ତେବେ ଇତିହାସ ତାହାର ସର୍ବୋଚ୍ଚ ଶ୍ରେୟର ହକ୍ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ହିଁ ଦେବ - ଏହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଡିଜିଟାଲ୍ ଯୁଗରେ ରିମୋଟ୍ ଚାକିରି

**ସୁରେଶ କୁମାର ମହାପାତ୍ର**

ଆଜିର ଡିଜିଟାଲ୍ ଯୁଗରେ ଚାକିରି ଓ କାର୍ଯ୍ୟ ପ୍ରଣାଳୀରେ ବିଶ୍ୱସ୍ତରରେ ଏକ ବୃହତ୍ ପରିବର୍ତ୍ତନ ଦେଖାଦେଇଛି। ପୂର୍ବରୁ ଚାକିରି ପାଇଁ ବଡ଼ ସହରକୁ ଯିବା, କାର୍ଯ୍ୟାଳୟରେ ବସି କାମ କରିବା ଓ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ଆବଶ୍ୟକ ଥିଲା। କିନ୍ତୁ ଇଣ୍ଟରନେଟ୍, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ଡିଜିଟାଲ୍ ଯୋଗାଯୋଗ ବ୍ୟବସ୍ଥାର ବିକାଶ ଫଳରେ 'ରିମୋଟ୍ ଜବ୍' ବା 'ଘରେ ବସି କାମ କରିବା'ର ସଂସ୍କୃତି ଦ୍ରୁତବେଗରେ ବଢ଼ୁଛି। ଏହା ଓଡ଼ିଶାର ଯୁବପିଢ଼ି ଓ ଅବସରପ୍ରାପ୍ତ ଦକ୍ଷ ବ୍ୟକ୍ତିମାନଙ୍କ ପାଇଁ ଏକ ନୂତନ ଆର୍ଥିକ ସମ୍ଭାବନାର ଦ୍ୱାର ଖୋଲିଦେଇଛି।



କୋଭିଡ୍ ପରବର୍ତ୍ତୀ ସମୟରେ ବହୁତ ଦେଶୀ ଓ ବିଦେଶୀ କମ୍ପାନୀ 'ୱାର୍କ ଫ୍ରମ ହୋମ୍'(ଘରୁ କାମ କରିବା) ପ୍ରଣାଳୀକୁ ସ୍ଥାୟୀ ଭାବରେ ଗ୍ରହଣ କରିଛନ୍ତି। ଏବେ ଜଣେ ବ୍ୟକ୍ତି ରାୟଗଡ଼ା, କୋରାପୁଟ, ବ୍ରହ୍ମପୁର କିମ୍ବା ଭୁବନେଶ୍ୱରରୁ ବସି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଲଣ୍ଡନ୍ କିମ୍ବା ଆମେରିକାର କମ୍ପାନୀ ସହ କାମ କରିପାରୁଛନ୍ତି। ଏହା ଚାକିରିର ଭୌଗୋଳିକ ସୀମାକୁ ଭାଙ୍ଗି ଦେଇଛି ଏବଂ ଦକ୍ଷତାକୁ ମୁଖ୍ୟ ମାନଦଣ୍ଡରେ ପରିଣତ କରିଛି। ଓଡ଼ିଶାର ଯୁବପିଢ଼ି ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ବର୍ତ୍ତମାନ ଡାଟା ଏଣ୍ଟ୍ରି, କଣ୍ଟେଣ୍ଟ ରାଇଟିଂ, ଗ୍ରାଫିକ୍ ଡିଜାଇନ୍, ଡିଜିଟାଲ୍ ମାର୍କେଟିଂ, ଅନଲାଇନ୍ ଟ୍ୟୁସନ୍, କଷ୍ଟମର୍ ସପୋର୍ଟ, ସୋସିଆଲ୍ ମିଡିଆ ମ୍ୟାନେଜମେଣ୍ଟ, ଏଆଇ ଟ୍ରେନିଂ ଓ ସଫ୍ଟୱେର୍ ସପୋର୍ଟ ଭଳି କ୍ଷେତ୍ରରେ ବିଶ୍ୱସ୍ତରରେ ଚାହିଦା ବଢ଼ୁଛି। ଯେଉଁ ଯୁବକମାନେ ଇଂରାଜୀ ଯୋଗାଯୋଗ, କମ୍ପ୍ୟୁଟର ଓ ଡିଜିଟାଲ୍ କୌଶଳରେ ପାରଦର୍ଶୀ, ସେମାନେ ଘରେ ବସି ଭଲ ଆୟ କରିପାରୁଛନ୍ତି। ବିଶେଷକରି ବିଦେଶୀ କମ୍ପାନୀମାନେ ଭାରତୀୟ ଯୁବକମାନଙ୍କୁ ଡଲାରରେ ପାରିଶ୍ରମିକ ଦେଉଥିବାରୁ ଏହା ଅଧିକ ଆକର୍ଷଣୀୟ ହୋଇପାରିଛି। ଜଣେ ନବନିଯୁକ୍ତ ମାସକୁ ୫୦୦ ରୁ ୧୦୦୦ ଡଲାର ପର୍ଯ୍ୟନ୍ତ ଆୟ କରିପାରୁଥିବା ବେଳେ ଦକ୍ଷ ଓ ଅଭିଜ୍ଞ ବ୍ୟକ୍ତିମାନେ ୩୦୦୦ ଡଲାର କିମ୍ବା ତା'ଠାରୁ ଅଧିକ ଆୟ କରୁଛନ୍ତି। ଭାରତୀୟ ଟଙ୍କାରେ ଏହା ଏକ ଶକ୍ତିଶାଳୀ ଆର୍ଥିକ ସୁଯୋଗରେ ପରିଣତ ହେଉଛି। ଏହା ଗ୍ରାମ ଓ ଛୋଟ ସହରର ଯୁବପିଢ଼ିଙ୍କ ପାଇଁ ଆତ୍ମନିର୍ଭରତାର ଏକ ନୂତନ ମାର୍ଗ ସୃଷ୍ଟି କରୁଛି।

ଅପରପକ୍ଷରେ ଅବସରପ୍ରାପ୍ତ ଶିକ୍ଷକ, ବ୍ୟାଙ୍କ ଅଧିକାରୀ, ଇଞ୍ଜିନିୟର୍, ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ଅନ୍ୟାନ୍ୟ ଦକ୍ଷ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ରିମୋଟ୍ କାର୍ଯ୍ୟକ୍ଷେତ୍ର ଏକ ନୂତନ ଅବସର ଆଣିଛି। ସେମାନେ ନିଜର ଦୀର୍ଘ ଅଭିଜ୍ଞତାକୁ ଅନଲାଇନ୍ କନସଲ୍ଟେନ୍ସି, ଭର୍ଚ୍ଚୁଆଲ୍ ଟ୍ରେନିଂ, କ୍ୟାରିୟର୍ ଗାଇଡେନ୍ସ ଓ ପ୍ରୋଜେକ୍ଟ ପରାମର୍ଶ ମାଧ୍ୟମରେ ଦେଶ ଓ ବିଦେଶର ସଂସ୍ଥାମାନଙ୍କ ସହ ଅଂଶୀଦାର କରିପାରିବେ। ଏହା ସେମାନଙ୍କୁ ଆର୍ଥିକ ଭାବେ ସକ୍ରିୟ ରଖିବା ସହ ନୂତନ ପିଢ଼ିକୁ ଦିଗନିର୍ଦ୍ଦେଶ ଦେବ।

ତଥାପି ଏହି କ୍ଷେତ୍ରରେ ସଫଳତା ପାଇଁ ଡିଜିଟାଲ୍ କୌଶଳ, ଇଂରାଜୀ ଯୋଗାଯୋଗ ଓ ନୂତନ ପ୍ରଯୁକ୍ତି ବିଷୟରେ ଜ୍ଞାନ ଅତ୍ୟାବଶ୍ୟକ। ସରକାର, ଶିକ୍ଷାନୁଷ୍ଠାନ ଓ ବେସରକାରୀ ସଂଗଠନମାନେ ଯଦି ଏଆଇ, ଡିଜିଟାଲ୍ ସ୍କିଲ୍ ଓ ଅନଲାଇନ୍ କାର୍ଯ୍ୟ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତି, ତେବେ ଓଡ଼ିଶା 'ରିମୋଟ୍ ଜବ୍' କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିବ। ସେହିପରି ରିମୋଟ୍ ଚାକିରି କେବଳ ଏକ କାମ ନୁହେଁ, ଏହା ନୂତନ ଯୁଗର ଏକ ଆର୍ଥିକ ବିପ୍ଳବ। ଯଦି ଓଡ଼ିଶାର ଯୁବପିଢ଼ି ଓ ଅଭିଜ୍ଞ ବ୍ୟକ୍ତିମାନେ ସମୟ ସହିତ ନିଜକୁ ପ୍ରସ୍ତୁତ କରନ୍ତି, ତେବେ ସେମାନେ ଘରେ ବସି ବିଶ୍ୱସ୍ତରୀୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିପାରିବେ।

(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)
ମୋ: ୯୪୩୭୧୮୧୯୦୨

# ମାଆ ଶାରଳାଙ୍କ ଜଗନ୍ନାଥ ବେଶ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଗଜପତି କପିଳେନ୍ଦ୍ର ଦେବ ଶାରଳା ଦାସଙ୍କ ଦ୍ୱାରା ରଚିତ ମହାଭାରତକୁ ଓଡ଼ିଆ ଭାଷାର 'ଆଦିଗ୍ରନ୍ଥ' ରୂପେ ମାନ୍ୟତା ଦେଇ ତା'ର ରଚୟିତାଙ୍କୁ 'ଆଦିକବି' ପଦବୀରେ ଅଭିଷିକ୍ତ କରିବା ପାଇଁ ମନସ୍ଥ କଲେ। ଶାରଳା ଦାସଙ୍କ ମୂଳ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା। ସେ ଜାତିରେ ଖଣ୍ଡାୟତ ଥିଲେ। କୁହାଯାଏ ଯେ ସେ ଗଜପତିଙ୍କ ସେନାବାହିନୀରେ କାମ କରୁଥିଲେ। ଗଜପତିଙ୍କର ଉପରୋକ୍ତ ନିଷ୍ପତ୍ତି ଅନେକ ତଥାକଥିତ ପଣ୍ଡିତମାନଙ୍କୁ ଅସହ୍ୟ ହେଲା। ବ୍ୟାସଦେବଙ୍କ ରଚିତ କାବ୍ୟକୁ ଓଡ଼ିଆ ଭାଷାରେ ରଚନା କରିବାର ଶ୍ରେୟ ସିଦ୍ଧେଶ୍ୱର ପରିଡ଼ା ପରି ଜଣେ ଶୂଦ୍ରକୁ ଦେବା ପୁରାଣଶାସ୍ତ୍ରର ଅବମାନନା ବୋଲି ସେମାନେ ମନେ କରୁଥିଲେ। ତେଣୁ ସେମାନେ ତାଚ୍ଛଲ୍ୟ କରି ଶାରଳା ଦାସଙ୍କୁ 'ଶୂଦ୍ରମୁନି' ବୋଲି ସମ୍ବୋଧନ କରି ଅପମାନିତ କରିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଶାରଳା ଦାସ ସେ ସମ୍ବୋଧନକୁ ଅଳଙ୍କାର ରୂପେ ଗ୍ରହଣ କରି ନିଜ ଲେଖାରେ ଅନେକବାର ନିଜକୁ 'ଶୂଦ୍ରମୁନି' ରୂପେ ବର୍ଣ୍ଣନା କରିଥିଲେ।

ଯଥାସମୟରେ ଗଜପତି କପିଳେନ୍ଦ୍ର ଦେବଙ୍କ ନିମନ୍ତ୍ରଣ ପାଇ ଶାରଳା ଦାସ ମହାଭାରତ ପୋଥି ନେଇ ଦରବାରରେ ଦାଖଲ କଲେ। ରାଜାଙ୍କ ଆଦେଶରେ ରଚନାର ମାନ ନିର୍ଦ୍ଧାରଣ କରିବା ପାଇଁ ପୋଥିକୁ ପଣ୍ଡିତ ସମାଜକୁ ହସ୍ତାନ୍ତର କରାଗଲା। ପଣ୍ଡିତମାନଙ୍କ ଭିତରୁ ଯେଉଁମାନେ କବିଙ୍କୁ ନିନ୍ଦା କରୁଥିଲେ, ସେମାନେ ଦୃଢ଼ ମତବ୍ୟକ୍ତ କଲେ ଯେ ଶାରଳା ଦାସ ରଚିତ ମହାଭାରତ ଓଡ଼ିଆ ଭାଷାର 'ଆଦିଗ୍ରନ୍ଥ' ମାନ୍ୟତା ପାଇବାର କୌଣସି ଯୋଗ୍ୟତା ରଖେ ନାହିଁ। ଆଉ କେତେକ ମତବ୍ୟକ୍ତ କଲେ ଯେ ଗ୍ରନ୍ଥରେ ଥିବା କେତେକ ତ୍ରୁଟି ସଂଶୋଧନ କରିଦେଲେ 'ଆଦିଗ୍ରନ୍ଥ' ମାନ୍ୟତା ଦେବା ପାଇଁ ବିଚାର କରାଯାଇପାରେ। ଗଜପତି ଦ୍ୱିତୀୟ ପ୍ରସ୍ତାବରେ ରାଜି ହେଲେ। କିନ୍ତୁ ଶାରଳା ଦାସ କହିଲେ, 'ମଣିମା! ଏ ଗ୍ରନ୍ଥର ଲେଖକ ମୁଁ ନୁହେଁ। ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶ ଅନୁସାରେ ମାତା ଶାରଳା ମୋ କଣ୍ଠରେ ବିଜେ କରି ମୋତେ ଯାହା କହି ଦିଅନ୍ତି, ମୁଁ ତାହା ହିଁ ଲେଖିଦିଏ। ମାତା ଶାରଳାଙ୍କ ଲେଖାର ସଂଶୋଧନ କରିବାର ଧୃଷ୍ଟତା ମୁଁ କରିପାରିବି ନାହିଁ।' ଶାରଳା ଦାସଙ୍କ ଏ କଥା ଉପସ୍ଥିତ ସଭାସଦବର୍ଗଙ୍କ ବିଶ୍ୱାସଯୋଗ୍ୟ ହେଲା ନାହିଁ।

ଏହି ସମୟରେ ମାତା ଶାରଳା ଶୂନ୍ୟରେ ଆବିର୍ଭୂତା ହୋଇ କହିଲେ, 'କପିଳେନ୍ଦ୍ର! ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶରେ ମୁଁ ସିଦ୍ଧେଶ୍ୱର କଣ୍ଠରେ ବିଜେ କରି ଯାହା ଲେଖିବା କଥା, ତା'କୁ ବତେଇ ଦେଉଥିଲି। ତୁମେ ତା'ର ପ୍ରମାଣ ପାଇବାକୁ ଚାହୁଁଥିଲେ ଶ୍ରୀମନ୍ଦିରର ନୀଳଚକ୍ରକୁ ଦେଖ। ନିଜେ ମହାପ୍ରଭୁ ସେଠାରେ ବିରାଜମାନ କରି ଏ କଥାର ସାକ୍ଷ୍ୟ ପ୍ରମାଣ ଦେଉଛନ୍ତି।' ଗଜପତି ଓ ସେଠାରେ ଉପସ୍ଥିତ ସମସ୍ତେ ନୀଳଚକ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରି ଚମତ୍କୃତ ହେଲେ। ମହାପ୍ରଭୁ ସେଠାରେ ବିରାଜମାନ କରି ମନ୍ଦମନ୍ଦ ହସୁ ଥିଲେ। ତା' ପରେ ଗଜପତି କ୍ଷଣେମାତ୍ର ଅପେକ୍ଷା ନ କରି ଶାରଳା ଦାସଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସମ୍ବର୍ଦ୍ଧିତ କଲେ। ମହାଭାରତକୁ ଓଡ଼ିଆ ଭାଷାର 'ଆଦିଗ୍ରନ୍ଥ' ଓ ଶାରଳା ଦାସଙ୍କୁ 'ଆଦିକବି' ରୂପେ ଘୋଷଣା କଲେ।

ଶାରଳା ଦାସ ଝଙ୍କଡ଼ ଫେରିଗଲେ। ଗଜପତିଙ୍କ ସମ୍ବର୍ଦ୍ଧନା ତାଙ୍କୁ ଯେତିକି ଆନନ୍ଦିତ କରୁଥିଲା, ତଥାକଥିତ ପଣ୍ଡିତମାନଙ୍କର ତାଚ୍ଛଲ୍ୟ ଓ ଅପମାନ ତାଙ୍କୁ ବହୁଗୁଣରେ ବ୍ୟଥିତ କରୁଥିଲା। ସେତେବେଳକୁ ସେ ବାର୍ଦ୍ଧକ୍ୟରେ ଉପନୀତ ହୋଇ ସାରିଥିଲେ। ତେଣୁ ବାରମ୍ବାର ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କର ଦର୍ଶନର ସମ୍ଭାବନା କମି ଆସୁଥିଲା। ଦିନେ ସେ ମାଆ ଶାରଳାଙ୍କ ମନ୍ଦିରରେ ପହଞ୍ଚି ମାଆଙ୍କୁ ନିବେଦନ କରି କହିଲେ, 'ମାଆ, ଏ ଅକିଂଚନ ପୁତ୍ରର ମାନ ରକ୍ଷା କରିବା ପାଇଁ ତୋତେ ରାଜ ଦରବାରରେ ପହଞ୍ଚିବାକୁ ପଡ଼ିଲା। ମହାପ୍ରଭୁ ମଧ୍ୟ ମୋ ପାଇଁ ରତ୍ନବେଦୀ ଛାଡ଼ି ନୀଳଚକ୍ରରେ ବିରାଜମାନ କଲେ। ମୋର ମନେ ହେଉଛି ଯେ କେତେକ ଅସହିଷ୍ଣୁ ମୋତେ ପ୍ରଭୁଙ୍କର ସ୍ୱଚ୍ଛନ୍ଦ ଦର୍ଶନ କରେଇ ଦେବେ ନାହିଁ। କିନ୍ତୁ ତୋର ଓ ମହାପ୍ରଭୁଙ୍କ ଦର୍ଶନ ବିନା ଏ ଅକିଂଚନ ବଞ୍ଚିପାରିବ ନାହିଁ।' ଭକ୍ତର ଆତୁର ପ୍ରାର୍ଥନା ମାଆ ଶୁଣି କହିଲେ, 'ପୁତ୍ର! ମୁଁ ପରମ ବୈଷ୍ଣବୀ ଓ ମହାପ୍ରଭୁଙ୍କର ପରମ ଭକ୍ତ। ତାଙ୍କର ଷଷ୍ଠ ଅବତାର ପ୍ରଭୁ ପର୍ଶୁରାମ ତାଙ୍କ ଶରମୁନରେ ମୋତେ ନିର୍ମାଣ କରିଛନ୍ତି। ଏଣିକି ତୋ ପାଇଁ ମୁଁ ପ୍ରତି ଏକାଦଶୀ ତିଥିରେ ଜଗନ୍ନାଥବେଶ ଗ୍ରହଣ କରି ଦର୍ଶନ ଦେବି। ଭକ୍ତମାନେ ମୋର ଜଗନ୍ନାଥ ବେଶ ଦର୍ଶନ କରି ମହାପ୍ରଭୁଙ୍କ ଦର୍ଶନର ପୁଣ୍ୟ ଲାଭ କରିବେ।' ସେହିଦିନଠାରୁ ମାତା ଶାରଳାଙ୍କୁ ବିଷ୍ଣୁଙ୍କର ପ୍ରିୟତିଥି ଏକାଦଶୀ ଦିନ ଜଗନ୍ନାଥ ବେଶ କରିବା ପରମ୍ପରା ଆରମ୍ଭ ହୋଇ ଅଦ୍ୟାବଧି ଚାଲିଛି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶିମିଳିପାଳ ଇକୋ-ସେନସିଟିଭ ଜୋନ୍‌ରେ ପ୍ରସ୍ତାବିତ ହୋଟେଲ ପ୍ରକଳ୍ପ

# ଏନଜିଟିଙ୍କ ସ୍ଥିତାବସ୍ଥା ବଜାୟ ଆଦେଶ

- ଇଡକୋ, ଇପିକଲ/ଡିପା ଓ ହୋଟେଲ ସୋନାର ବାଙ୍ଗଲାଙ୍କୁ ନିର୍ମାଣ କାର୍ଯ୍ୟରୁ ବିରତ ରହିବାକୁ ନିର୍ଦ୍ଦେଶ
- ପରବର୍ତ୍ତୀ ଶୁଣାଣି ଜୁଲାଇ ୩୧ ତାରିଖକୁ ଧାର୍ଯ୍ୟ

ବାରିପଦା, ୨୬।୫ (ସମିସ): ଶିମିଳିପାଳ ଇକୋ-ସେନସିଟିଭ୍ ଜୋନ୍‌ରେ ପ୍ରସ୍ତାବିତ ହୋଟେଲ ପ୍ରକଳ୍ପକୁ ନେଇ ରୁଜୁ ମାମଲାର ଶୁଣାଣି କରି କୋଲକାତାସ୍ଥିତ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ଦେଇଛନ୍ତି। ନ୍ୟାୟମୂର୍ତ୍ତି ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ ମେମ୍ବର) ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଟ୍ରିବ୍ୟୁନାଲ୍ ପ୍ରତିପକ୍ଷ ଇଡକୋ, ଇପିକଲ ଓ ହୋଟେଲ ସୋନାର ବାଙ୍ଗଲାଙ୍କୁ ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ତହସିଲ ଅନ୍ତର୍ଗତ ମୌଜା ଲକ୍ଷ୍ମୀପୋଷି, ଖାତା ନଂ ୧୨୩, ପ୍ଲଟ ନଂ ୧୩୮ ଉପରେ କୌଣସି ପ୍ରକାର ନିର୍ମାଣ କିମ୍ବା ସମ୍ବନ୍ଧିତ କାର୍ଯ୍ୟ କରିବାରୁ ବିରତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାଟି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ଇକୋସେନସିଟିଭ ଜୋନ(ଇଏସଜେଡ) ଭିତରେ ଅବସ୍ଥିତ ପ୍ରାୟ ୧୦୦ଏକର ପରିମାଣର ପରିବେଶ ସମ୍ବେଦନଶୀଳ ଜଙ୍ଗଲ ଓ ପାହାଡ଼ିଆ ଜମିକୁ ଏକ ବେସରକାରୀ ହୋଟେଲ/ରିସର୍ଟ ପ୍ରକଳ୍ପ ପାଇଁ ବ୍ୟବହାର କରିବା ପ୍ରସ୍ତାବକୁ ନେଇ ଦାଖଲ କରାଯାଇଛି। ଆବେଦକଙ୍କ ଅଭିଯୋଗ ଅନୁଯାୟୀ, ଏହି ଜମିଟି ଘନ ଶାଳ ଜଙ୍ଗଲ ଓ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଏବଂ ଶିମିଳିପାଳ ବାଘ ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ୟଜନ୍ତୁ କରିଡର୍ ଭାବେ କାର୍ଯ୍ୟ କରୁଛି। ମାମଲାଟି ବର୍ତ୍ତମାନ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ଅଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୧ତାରିଖକୁ ଧାର୍ଯ୍ୟ କରାଯାଇଛି।

# ରାଜ୍ୟରେ ୩୦ରୁ ଏସ୍ଆଇଆର୍

- ସିଇଓଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ
- ତ୍ରୁଟିଶୂନ୍ୟ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୬।୫(ସମିସ): ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଏସଆଇଆରର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନଙ୍କ ଅଧ୍ୟକ୍ଷତାରେ ଆଭାସୀ(ଭର୍ଚୁଆଲ୍) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ମାନେ ସାମିଲ ହୋଇଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ବିଏଲଓମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମକୁ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଏକ କଲ୍ ମଧ୍ୟ ବୁକ୍ କରିପାରିବେ। ଏହି ବୈଠକରେ ଡେପୁଟି ସିଇଓ ଡ.ଲକ୍ଷ୍ମୀପ୍ରସାଦ ସାହୁ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଜେପିରେ ମିଶିଲେ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର,୨୬।୫(ସମିସ): ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମଙ୍ଗଳବାର ବିଜେପିରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ୍ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ବିଜେପିରେ ମିଶିବା ପରେ ଶ୍ରୀ ସାମନ୍ତରାୟ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ଭେଟିଛନ୍ତି ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ସିବିଏସ୍ଇ ବିରୋଧରେ ସଙ୍ଗୀନ ଅଭିଯୋଗ

# ମୂଲ୍ୟାଙ୍କିତ ଉତ୍ତର ଖାତାରୁ ୨ ପୃଷ୍ଠା ନିଖୋଜ

ଅସୁରାଳି,୨୬।୫(ସମିସ): କେନ୍ଦ୍ରୀୟମାଧ୍ୟମିକଶିକ୍ଷାବୋର୍ଡ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାଙ୍କନ ପ୍ରକ୍ରିୟାରେ ଏକ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ବୋର୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ଉତ୍ତର ଖାତାର ସ୍କାନ୍ କପିରୁ ପୃଷ୍ଠା ଗାଏବ ଥିବା ନେଇ କଟକର ଜଣେ ମେଧାବୀ ଛାତ୍ରୀ ଓ ତାଙ୍କ ପରିବାର ପକ୍ଷରୁ ସିବିଏସ୍ଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଘଟଣା ସିବିଏସ୍ଇର ମୂଲ୍ୟାଙ୍କନ ପ୍ରଣାଳୀର ସ୍ୱଚ୍ଛତା ଓ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, କଟକସ୍ଥିତ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଶାଖାର ଛାତ୍ରୀ ଶୁଭ୍ରା ନାୟକ (ରୋଲ୍ ନମ୍ବର ୧୨୬୧୦୨୪୬) ଚଳିତ ୨୦୨୬ ବୋର୍ଡ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ଫଳାଫଳ ପ୍ରକାଶ ପାଇବା ପରେ ଆଶାନୁରୂପ ମାର୍କ ନ ମିଳିବାରୁ ସେ ପୁନଃଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ଇଂରାଜୀ ବିଷୟର ଉତ୍ତର ଖାତାର ସ୍କାନ୍ କପି ପାଇଁ ଆବେଦନ କରିଥିଲେ। ତେବେ ବୋର୍ଡ ପକ୍ଷରୁ ମିଳିଥିବା ସ୍କାନ୍ କପି ଦେଖିବା ପରେ ଛାତ୍ରୀ ଓ ତାଙ୍କ ପରିବାର ସ୍ତବ୍ଧ ହୋଇଯାଇଥିଲେ। ଉତ୍ତର ଖାତାରୁ ୧୬ ଓ ୧୭ ନମ୍ବର ପୃଷ୍ଠା ସମ୍ପୂର୍ଣ୍ଣ ଭାବେ ନିଖୋଜ ଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଛାତ୍ରୀଙ୍କ ଘର ଧାମନଗର ବ୍ଲକ୍ ଧୂଷୁରୀ ଥାନା ହସନାବାଦ ପଞ୍ଚାୟତ ପଙ୍ଗଟା ଗ୍ରାମରେ। ଛାତ୍ରୀଙ୍କ ପକ୍ଷରୁ କୁହାଯାଇଛି ଯେ ସେ ପରୀକ୍ଷାରେ ସମସ୍ତ ପ୍ରଶ୍ନର ଉତ୍ତର ସଠିକ୍ ଭାବେ ଲେଖିଥିଲେ। ମାତ୍ର ମୂଲ୍ୟାଙ୍କିତ ଖାତାରୁ ୧୬ ଓ ୧୭ ନମ୍ବର ପୃଷ୍ଠା ଗାଏବ ଥିବାରୁ, ସେହି ଅଂଶର ମୂଲ୍ୟାଙ୍କନ ଆଦୌ କରାଯାଇନାହିଁ। ବୋର୍ଡ ଚଳିତ ବର୍ଷ (୨୦୨୫-୨୬ ଶିକ୍ଷାବର୍ଷ) ରୁ ଲାଗୁ କରିଥିବା ନୂତନ ଅନ୍‌ସ୍କ୍ରିନ୍ ମାର୍କିଂ (ଓଏସ୍ଏମ୍) ପ୍ରଣାଳୀରେ ତ୍ରୁଟି ଯୋଗୁଁ ଏଭଳି ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୂଲ୍ୟାଙ୍କନ ସମୟରେ ପୃଷ୍ଠା ନ ଥିବା କଥା କେମିତି କାହାରି ନଜରକୁ ଆସିଲାନି, ତାହାକୁ ନେଇ କ୍ଷୋଭ ପ୍ରକାଶ ପାଇଛି। ଏହି ଗୁରୁତର ଲାପ୍ସକୁ ନେଇ ଛାତ୍ରୀଙ୍କ ବାପା ନିଶିକାନ୍ତ ନାୟକ ସିବିଏସ୍ଇ ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପଠାଇଛନ୍ତି। ସେଥିରେ ସେ ଦାବି କରିଛନ୍ତି ଯେ, ତୁରନ୍ତ ଏହି ନିଖୋଜ ପୃଷ୍ଠା ମାମଲାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ମୂଳ ଉତ୍ତର ଖାତାର ଯାଞ୍ଚ କରାଯାଉ। ସମ୍ପୂର୍ଣ୍ଣ ଖାତାର ପୁନଃମୂଲ୍ୟାଙ୍କନ କରାଯାଇ ମାର୍କ ଏବଂ ଫଳାଫଳରେ ତୁରନ୍ତ ସଂଶୋଧନ କରାଯାଉ। ଏହି ସମ୍ବେଦନଶୀଳ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ପ୍ରଦାନ କରିବା ପାଇଁ ଛାତ୍ରୀଙ୍କ ପରିବାର ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଚିଠିର ଏକ ନକଲ ପ୍ରେରଣ କରାଯାଇ ଅବଗତ କରାଯାଇଛି। ଅଭିଭାବକଙ୍କ କହିବା ଅନୁଯାୟୀ, ଗୋଟିଏ ପୃଷ୍ଠାର ମାର୍କ କମିଗଲେ ପିଲାଙ୍କ ଭବିଷ୍ୟତ, କଲେଜ ଆଡ୍‌ମିଶନ ଏବଂ ସ୍କଲାରସିପ୍ ଉପରେ ଏହାର ଖରାପ ପ୍ରଭାବ ପଡ଼େ। ଏହା କେବଳ ମୋ ଝିଅର କଥା ନୁହେଁ, ବରଂ ସିବିଏସ୍ଇ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ବିଶ୍ୱସନିୟତା ଉପରେ ଏକ ବଡ଼ ଆଘାତ। ବର୍ତ୍ତମାନ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୋର୍ଡ ଏହି ସମ୍ବେଦନଶୀଳ ମାମଲାକୁ କେତେ ଶୀଘ୍ର ସମାଧାନ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ

ଦିଗପହଣ୍ଡି,୨୬।୫(ସମିସ): ସ୍ତ୍ରୀ ପ୍ରେମିକ ସହ ଅସଂଜତ ଅବସ୍ଥାରେ ଥିବାବେଳେ ସ୍ୱାମୀ ଦେଖିଦେବାରୁ ତାଙ୍କୁ ପ୍ରେମିକ ସହ ମିଶି ହତ୍ୟା ଉଦ୍ୟମ କରିଛନ୍ତି ସ୍ତ୍ରୀ। ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗ୍ରାମରେ ଏଭଳି ଘଟଣା ଘଟିଛି। ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗିରଫ ଭୟରେ ସ୍ତ୍ରୀ ଏବଂ ତାଙ୍କ ପ୍ରେମିକ ଫେରାର ଅଛନ୍ତି। ସୂଚନାନୁସାରେ ବଜାପଲ୍ଲୀ ଗ୍ରାମର ଏସ.ଶଙ୍କର ରେଡ୍ଡୀ ଗତ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଖଲାସୀ କାମ ସାରି ଘରକୁ ଫେରିଥିଲେ। ଏତିକିବେଳେ ତାଙ୍କ ସ୍ତ୍ରୀ ଏସ. ରଶ୍ମିତା ରେଡ୍ଡୀ ଲକ୍ଷ୍ମୀନାରାୟଣପୁର ଗ୍ରାମର ପ୍ରେମିକ ଦିବାକର ଦୋରାଙ୍କ ସହ ଘର ଭିତରେ ଅସଂଜତ ଅବସ୍ଥାରେ ଥିଲେ। ଶଙ୍କର ଏହାର ପ୍ରତିବାଦ କରିବାରୁ ସ୍ତ୍ରୀ ରଶ୍ମିତା ଓ ପ୍ରେମିକ ଦିବାକର ତାଙ୍କୁ ଘର କବାଟ ପକାଇ ନିସ୍ତୁକ ମାଡ଼ ମାରିଥିଲେ। ପୁଅ, ଝିଅ ତାଙ୍କ ବାପାଙ୍କୁ ମାଡ଼ ନ ମାରିବାକୁ ନେହୁରା ହୋଇଥିଲେ ମଧ୍ୟ ରଶ୍ମିତା ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରିଦେବାକୁ ପ୍ରେମିକ ଦିବାକରଙ୍କୁ କହିଥିଲେ। ଏହା ପରେ ଶଙ୍କର କୌଶଳ କ୍ରମେ ସେଠାରୁ ଖସି ପଳାଇଥିଲେ। ପରିଦିନ ସକାଳେ ଘଟଣା ସମ୍ପର୍କରେ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ଏଏସଆଇ ଦିଲ୍ଲୀପ ଗୋରଡ଼ାଙ୍କୁ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଘଟଣା

# ଅଭିଯୁକ୍ତକୁ ୩ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୨୬।୫(ସମିସ): କେନ୍ଦ୍ରାପଡ଼ା ପକ୍‌ସୋ କୋର୍ଟ ଆଜି ଏକ ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ସୁଧାଂଶୁ ଭୂଷଣ ସାମଲକୁ ଦୋଷୀ ସାବ୍ୟସ୍ତ କରି ଏହି ରାୟ ପ୍ରଦାନ କରିଛନ୍ତି। ୨୦୨୨ ଜାନୁଆରୀ ୨୩ରେ ପାଟକୁରା ଥାନା ଅଞ୍ଚଳର ଏକ ଗ୍ରାମରେ ୧୧ ବର୍ଷର ନାବାଳିକା ତାଙ୍କ ୬ ବର୍ଷର ଭାଇ ସହ ଘରେ ଏକା ଥିବା ବେଳେ ଅଭିଯୁକ୍ତ ଘର ବାରଣ୍ଡାରେ ବସି ମଦ୍ୟପାନ କରୁଥିଲା। ନାବାଳିକା ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିଥିଲା ଓ ସେ ନାବାଳିକାଙ୍କୁ ଘର ଭିତରକୁ ଟେକି ନେଇ ତାଙ୍କ ହାତ ଓ ଗୋଡ଼ ବାନ୍ଧି ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ଛୋଟ ଭାଇ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଏହାର ସୁଯୋଗ ନେଇ ନାବାଳିକା ଅଭିଯୁକ୍ତ କବଳରୁ ଖସି ପଳାଇ ଯାଇଥିଲେ। ପରେ ପରିବାର ପକ୍ଷରୁ ପାଟକୁରା ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।


**LOST**

We AGM, SBI, Bhubaneswar Main Branch, Unit-1, Bhubaneswar, Khurda declared that, one Sale Deed No. 699/1980 relating to Plot No.: 2132/4916, Khata No.: 1266, Mouza: West Bargarh of **Mr. Satyananda Das** which had been Mortgaged at our bank was Lost in our Bank/ Department, Inspite of our best effort the said document couldnot be traced out.
**Contact No.: 9179456522**

**AFFIDAVIT**

By virtue of an affidavit sworn before Executive Magistrate, Puri, dated 05.05.2026, I, JAYASHREE NANDA, Kasinath Niwas, Jali Sahi, Near Jali Sahi School, Puri, PO: Puri(M), DIST: Puri, Odisha - 752002 declare that I have changed my name from PRADEEP LILIMA JAYASHREE to JAYASHREE NANDA. Henceforth, I shall be known as **JAYASHREE NANDA** for all purposes.
**JAYASHREE NANDA**


## ଅବଶିଷ୍ଟାଂଶ...

### ବିବାହ ନାଁରେ...

ଆଧାରରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୧୮ (୪) ଅନ୍ତର୍ଗତ ଠକେଇ ମାମଲା ରୁଜୁ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ମୁକେଶ ବୈରାଗୀ ଓ ତାଙ୍କ ପତ୍ନୀ ସୁନୀତାଙ୍କୁ ଗିରଫ କରାଯାଇଥିବା ବେଳେ ଏହି ସ୍କିମ୍‌ରେ ସାମିଲ ଥିବା ଅନ୍ୟ ଦୁଇ ସହଯୋଗୀ ଦିନେଶ ବୈରାଗୀ ଏବଂ ନରସିଂହ ଦାସ ବୈରାଗୀଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଯେଉଁ ୪୨ଟି ପରିବାର ମଙ୍ଗଳ ବାଜା ବଜାଇ ବୋହୂ ନେବାକୁ ଆସିଥିଲେ, ସେମାନଙ୍କ ଦିନ ଶେଷରେ ଥାନାରେ ଅଭିଯୋଗ କରିବାରେ କଟିଲା।

### ବଢ଼ିଲା ତେଲ...

ଭାରତରୁ ଉତ୍ତର ଭାରତକୁ ପରିବହନ ପାଇଁ ପ୍ରମୁଖ ରୁଟରେ ଭଡ଼ା ୧୦ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହାର ସିଧା ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଛି। ଫଳ, ପରିବା, ଦୁଗ୍ଧ ଓ ରାସନ ସାମଗ୍ରୀ ବୃଦ୍ଧି ପାଇଛି। ସେହିପରି ସ୍ଥାନୀୟ ପରିବହନ କ୍ଷେତ୍ରରେ ବ୍ୟବହୃତ ଛୋଟ ଟ୍ରକ୍‌ଗୁଡ଼ିକ ମଧ୍ୟ ବିଶେଷ ପ୍ରଭାବିତ ହୋଇଛନ୍ତି । ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ଜାତୀୟ ସଭାପତି ହରିଶ ସବରୱାଲଙ୍କ ସୂଚନା ଅନୁସାରେ ଏକ ଟ୍ରକ ପରିଚାଳନା ଖର୍ଚ୍ଚର ୪୦-୪୫% ଡିଜେଲ୍‌ରେ ଯାଇଥାଏ। ଛୋଟ ଅପରେଟରମାନେ ବର୍ତ୍ତମାନ ବର୍ଦ୍ଧିତ ତୈଳ ମୂଲ୍ୟ ଏବଂ କିସ୍ତି ଦେୟର ବୋଝ ବହନ କରିବାକୁ ଅକ୍ଷମ। ଅନେକ ପମ୍ପରେ ତେଲ କମ୍ପାନୀ ଉଧାର ବନ୍ଦ କରିଦେବା ପରେ ଗାଡି ମାଲିକ ପାଖରେ ପୁଞ୍ଜି ସଙ୍କଟ ସୃଷ୍ଟି ହୋଇଛି ଓ ଏହା ପରିବହନ କ୍ଷେତ୍ରକୁ ବଡ଼ ଆଘାତ ଦେଇଛି।

ଅପରପକ୍ଷେ ରାଷ୍ଟ୍ରାୟତ୍ତ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଦେଶବ୍ୟାପୀ ଡିଜେଲ କିମ୍ବା ପେଟ୍ରୋଲ ସଙ୍କଟକୁ ଖଣ୍ଡନ କରିଛନ୍ତି। ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି) ସହ ଅନ୍ୟ କମ୍ପାନୀଗୁଡ଼ିକ ଦେଶରେ ପେଟ୍ରୋଲ ବିକ୍ରି ୧୪ ପ୍ରତିଶତ ଓ ଡିଜେଲ ବିକ୍ରି ୧୮ ପ୍ରତିଶତ ବଢ଼ିଥିବା ପାଲଟା ଯୁକ୍ତି ବାଢ଼ିଛନ୍ତି। ତେବେ କେବଳ କେତେକ ଅଞ୍ଚଳରେ ସ୍ଥାନୀୟ ଭାବେ ତେଲ ଯୋଗାଣ ସମସ୍ୟା ଦେଖାଦେଇଛି ଏବଂ ଏହା ଅସ୍ଥାୟୀ ବୋଲି କମ୍ପାନୀପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ରବି ଶତପଥୀ କହିଛନ୍ତି ଯେ ଏ ଯାଏ ଡିଜେଲ ଯୋଗାଣ ସ୍ୱାଭାବିକ ହୋଇନାହିଁ। ଉପକୂଳ ଓ ଉତ୍ତର ଓଡିଶାରେ ଯୋଗାଣ ସ୍ଥିତି ସୁଧୁରିଥିଲେ ହେଁ ରାଜ୍ୟର ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ସ୍ଥିତି ଅପରିବର୍ତ୍ତିତ ରହିଛି। କେତେକ ପମ୍ପରେ ଟ୍ରକ୍‌ଗୁଡ଼ିକୁ ସୀମିତ ଡିଜେଲ ଦିଆଯାଉଛି। ଏଥିରେ ଉପାନ୍ତ ଅଞ୍ଚଳଗୁଡ଼ିକରେ ମାଲ ପରିବହନ କଷ୍ଟକର ହୋଇଯିବାରୁ ଅନେକ ଟ୍ରକ୍ ଚଳାଚଳ ବନ୍ଦ ହୋଇଗଲାଣି। ଏମିତି ଚାଲିଲେ ଆଗକୁ ସ୍ଥିତି ସାଂଘାତିକ ହେବ ବୋଲି ସେ ଚେତାଇ ଦେଇଛନ୍ତି।

### ଠକିଦେଲା ମୌସୁମୀ...

ଆକାଶରେ ମେଘର ଘନତ୍ୱ ସଠିକ୍ ରହିବା ଜରୁରୀ। ଏପର୍ଯ୍ୟନ୍ତ ଏହି ସବୁ ସର୍ତ୍ତ ପୂରଣ ହୋଇନଥିବାରୁ ମୌସୁମୀ ଆସିବାରେ ବିଳମ୍ବ ହେଉଛି। ବର୍ତ୍ତମାନର ଆକଳନ ଅନୁଯାୟୀ, ଜୁନ୍ ୨ ରୁ ୪ ତାରିଖ ମଧ୍ୟରେ ମୌସୁମୀ କେରଳ ଛୁଇଁପାରେ ବୋଲି ଅନୁମାନ କରାଯାଉଛି। କେରଳରେ ମୌସୁମୀ ବିଧିବଦ୍ଧ ଭାବେ ପ୍ରବେଶ କରିନଥିଲେ ମଧ୍ୟ ପ୍ରାକ୍-ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ପାଣିପାଗ ବିଭାଗ ପକ୍ଷରୁ କେରଳର ଚାରିଟି ଜିଲ୍ଲାରେ ହଳଦିଆ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ଶନିବାର ଓ ରବିବାର ପର୍ଯ୍ୟନ୍ତ ସେଠାରେ ପ୍ରବଳ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି।

ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଏକ ବିଶେଷ ସାମୁଦ୍ରିକ ଗରମ ପରିବେଶ ଯୋଗୁଁ ଚଳିତ ବର୍ଷ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବରୁ ସୂଚନା ଦେଇଛନ୍ତି। ଭାରତ ପାଇଁ ଏହି ବର୍ଷା ଋତୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଦେଶର ଶତକଡ଼ା ୭୦ ଭାଗ ବର୍ଷା ଏହି ମୌସୁମୀରୁ ହିଁ ମିଳିଥାଏ। ମୌସୁମୀ ଆସିବାରେ ୧ ରୁ ୩ ଦିନ ବିଳମ୍ବ ହେବା କୌଣସି ଚିନ୍ତାର ବିଷୟ ନୁହେଁ। ତେବେ ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ସାମଗ୍ରିକ ଭାବେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି।

### ଗାଁ ଦାଣ୍ଡରୁ ଟେକିନେଇ...

କରିଦେଇଥିବା ଯୋଗୁଁ ଛାତ୍ର ପାଟି କରିପାରୁ ନ ଥିଲେ, ମାତ୍ର ପୀଡ଼ିତା ଜୋରରେ ବିରୋଧ କରିବାରୁ ବାପି ତାଙ୍କର ସ୍ପର୍ଶକାତର ଅଙ୍ଗକୁ କାମୁଡ଼ି ବିଦାରି ଦେଇଥିଲା ଓ ତଣ୍ଟି ଚିପିଦେବାକୁ ଉଦ୍ୟମ କରିଥିଲା। ମାତ୍ର କୌଣସିପ୍ରକାର ପୀଡ଼ିତା ଦୁଷ୍କର୍ମକାରୀ କବଳରୁ ନିଜକୁ ମୁକୁଳାଇ ଘରକୁ ଫେରି ଆସିଥିଲେ।

ଝିଅର ଚିରା ଡ୍ରେସ୍ ଓ କାନ୍ଦ ଦେଖି ତାଙ୍କର ମା' ବିବ୍ରତ ହୋଇ ଏହାର କାରଣ ପଚାରିବା ପରେ ସେ ସବୁକଥା ବିସ୍ତୃତ ବର୍ଣ୍ଣନା କରିଥିଲେ। ବାପି ତାଙ୍କ ସହ ଦୁଷ୍କର୍ମ କରିଥିବା ଘଟଣା କହିବା ସହ ଛାତି, ପେଟ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ କଥା ଜଣାଇଥିଲେ। ପୀଡ଼ିତାଙ୍କୁ ତାଙ୍କ ମାଆ ସାଙ୍ଗେ ସାଙ୍ଗେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରିଥିଲା। ମଙ୍ଗଳବାର ସକାଳେ ଜଟଣୀ ଥାନା ପୁଲିସ ଯମୁନା ରାସ୍ତାରୁ ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବୁବୁନ ସାହୁ...

ସ୍ଥାନରେ ଶାନ୍ତନୁ କୁମାର ଶତପଥୀ, ଅଷ୍ଟମ ସ୍ଥାନରେ ନିତିଶ କୁମାର ବାରିକ, ନବମ ସ୍ଥାନରେ ଶୀତଲ ପାତ୍ର ରହିଥିବା ବେଳେ ଇତିଶ୍ରୀ ଜେନା ଦଶମ ସ୍ଥାନ ଅଧିକାର କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୪ଜଣ ମହିଳା ପ୍ରାର୍ଥୀ ରହିଛନ୍ତି।

ଓପିଏସସିର ବିଜ୍ଞାପନ ଅନୁସାରେ, ସମସ୍ତ ୨୦୦ ପଦବୀ ପୂରଣ ହୋଇଥିବା ବେଳେ କୌଣସି ବି ବର୍ଗରେ ପଦ ଖାଲି ପଡ଼ିନାହିଁ। ଅସଂରକ୍ଷିତ ବର୍ଗରେ ୩୦ଜଣ ମହିଳାଙ୍କ ସମେତ ମୋଟ ୭୦ ପ୍ରାର୍ଥୀ ମନୋନୀତ ହୋଇଥିବା ବେଳେ ଏସ୍ଇବିସି ବର୍ଗରେ ୧୧ଜଣ ମହିଳାଙ୍କ ସମେତ ମୋଟ ୩୫ ଜଣ, ଅନୁସୂଚିତ ଜାତି ବର୍ଗରେ ୧୬ଜଣ ମହିଳାଙ୍କ ସହ ୪୫ଜଣ ଏବଂ ଅନୁସୂଚିତ ଜନଜାତି ବର୍ଗରେ ୨୧ଜଣ ମହିଳାଙ୍କ ସହ ମୋଟ ୫୦ ପ୍ରାର୍ଥୀ ସଫଳତାର ସହ ମନୋନୀତ ହୋଇଛନ୍ତି।

ପ୍ରକାଶ ଥାଉକି, ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ୮୫୨୨୩ଜଣ ଆବେଦନ କରିଥିବା ବେଳେ ୧୩୯୮୫ ଜଣ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୩୫୧୬୫ଜଣ ଗତ ୨୦୨୫ ଅକ୍ଟୋବର ୧୨ରେ ଅନୁଷ୍ଠିତ ପ୍ରିଲିମିନାରୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ଭିତରୁ ୨୪୦୫ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ଚଳିତ ବର୍ଷ ଜାନୁଆରୀ ୩୧ରୁ ଫେବୃଆରୀ ୧୦ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସିଭିଲ ସର୍ଭିସେସ୍ ମୁଖ୍ୟ(ଲିଖିତ) ପରୀକ୍ଷା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ୭୦୭ଜଣ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୨୦୫୮ଜଣ ଅବତୀର୍ଣ୍ଣ ହୋଇପାରିଥିଲେ। ପରେ ମେ' ୧୪ରୁ ମେ' ୨୦ ମଧ୍ୟରେ ସାକ୍ଷାତକାର ବା ବ୍ୟକ୍ତିତ୍ୱ ପରୀକ୍ଷା କରାଯିବା ପରେ ଏହି ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇଛି।

କମିଶନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହି ମନୋନୀତ ତାଲିକା ସମ୍ପୃକ୍ତ ନିଯୁକ୍ତି ଅଧିକାରୀଙ୍କ ଦ୍ୱାରା ପ୍ରାର୍ଥୀଙ୍କ ପ୍ରମାଣପତ୍ର, ସଂରକ୍ଷିତ ବର୍ଗର ଯୋଗ୍ୟତା ଏବଂ ଆବଶ୍ୟକସ୍ଥଳେ ସ୍ୱାସ୍ଥ୍ୟ ପରୀକ୍ଷା ସଠିକ୍ ଭାବେ ଯାଞ୍ଚ ହେବା ପରେ ହିଁ ଚୂଡ଼ାନ୍ତ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ଏହାସହ ପ୍ରାର୍ଥୀମାନେ ନିଜ ଘୋଷଣାନାମାରେ ଦେଇଥିବା ପରୀକ୍ଷା ପ୍ରୟାସ ସଂଖ୍ୟାରେ ଯଦି ଭବିଷ୍ୟତରେ କୌଣସି ଅସଙ୍ଗତି ବା ତଥ୍ୟ ଗୋପନ ରଖିଥିବା ଜଣାପଡ଼େ, ତେବେ ସେମାନଙ୍କର ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିନିଆଯିବ ବୋଲି କୁହାଯାଇଛି। ପରୀକ୍ଷାର୍ଥୀମାନେ ସମ୍ପୂର୍ଣ୍ଣ ମେଧା ତାଲିକା ଏବଂ ସବିଶେଷ ସୂଚନା ଓପିଏସସିର ୱେବସାଇଟ୍ http://opsc.gov.in ଉପଲବ୍ଧ କରାଯାଇଛି। ପୂର୍ବରୁ ଓପିଏସ୍‌ସିର ପ୍ରିଲିମିନାରୀ ପରୀକ୍ଷାରୁ ମୁଖ୍ୟ ପରୀକ୍ଷାଫଳ ପ୍ରକାଶ ପର୍ଯ୍ୟନ୍ତ ୨୨ମାସ ସମୟ ଲାଗିଯାଉଥିଲା। ଏଥିପାଇଁ ୟୁପିଏସ୍‌ସିର ସିଭିଲ ସର୍ଭିସ୍ ପରୀକ୍ଷା ନିର୍ଘଣ୍ଟ ସହ ଓପିଏସସି ନିର୍ଘଣ୍ଟର ତାଳମେଳ ରହୁନଥିବାରୁ ପରୀକ୍ଷାର୍ଥୀମାନଙ୍କୁ ଅଲଗା ଅଲଗା ପ୍ରସ୍ତୁତି କରିବାକୁ ମିଳିଥିଲା। ଏଥର ମାତ୍ର ୧୭ମାସରେ ସମସ୍ତ ପ୍ରକ୍ରିୟା ଶେଷ ହୋଇପାରିଛି। ଏହାଦ୍ୱାରା ପ୍ରାର୍ଥୀମାନେ ଗୋଟିଏ ପ୍ରସ୍ତୁତିରେ ଏଣିକି ଉଭୟ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ଓପିଏସସି ପକ୍ଷରୁ କୁହାଯାଇଛି।

### ୩ ମହିଳା ବ୍ୟାଙ୍କ୍...

କ୍ରେଡିଟ୍ ଲୋନ୍ ମଞ୍ଜୁର କରିଥିଲେ। ଏହାର ମୋଟ ପରିମାଣ ୧୩.୯୨ କୋଟି ଟଙ୍କା ରହିଥିଲା। ଟାଟା ଷ୍ଟିଲ୍ ଲିମିଟେଡ୍, ଟିପିସିଓଡିଏଲ୍, ବେଦାନ୍ତ ଲିମିଟେଡ୍, ଧାମରା ପୋର୍ଟ, ଆରତୀ ଷ୍ଟିଲ୍ସ ଲିମିଟେଡ୍ ଆଦି କମ୍ପାନୀର କର୍ମଚାରୀ ଦର୍ଶାଇ ନକଲି ଦରମା ସାର୍ଟିଫିକେଟ୍, ଚାକିରି ବିବରଣୀ, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ କେୱାଇସି ଦସ୍ତାବିଜ୍ ଆଧାରରେ ଦିଆଯାଇଥିଲା। ଠକେଇ କରି ଲୋନ୍ ନେବା ପରେ ଋଣଗ୍ରହୀତାମାନେ ଇଏମ୍ଆଇ ଦେବା ବନ୍ଦ କରିଦେଇଥିଲେ। ଫଳରେ ଏହି ସବୁ ଲୋନ୍ ଏନ୍‌ପିଏ ହୋଇଯାଇଥିଲା। ବକେୟା ରାଶି ୬,୮୮,୨୯,୩୨୩ ଟଙ୍କାରେ ପହଞ୍ଚିଥିଲା।

ତଦନ୍ତ ଅନୁସାରେ ଗିରଫ ଅଭିଯୁକ୍ତ ବୈଶାଖୀ ଶାହା ୨୦୨୨-୨୩ରେ ରେଲ ବିହାର ଶାଖାରେ ସର୍ଭିସ ମ୍ୟାନେଜର ଥିଲେ। ସେ ୧୪୩ଟି ଜାଲ୍ ଲୋନ୍ ବାବଦ ୬.୨୨ କୋଟି ଟଙ୍କା ପ୍ରୋସେସ୍ କରିଥିଲେ। ସେହିପରି ଡ଼ମଣା ଶାଖାର ସର୍ଭିସ ମ୍ୟାନେଜର ଚାରୁବାଳା ଦଣ୍ଡସେନା ଓ ଶାଖା ପରିଚାଳକ ସରିତା ପାଇକରାୟ ୯ଟି ଜାଲ୍ ଲୋନ୍ ବାବଦ ୩୦.୧୭ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ବ୍ୟାଙ୍କର ଆଭ୍ୟନ୍ତରୀଣ ତଦନ୍ତରେ ନିୟମ ଓ ସର୍କୁଲାରର ଉଲ୍ଲଂଘନ ଜଣାପଡିବା ପରେ ଏହି ମହିଳା ବ୍ୟାଙ୍କ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ କରିବା ପରେ ଜାଲ୍ ଦରମା ସାର୍ଟିଫିକେଟ୍, ଚାକିରି ବିବରଣୀ, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ କେୱାଇସି ସମେତ ଅନେକ ଅପରାଧିକ ଦସ୍ତାବିଜ୍ ଜବତ କରିଛି।


**ସୂଚନା**

ରାଜ୍ୟ ସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (**SEIAA**), ଓଡ଼ିଶା, ଭୁବନେଶ୍ୱର ଦ୍ୱାରା **EC Identification No. EC26B0901OR529963N** ତାରିଖ **25.05.2026** ଅନୁଯାୟୀ **M/s Rungta Sons Pvt. Ltd.** ଙ୍କ ପକ୍ଷରୁ ପ୍ରସ୍ତାବିତ **12MTPA (3ଟି x 3MTPA +2ଟି x 1.5 MTPA)** କ୍ଷମତାର ଲୌହ ଖଣିଜପଥର ବିଶୋଧନ କାରଖାନା ପ୍ଲାଣ୍ଟ ପାଇଁ ପରିବେଶୀୟ ଅନୁମୋଦନ **(Environmental Clearance)** ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପ **195.63** ଏକର ଅଞ୍ଚଳରେ ଅବସ୍ଥିତ ଏବଂ ଗ୍ରାମ-ତେହେରେଇ, ତହସିଲ-କୋଇରା, ଜିଲ୍ଲା-ସୁନ୍ଦରଗଡ଼, ଓଡ଼ିଶାରେ ସ୍ଥାପିତ ହେବ । ଏହି ପରିବେଶୀୟ ଅନୁମୋଦନ ପତ୍ରର ଏକ ପ୍ରତିଲିପି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱରରେ ଉପଲବ୍ଧ ଅଛି ଏବଂ **SEIAA,** ଓଡ଼ିଶାର ୱେବସାଇଟ୍‌ରେ ମଧ୍ୟ ଦେଖିପାରିବେ । ପରିବେଶୀୟ ଅନୁମୋଦନ ପତ୍ରର ଏକ ପ୍ରତିଲିପି କମ୍ପାନୀର ୱେବସାଇଟ୍ **www.rungtamines.com** ରେ ମଧ୍ୟ ଉପଲବ୍ଧ ଅଛି ।

**GOVERNMENT OF ODISHA** 8001/108/2627
**OFFICE OF THE DIVISIONAL FOREST OFFICER: CUTTACK FOREST DIVISION**
GHATAKULA: NUAPADA: MADHUPATANA: CUTTACK-753010
Off. Tel – 06712957611
Control Room Tel : 06712340343, Toll Free No. 18003457473
E-mail ID :- dfo.cuttack@odisha.gov.in
No. 189 /01F-/2026, Dated, Cuttack the 26th May'2026

**Tender Call Notice for Supply of Fertilizer & Granular Insecticides etc.**

Tenders are invited from reputed Registered Dealer / Manufacturer / Govt. Agency for supply of following good quality Fertilizer & Granular Insecticides etc. for use in the Plantations to be taken up in Cuttack Forest Division, under various schemes during the current financial year 2026-27. The Tender documents can be obtained by paying Rs. 1,000/- towards cost of Tender Paper from the office of the undersigned in any working days from 01.06.2026. The last date of receipt of Tender documents is 10.06.2026 by 5.30 PM in the office of the undersigned through Speed Post/ Regd. Post/ Courier and no case it will be accepted beyond 05.30 PM. The Tender will be opened in the on 11.06.2026 at 3.30 PM.

1. NPK (10:26:26) – 38,809 Kg.
2. UREA – 31,355 Kg.
3. Chloropyriphus – 722 Kg.

Sale of Tender Document : 01.06.2026 to 10.06.2026
Last Date for Submission of Tender Document : 10.06.2026 by 5.30 PM
Opening of Technical Bid : 11.06.2026 at 3.30 PM

The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

**Divisional Forest Officer**
**Cuttack Forest Division**
**OIPR-8001/8025/1/26-27/0003**

**OFFICE OF DISTRICT MANAGER** 7001/26/2627
**ODISHA STATE CIVIL SUPPLIES CORPORATION LTD. KHORDHA**
District Website: www.khordha.odisha.gov.in
Tender No. 2174 Dt. 25.05.2026

District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs To Retails Centers (FPS) for Unit (BMC–III) in Khordha district |
| 2 | Availability of bid document in the portal | From 26.05.2026 |
| 3 | Last Date / Time for receipt of bids in the Portal | Dt 9.06.2026 up to 5.30 PM |
| 4 | Date/Time of Opening of Technical Bid | Dt 10.06.2026 up to 11.00 AM |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents & other details can be seen from the e-procurement portal: www.oscsc.in, www.foododisha.in, www.tendersodisha.gov.in, along with district website. Amendments / corrigendum / cancellation / retenders etc. if any shall be published only in above websites.

**CSO-cum-District Manager**
**O.S.C.S.C Ltd., Khordha**
**OIPR-7001/7007/1/26-27/0002**

**AFFIDAVIT**

By virtue of an affidavit before the Executive Magistrate, Attabira, dtd.26.05.2026, I, Anju Verma, W/o- Sri Vijay Shankar Verma, resident of Karwi, Dist- Chitrakoot (U.P.), hereby declare that my name before marriage was Anjana Darji and after marriage my name is Anju Verma. Both names refer to one and the same person for all official and legal purposes.

**AFFIDAVIT**

By virtue of an affidavit sworn before the Executive Magistrate, Baramba, Dt. 04.05.2026 C.F No-1733, I Artabandhu Setha S/o- Jagannath Setha of Vill/Po-Ratapata, Ps-Baramba, Dist-Cuttack declare that I have changed my name from Arata Setha to Artabandhu Setha. Henceforth, I shall be known as **Artabandhu Setha** for all purposes.

**AFFIDAVIT**

By virtue of an affidavit no.106 before the Executive Magistrate, Paikmal, Dist-Bargarh dtd.15.05.2026, I, Ranjit Sahu, resident of At-Koknara, P.O./P.S.–Paikmal, Dist–Bargarh, Odisha, hereby declare that the name of my son has been wrongly recorded as Jayash Sahu in Aadhaar records. The correct name is **Yoyash Sahu.** Both names refer to one and the same person.

**AFFIDAVIT**

By virtue of an Affidavit resident before Notary Public, Malkangiri, I **Loikhan Guntha,** aged about 57 Years, S/o.:Adu Guntha, of village: Gudumpadar, PO.: Biralaxmanpur, P.S./Dist.: Malkangiri, Odisha declare by this **Affidavit No.: 994/2026, Dated: 25/05/2026** that I have changed my name from Laikshan Guntha to **Loikhan Guntha.** Henceforth I shall be known as **Loikhan Guntha** for all future purposes.

# ଅଜିତ୍ ସାହୁ ହତ୍ୟାକାଣ୍ଡ, ମୁନା ସାହୁ ଗିରଫ



## ଗିରଫ ସଂଖ୍ୟା ୭କୁ ବୃଦ୍ଧି

ଓଡ଼ଗାଁ,୨୬।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ପୁଲିସ ଚର୍ଚ୍ଚିତ ଅଜିତ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ରଙ୍ଗଣୀପାଟଣା ଗାଁର ମୁନା ସାହୁଙ୍କୁ ଗିରଫ କରିଛି। ପୁଲିସ ତାଙ୍କୁ ଘରୁ ଧରି ପଚରାଉଚରା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଯାଇଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍. ସୁଶ୍ରୀ ଏବଂ ଶରଣକୁଳ ଏସଡିପିଓ ଦିପ୍ତିକାନ୍ତ ପ୍ରଧାନଙ୍କ ପରାମର୍ଶକ୍ରମେ ଓଡ଼ଗାଁ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ, ଏସଆଇ ଚକ୍ରଧର ସିଂଙ୍କ ତତ୍ତ୍ୱାବଧାନରେ ଏବେ ଯାଏଁ ୭ ଜଣଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ଗତ ୧୩ ତାରିଖରେ ରୋହିବା ଧୋବାସାହିର ମହନ୍ତ ନାୟକ, ରୋହିବା ବାରିସାହିର ମାନସ ବେହେରା, ଖଣ୍ଡପଡ଼ା ଚାଉପଲ୍ଲୀର କାର ଚାଳକ ନରେଶ ବିଶୋଇ ଓ ଓଡ଼ଗାଁର ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୨୦ ତାରିଖରେ ରୋହିବାର ଜଗନ୍ନାଥ ପଣ୍ଡା ଏବଂ କୋମଣ୍ଡ ମକରପଦାର କୁଲୁ ଓରଫ ରବୀନ୍ଦ୍ର ଭଞ୍ଜଙ୍କୁ ମଧ କୋର୍ଟ ଚାଲାଣ କରାଯାଇଥିଲା। ଚଳିତ ମାସ ୧୧ ତାରିଖ ବିଳମ୍ବିତ ରାତିରେ ଅଜିତ ଓ ତାଙ୍କ ସାଥି ସନ୍ତୋଷ ପ୍ରଧାନ ବେଆଇନ ମାଙ୍କଡା ପଥର ଚୋରା ଚାଲାଣ ହେଉଥିବା ପୁଲିସକୁ ସୂଚନା ଦେଇଥିଲେ। ଖବରପାଇ ଗାଡ଼ି ମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ କାରରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଜିତ ଓ ସନ୍ତୋଷଙ୍କ ସହ ପଥର ଚାଲାଣକୁ ନେଇ ଆଲୋଚନା ଚାଲିଥିବା ବେଳେ ଏକ ବୋଲେରୋ ଗାଡ଼ିରେ ଅନ୍ୟ ଅଭିଯୁକ୍ତମାନେ ସେଠାରେ ପହଞ୍ଚିଥିଲେ। ପରେ ଯୁକ୍ତିତର୍କ ତୀବ୍ର ରୂପ ନେଇଥିଲା। ଅଭିଯୁକ୍ତ ମହନ୍ତ ନାୟକ ଅଜିତଙ୍କୁ ଧରି ରଖିଥିବା ବେଳେ ମାନସ ବେହେରା ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଫଳରେ ଘଟଣାସ୍ଥଳରେ ଅଜିତଙ୍କ ମୃତ୍ୟୁ ଘଟିଥିଲା।

# ପୋଷଣ ଭି, ପଢ଼ାଇ ଭି ତାଲିମ୍ ଶିବିର

ଓଡ଼ଗାଁ,୨୬।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷ ଓ ଓସ୍ୱାନ କକ୍ଷରେ ଓଡ଼ଗାଁ ବ୍ଲକର ୨୩୦ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଦୁଇ ପର୍ଯ୍ୟାୟରେ 'ପୋଷଣ ଭି, ପଢ଼ାଇ ଭି' ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ୍ ଶିବିରର ମୂଳ ଲକ୍ଷ୍ୟ ହେଲା ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି କରିବା ସହ ୦-୩ ବର୍ଷର ଶିଶୁଙ୍କ ପ୍ରାରମ୍ଭିକ ପ୍ରୋତ୍ସାହନ ଏବଂ ୩-୬ ବର୍ଷର ଶିଶୁମାନଙ୍କ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ସୁଦୃଢ଼ କରିବା। ଏଥିସହ ଇସିସିଇ ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ ଓ ଶିଶୁ ବିକାଶ ସମ୍ବନ୍ଧୀୟ ମୌଳିକ ବୁଝାମଣା ଉପରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ତାଲିମ୍ରେ ପୋଷଣ ୨.୦, ସକ୍ଷମ ଅଙ୍ଗନବାଡ଼ି, ପୋଷଣ ଟ୍ରାକର, ସୁସ୍ଥ ଖାଦ୍ୟ ଅଭ୍ୟାସ ଓ ସୂକ୍ଷ୍ମ ପୋଷକ ତତ୍ତ୍ୱର ଅଭାବ ଭଳି ବିଭିନ୍ନ ପୋଷଣମୂଳକ ବିଷୟରେ କର୍ମୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ଗାଁ ତହସିଲଦାର ଡଃ ମାନସ ରଞ୍ଜନ ଭୋଇ ଓ ବ୍ଲକ ଉନ୍ନୟନ ଅଧିକାରୀ ପ୍ରୀତିବାଳା ରଣା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଓଡ଼ଗାଁ ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ ଲହଡ଼ିମାଳା ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ



ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରଦ୍ଧାଞ୍ଜଳି ସାହୁ, ବିଦ୍ୟୁତ୍ ପ୍ରଭା ପରିଡ଼ା, ଜୟଶ୍ରୀ ସାହୁ ଓ ଅନୁପମା ଦାସ ଅଙ୍ଗନବାଡ଼ି କର୍ମୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଏହା ବ୍ୟତୀତ ମମତା ପିଏ, ପୋଷଣ ବିସି ଓ ସୁଭଦ୍ରା ବିସି ଯାନ୍ତ୍ରିକ କାର୍ଯ୍ୟକୁ ତଦାରଖ କରିଥିବାବେଳେ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଗଣିଆ,୨୬।୫(ସମିସ): ଗଣିଆ ବ୍ଲକ ବେଲପଡ଼ାପାଟଣା ଗ୍ରାମର ଧର୍ମପରାୟଣା ମହିଳା ପ୍ରମିଳା ସୁନ୍ଦରୀ ପଟ୍ଟନାୟକଙ୍କ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ଶ୍ୱାସ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ସକାଳ ୧୦ ଘଟିକା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ଗଣିଆର ସମାଜସେବୀ ସ୍ୱର୍ଗତ ପରୀକ୍ଷିତ ପଟ୍ଟନାୟକଙ୍କ ଧର୍ମପତ୍ନୀ। ସେ ଏକାଧାରରେ ଜଣେ ଧର୍ମପରାୟଣା, ପରୋପକାରୀ ତଥା ସ୍ନେହୀ ମଣିଷ ଥିଲେ। ସେ କରୁଣା ମୟୀ ଶ୍ରୀମା ଏବଂ ପରମପ୍ରଭୁ ଶ୍ରୀ ଅରବିନ୍ଦଙ୍କ ପରମ ଭକ୍ତ ଥିଲେ। ତାଙ୍କ ଶେଷ ସମୟରେ ଦୁଇ ପୁତ୍ର, ଛଅ ଜଣ ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ

# ଜିଲ୍ଲାରେ ରହୁ ନାହାନ୍ତି ଅଧିକାରୀ, କର୍ମଚାରୀ

ନୟାଗଡ଼,୨୬।୫(ସମିସ):

ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ନୟାଗଡ଼ ଜିଲ୍ଲା ମାତ୍ର ୮୦ କିଲୋମିଟର ଦୂର। ନୟାଗଡ଼କୁ ରେଳ ଏବଂ ସଡ଼କ ପଥରେ ଯିବା ଆସିବା ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଛି। ଯାହାର ସୁଯୋଗ ନେଇ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡୁଛନ୍ତି। ଅନେକ ଅଧିକାରୀ ଓ କର୍ମଚାରୀ ଶନିବାର ଅପରାହ୍ଣରୁ କାର୍ଯ୍ୟାଳୟ ଛାଡୁଥିବା ବେଳେ ସୋମବାର ମଧ୍ୟାହ୍ନରେ ଯୋଗ ଦେଉଛନ୍ତି। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ କିରାଣି, ପ୍ରାଥମିକ ଶିକ୍ଷକ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର, ବିଭିନ୍ନ ବ୍ଲକର ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ନୟାଗଡ଼ରେ କାର୍ଯ୍ୟ କରୁଥିବା ବେଳେ ଭୁବନେଶ୍ୱରରେ ରହୁଛନ୍ତି। ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। କର୍ମଚାରୀମାନେ ନିଜ କାର୍ଯ୍ୟ କ୍ଷେତ୍ରରେ ରହୁନଥିବାରୁ ଲୋକଙ୍କ ସମସ୍ୟା ସହ ଆଦୌ ଯୋଡ଼ି ହେଉନାହାନ୍ତି। କୃଷି, ଉଦ୍ୟାନ କୃଷି, ସମବାୟ ଭଳି ବିଭାଗ କର୍ମଚାରୀ ମଧ ନିଜ ଷ୍ଟେସନରେ ରହୁନାହାନ୍ତି। ଏହାକୁ ନେଇ ସପ୍ତମ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନରେ କ୍ଷୋଭ ପ୍ରକାଶ ପରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡ଼ି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଥିଲେ। ୧୪.୮.୨୦୨୪ ରିଖ ଚିଠି ନଂ ୧୫୨୬ ଅନୁସାରେ ଏହି ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ଯେଉଁ ଅଧିକାରୀ ଛୁଟି ନେଉଛନ୍ତି ସେମାନେ ଜିଲ୍ଲାପାଳଙ୍କଠାରୁ ଅନୁମତି ଆଣି ଜିଲ୍ଲା ଛାଡିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ଓ କର୍ମଚାରୀ ଫୁ' କରି ଦେଇଥିବା ନେଇ ଗତ ଜାନୁୟାରୀ ୧୯ ତାରିଖରେ ଦୈନିକ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଜିଲ୍ଲାପାଳ ମଧୁମିତା ରଥ ଘଟଣାକୁ ଗୁରୁତର ସହ ନେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟପକ୍ଷରୁ ଜିଲ୍ଲାର ସମସ୍ତ ବିଭାଗ ଓ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପୁନଃ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତା ୧୯.୦୧.୨୦୨୬ ରିଖ ଅର୍ଡର ନଂ ୨୪୬ ଅନୁସାରେ କାର୍ଯ୍ୟାଳୟକୁ ଆସିବା ପାଇଁ ସମୟାନୁବର୍ତ୍ତିତା ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସକାଳ ୧୦ଟା ସୁଦ୍ଧା ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯିବା ସହ ସମସ୍ତ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାପନ କାର୍ଯ୍ୟକାରୀ କରିବାକୁ ବାଧ୍ୟତା ମୂଳକ କରାଯାଇଥିଲା।

**● ଡାକ୍ତର, ଶିକ୍ଷକ, ଅଧ୍ୟାପକ ବି ଭୁବନେଶ୍ୱର ମୁହାଁ**
**● ସମସ୍ୟାଠାରୁ ଦୂରରେ ସରକାରୀ କର୍ମଚାରୀ**

ବିନା ଅନୁମତିରେ କୌଣସି କର୍ମଚାରୀ ଓ ଅଧିକାରୀ ଛୁଟିରେ ନଯିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଜିଲ୍ଲା ମୁଖ୍ୟାଳୟ ଛାଡ଼ିବାକୁ ହେଲେ ଜିଲ୍ଲାପାଳଙ୍କଠାରୁ ଲିଖିତ ଅନୁମତି ନେବାକୁ ପରାମର୍ଶ ଦିଆଯାଇଥିଲା। ନିର୍ଦ୍ଦେଶକୁ କୌଣସି ଅଧିକାରୀ ଓ କର୍ମଚାରୀ ଅମାନ୍ୟ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। କିନ୍ତୁ ନିର୍ଦ୍ଦେଶ ଜାରି ହେବାର ଦୁଇ ସପ୍ତାହ ସବୁକିଛି ଠିକଠାକ ଚାଲିଥିଲା ବେଳେ ଏବେ ସବୁ ପୂର୍ବ ଭଳି ସ୍ଥିତି କରି ସାରିଲେଣି। ଖୋଦ୍ ଜିଲ୍ଲାପାଳ ମଧୁମିତା ରଥ ଛୁଟି ଦିନରେ ସ୍ୱାସ୍ଥ୍ୟ ସେବା କଥା ବୁଝିବା, ଉନ୍ନୟନ କାର୍ଯ୍ୟ ତଦାରଖ କରୁଥିବା ଜିଲ୍ଲାବାସୀ ଦେଖୁଥିବା ବେଳେ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା କାହିଁକି ବୋଲି ପ୍ରଶ୍ନ ଉଠିଛି। ଏବେ ସକାଳୁଆ ଅଫିସ୍ ହୋଇଥିଲେ ମଧ କର୍ମଚାରୀମାନେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଏବଂ ମନଇଚ୍ଛା ଯାଉଥିବା ଦେଖିବାକୁ ମିଳିଛି। ଯେଉଁଠି ଜିଲ୍ଲାପାଳ ଦିନ ରାତି ଜିଲ୍ଲାପାଳ କାର୍ଯ୍ୟ କରୁଛନ୍ତି, ସେଠି କର୍ମଚାରୀଙ୍କ କ୍ଷେତ୍ରରେ ଏଭଳି ବିଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠିଛି। ଅନେକ ସ୍ଥାନରେ ସରକାରୀ କ୍ୱାର୍ଟର ପାଇଥିବା କର୍ମଚାରୀ ମଧ ନିୟମିତ ଭୁବନେଶ୍ୱର ଯାଆସ କରୁଛନ୍ତି। ଏହି ପ୍ରଥା କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନିମ୍ନମାଧ୍ୟମିକ ଶିକ୍ଷକ ସଂଘ

# ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ପ୍ରସ୍ତୁତି




ନୟାଗଡ଼,୨୬।୫(ସମିସ): ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲଷ୍ଟା) ୩୨ ତମ ରାଜ୍ୟସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଓ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଆସନ୍ତା ୫ ଓ ୬ ତାରିଖ ଦୁଇଦିନ ଧରି 'ପଠାଣି ସାମନ୍ତ ସଂସ୍କୃତି ଭବନ' ନୟାଗଡ଼ଠାରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟରତ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଯୋଗଦାନ କରିବେ। ବିଶାଳ କାର୍ଯ୍ୟକ୍ରମ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ରାଜ୍ୟସଂଘ ସଭାପତି ବିକ୍ରମ କୁମାର ଦାସଙ୍କ ଅଧକ୍ଷତାରେ ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥିଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେସନ ମହାସଚିବ ଜ୍ୟୋତି ରଞ୍ଜନ ଦାଶ, ଓଷ୍ଟା ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ଓଷ୍ଟା ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଦାସ, ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ବିଭୁତି ସାହୁ, ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ, ବିପିନ ବିହାରୀ ଦାସ, ପୀତବାସ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ଶ୍ରମିକ ନେତା ତଥା ନାଟ୍ୟକାର ବିଶ୍ୱନାଥ ମହାପାତ୍ର ଯୋଗଦାନ କରି ଶିକ୍ଷକଙ୍କ ପ୍ରତି ସମର୍ଥନ ପ୍ରଦାନ କରି ବକ୍ତବ୍ୟ ରଖିଥିଲେ। ଓଲଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ସଭାର ଆଭିମୁଖ୍ୟ ଏବଂ ଆଗାମୀ ସାମ୍ବିଧାନିକ ସମ୍ମିଳନୀ ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଅବସରରେ ଏକ ଶିକ୍ଷା ସେମିନାର ଅନୁଷ୍ଠିତ ହେବ ବୋଲି କହିଥିଲେ। ଏଥିରେ ସାଧାରଣ ଶିକ୍ଷା ବ୍ୟବସ୍ଥା, ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ସ୍ଥିତି, ଶିକ୍ଷା ଅଧିକାର ଆଇନ, ଶିକ୍ଷା ସମସ୍ୟା, ଶିକ୍ଷକ ଆନ୍ଦୋଳନ, ଶିକ୍ଷା ଅଧିକାର ଓ ଗଣତାନ୍ତ୍ରିକ ଆନ୍ଦୋଳନ ଶିକ୍ଷା ଓ ସମ୍ବିଧାନ, ଶିଶୁ ଅଧିକାର ଓ ସାମ୍ପ୍ରତିକ ସମୟରେ ଶିକ୍ଷାର ବିକାଶ ଆଦି ସମ୍ପର୍କରେ ଆଲୋଚନା ହେବ। ଏହି ଅବସରରେ ଓଲଷ୍ଟା ସଂଗଠନ ମୁଖପତ୍ର 'ଶିକ୍ଷକ ଦର୍ପଣ'ର ଏକ 'ସମ୍ମିଳନୀ ବିଶେଷାଙ୍କ' ପ୍ରକାଶିତ ହେବ ବୋଲି ସମ୍ପାଦକ ଶ୍ରୀ ବେହେରା ପ୍ରକାଶ କରିଥିଲେ। ପ୍ରସ୍ତୁତି ବୈଠକରେ ଓଲଷ୍ଟା ଶିକ୍ଷକ ସଂଗଠନ,କଟକର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଯୁଗ୍ମ ମୁଖ୍ୟ ଉପଦେଷ୍ଟା କମଳ ଲୋଚନ ବିଶ୍ୱାଳ ,ରାଜକୁମାର ସାହୁ,ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, କୋଷାଧକ୍ଷ ଯୁଧିଷ୍ଠିର ପ୍ରଧାନ, ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ, ନୟାଗଡ଼ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ନୀଳାଦ୍ରି ବିହାରୀ ସୁବୁଦ୍ଧି ପ୍ରମୁଖ ଯୋଗଦାନ କରି ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ବେଳେ ଆଗାମୀ ଶିକ୍ଷକ ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆସନ୍ତା ସାମ୍ବିଧାନିକ ସମ୍ମିଳନୀର ସୁପରିଚାଳନା ପାଇଁ ଶିକ୍ଷକଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଥିଲା।

**● ୨ ବର୍ଷ ବିତିବାକୁ ବସିଲାଣି**

# ଅପେକ୍ଷାରେ ଆଶାୟୀ, ହୋଇପାରୁନି ଜିଆର୍ଏସ୍ ନିଯୁକ୍ତି

## ଅପ୍ରେଲ ୨୦ରୁ ଧାରଣାରେ ଏପିଓ

ନୟାଗଡ଼,୨୬।୫(ସମିସ): ମାହାତାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜିଆର୍ଏସ୍(ଗ୍ରାମ ରୋଜଗାର ସେବକ)ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥରେ ଗାଁ ସାଥିଙ୍କଠାରୁ ଆରମ୍ଭ କରି ବ୍ଲକରେ କାର୍ଯ୍ୟରତ ଏପିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଷ୍ଠାର ଆବଶ୍ୟକତା ରହିଛି। ୨୦୨୪ ମସିହା ପୂର୍ବରୁ ରାଜ୍ୟ ସରକାର ମନରେଗା ଅଧିନରେ କାର୍ଯ୍ୟ କରୁଥିବା ଜିଆର୍ଏସ୍ଙ୍କୁ ପଦୋନ୍ନତୀ ଦେଇଥିଲେ। ସେମାନଙ୍କୁ ପଞ୍ଚାୟତ ରାଜ ବିଭାଗ ଆକାଉଣ୍ଟାଡ୍ କମ୍ ଡିଇଓ ଭାବେ ନିଯୁକ୍ତି କରିଥିଲେ। ନୟାଗ? ଜିଲ୍ଲାର ୧୯୪ ପଞ୍ଚାୟତ ମଧ୍ୟରୁ ୧୫୦ରୁ ଉର୍ଦ୍ଧ୍ୱ ଜିଆର୍ଏସ୍ ପଦବୀ ଖାଲି ହୋଇଥିଲା। ଯାହାକୁ ନେଇ ୨୦୨୪ ମସିହା ଅଗଷ୍ଟ ମାସ ୨୦ ତାରିଖରେ ୧୦୨ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିମଧ୍ୟରେ ଅଣସଂରକ୍ଷିତ ୫୨ଟି ପଦବୀ ରହିଥିବା ବେଳେ ୧୯ଟି ଏସସି, ୨୬ଟି ଏସ୍ଟିଙ୍କ ପାଇଁ ସଂରକ୍ଷିତ ରହିଥିଲା। ମୋଟ ପଦବୀ ମଧ୍ୟରୁ ୫୪ଟି ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଥିଲା। ସେହିବର୍ଷ ସେପ୍ଟେମ୍ବର ୨୩ ସୁଦ୍ଧା ଜିଲ୍ଲାରେ ୧୦୨ ପଦବୀ ପାଇଁ ୫ ହଜାର ୬୧୨ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଉକ୍ତ ଆବେଦନ ଗୁଡ଼ିକୁ ବିଚାର କରି ଜିଲ୍ଲା ପରିଷଦ ପକ୍ଷରୁ ଅଯୋଗ୍ୟ ତାଲିକା ପ୍ରକାଶ ପାଇଥିଲା। ଯୋଗ୍ୟ ତାଲିକାକୁ ଧରି ନୟାଗଡ଼ ଜିଲ୍ଲା ପରିଷଦ ଦୁଇ ବର୍ଷ ହେବ ବସିଥିବା ବେଳେ ନିଯୁକ୍ତି ନକରିବା ପାଇଁ ସରକାରଙ୍କ ଅଘୋଷିତ ଚାପ ରହିଥିବା ବାରମ୍ବାର ଆଶାୟୀଙ୍କୁ କୁହାଯାଉଛି। ଜିଆର୍ଏସ୍ ପଦବୀ ଖାଲି ପଡ଼ିଥିବାରୁ ମନରେଗା ପାଣ୍ଠି ବ୍ୟୟ ଆଶାତିତ ହ୍ରାସ ଘଟିଛି। ଅନ୍ୟପକ୍ଷେ, ରାଜ୍ୟ ସରକାର ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଜିଆର୍ଏସ୍ଙ୍କୁ ଏଡିଇଓ ଭାବେ ନିୟମିତ ନିଯୁକ୍ତି ଦେଇଥିବା ବେଳେ ବ୍ଲକରେ କାର୍ଯ୍ୟରତ ଏପିଓ(ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ)ମାନଙ୍କୁ ନିୟମିତ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଫଳରେ ଏପିଓମାନେ ଗତ ମାର୍ଚ୍ଚ ମାସରେ ୧୪ ଦିନ ଧରି କଳାବ୍ୟାଜ୍ ପରିଧାନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଜାରି ରଖିଥିଲେ। କୌଣସି ସୁଫଳ ନମିଳିବାରୁ ଏପିଓମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅପ୍ରେଲ ୨୦ ତାରିଖରୁ ଏପିଓ ଓ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଏମସିମାନେ କାମ ବନ୍ଦ କରି ଲୋୟର ପିଏମ୍ଜିରେ ଧାରଣାରେ ବସିଛନ୍ତି। ମନରେଗା ବନ୍ଦ ହୋଇ ଭି ବି ଜି ରାମ୍ ଜି ଆରମ୍ଭ ହେବାକୁ ବ୍ୟବସ୍ଥା ହେଉଥିବା ବେଳେ ତାହାର ଭବିଷ୍ୟତ କଣ ହେବ ତାକୁ ନେଇ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ପ୍ରଶାସନିକ ମହଲ ପର୍ଯ୍ୟନ୍ତ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି।

# ବିଦ୍ୟୁତ ସମସ୍ୟା ନେଇ ଯନ୍ତ୍ରୀଙ୍କୁ ଦାବିପତ୍ର



ନୂଆଗାଁ,୨୬।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମହୀପୁର ପଞ୍ଚାୟତ ପଥରପାଟଣା ଛକ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଦ୍ୟୁତ ସମସ୍ୟାକୁ ନେଇ ଆଜି ସ୍ଥାନୀୟ ଲୋକମାନେ କିରିଆଲାଞ୍ଜି ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାରମ୍ବାର ବିଦ୍ୟୁତ କାଟ, ଲୋ ଭୋଲ୍ଟେଜ୍ ସମସ୍ୟା ଓ ଟ୍ରାନ୍ସଫର୍ମର ତ୍ରୁଟି ଯୋଗୁଁ ସାଧାରଣ ଲୋକ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗ୍ରୀଷ୍ମ ପ୍ରବାହ ମଧରେ ଲଗାତାର ବିଦ୍ୟୁତ ବିଭ୍ରାଟ ହେତୁ ପାଣି ଯୋଗାଣ, ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଦୈନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏହାସହ ଶୀଘ୍ର ସମସ୍ୟାର ସମାଧାନ ନ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମଧ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଦାବିପତ୍ର ଦେବା ସମୟରେ ମହୀପୁର ପଥର ପାଟଣା ଛକ ସାହି ମହନୀ ନାୟକ, ଶ୍ୟାମ ସୁନ୍ଦର ସାହୁ, ଅବକାଶ ସାହୁ, ହଜାରୀ ସେଠି, ନାରାୟଣ ସାହୁ, ସିପୁ ବେହେରା ସିଲୁ ସାହୁ, ବାବୁ ନାୟକ, ଅଚୁତ ନନ୍ଦ ସାହୁ, ପ୍ରଫଲ କୁମାର ପୃଷ୍ଟି ଅନେକ ଗ୍ରାମ ବାସୀ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରି ନିର୍ବାହୀ ଯନ୍ତ୍ରୀ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ଶିଖରପୁରରେ ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ଶରଣକୁଳ,୨୬।୫(ସମିସ): ନୟାଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଶିଖରପୁର ସେବା ସମବାୟ ସମିତି ଲିଃ. ର ନୂତନ କାର୍ଯ୍ୟାଳୟ ଗୃହ ଏବଂ ଗୋଦାମ ଗୃହ ଉଦ୍‌ଘାଟିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ଗୃହର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଜୋନ୍ ନଂ-୪ସଂଯୁକ୍ତା ପଡ଼ିଆରୀ ଯୋଗଦେଇଥିଲେ। ସେବା ସମବାୟ ସମିତିର ସଭାପତି ତଥା ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମିତିର ସଦସ୍ୟ ଭାଗବତ ସେଠୀ ଏବଂ ସମ୍ପାଦକ ଅନ୍ତର୍ଯ୍ୟାମୀ ନାୟକଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ସଭ୍ୟ ଓ ସଭ୍ୟାବୃନ୍ଦ ଏହି ଅବସରରେ ଉପସ୍ଥିତ ରହିଥିଲେ। ନୂତନ କାର୍ଯ୍ୟାଳୟ ସମବାୟ ସମିତି ସହ ଜଡ଼ିତ ସ୍ଥାନୀୟ ଚାଷୀ ଓ ହିତାଧିକାରୀଙ୍କୁ ଅଧିକ ସୁବିଧା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

## ଛାମୁଣ୍ଡିଆ ପଞ୍ଚାୟତ

# ଦୁର୍ଦ୍ଦଶାକୁ ସାହାରା କରି ଜିଉଁଛନ୍ତି ଲୋକେ









ଗଣିଆ,୨୬।୫(ସମିସ):

ସହରୀ ସଭ୍ୟତାଠାରୁ ବହୁତ ଦୂର। ଗମନାଗମନ ଅବସ୍ଥା ଦୟନୀୟ। ରାସ୍ତା ସମସ୍ୟା ପାଇଁ ଉପାନ୍ତରୁ ଉପାନ୍ତ ହୋଇ ଚାଲୁଥିବା ଅଞ୍ଚଳ ଛାମୁଣ୍ଡିଆ ପଞ୍ଚାୟତ। ଯେଉଁଠି ଦୁର୍ଦ୍ଦଶାକୁ ଭରସାକୁ ଲୋକେ ଜୀବନ ଜିଉଁଥିଲେ ସୁଦ୍ଧା ସରକାରୀ ଉଦାସୀନତା ଜଳଜଳ ଦେଖାଯାଉଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତ ଗଣିଆ ବ୍ଲକ୍‌ରେ ଜନସଂଖ୍ୟା ଦୃଷ୍ଟିରୁ ଆଗୁଆ। ଗଣିଆଠାରୁ ୧୫ କିଲୋମିଟର ଦୂରରେ ଥିବା ଏହି ପଞ୍ଚାୟତର ମୁଖ୍ୟ ସମସ୍ୟା ହେଉଛି ସ୍ଥାୟୀ ରାସ୍ତା। ଦୀର୍ଘ ଶହେ ବର୍ଷରୁ ଅଧିକ ସମୟ ଧରି ଉକ୍ତ ଗ୍ରାମରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରଶାସନ ଓ ନେତାଙ୍କଠାରୁ କେବଳ ପ୍ରତିଶ୍ରୁତି ଛଡ଼ା ଅଧିକ କିଛି ମିଳିନାହିଁ। ଗ୍ରାମବାସୀ ଗତ ୨୦୨୫ ଫେବୃଆରୀ ମାସରେ ଏବଂ ଜୁନ୍ ମାସରେ ବ୍ଲକ ସମ୍ମୁଖରେ ରାସ୍ତା ନିର୍ମାଣ ପାଇଁ ଧାରଣାରେ ବସିଥିବା ବେଳେ ଖୁବଶୀଘ୍ର ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିଥିଲା। ତାହା କାର୍ଯ୍ୟକାରୀ ହୋଇନଥିବାରୁ ଗତ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀ ବ୍ଲକ ସଭା ଗୃହ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲ୍ଲାପାଳ ୧୦ ଦିନ ଭିତରେ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତରେ ମୋବାଇଲ ଟାୱାର ନଥିବାରୁ ଅନେକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ରହୁଛି। ଛାମୁଣ୍ଡିଆରେ ଥିବା ମେଡିକାଲରେ ଡାକ୍ତର ସପ୍ତାହକୁ ୩ ଦିନ ଆସୁଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରିଛନ୍ତି ବିକାଶ ପରିଷଦ ସଭାପତି ଜୟଦେବ ସାହୁ। ପଞ୍ଚାୟତ ଅଧିନସ୍ଥ କୁତୁରୀ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନଥିବାରୁ ଲୋକମାନେ ଡିବିରି ଆଲୁଅକୁ ଭରସା କରି ରହିଛନ୍ତି। ପଞ୍ଚାୟତର ୩ଟି ଗ୍ରାମ ଯଥାକ୍ରମେ କୁତୁରୀ, କାଣି ପୋଖରୀ ଏବଂ ଭଗାମୁଣ୍ଡା ଉପାନ୍ତ ଅଞ୍ଚଳ ଭାବେ ପରିଗଣିତ। କାଣିପୋଖରୀ ଗ୍ରାମକୁ ଯିବାକୁ ରାସ୍ତା ନଥିବାରୁ ଘାଟି ରାସ୍ତା ଦେଇ ଯିବାକୁ ପଡୁଛି। ଉକ୍ତ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ

**● ଶିକ୍ଷାଠାରୁ ଦୂରରେ ୩ ଗାଁର ଛାତ୍ରଛାତ୍ରୀ**
**● ସ୍ୱାସ୍ଥ୍ୟ ସୁବିଧା ନାହିଁ, ଭଗବାନ ଭରସା**

ନଥିବାରୁ ପ୍ରାଥମିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ଡୋରି ଲାଗିଛି। ପଞ୍ଚାୟତର ଅନେକ ଗ୍ରାମରେ ପାନୀୟଜଳ ସମସ୍ୟା ଲାଗି ରହିଛି। କେଉଁଠି ନଳକୂପ ଅଚଳ ତ ଆଉ କେଉଠି ଝରଣା ପାଣି ଭରସା। ଛାଡ଼ମୂଳ ଠାରୁ ଭଗାମୁଣ୍ଡା ପର୍ଯ୍ୟନ୍ତ ମାଟି ରାସ୍ତା ଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କହିବାକୁ ଗଲେ ସମସ୍ୟା ଉକ୍ତ ପଞ୍ଚାୟତର ପିଛା ଛାଡୁନାହିଁ। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିନରେ ରହିଥିବା ଏହି ଅଞ୍ଚଳର ଅନେକ ଗ୍ରାମକୁ ଗାଡ଼ି ମୋଟର ଯାତାୟତ ଉପରେ ରୋକ ଲାଗିଛି। ଫଳରେ ସରକାରୀ ଯୋଜନା ପହଞ୍ଚିବା କଷ୍ଟ ସାଧ ହୋଇଛି। କେବେ ଏହି ପଞ୍ଚାୟତ ବାସୀଙ୍କ ଭାଗ୍ୟ ବଦଳିବ ବୋଲି ପ୍ରଶ୍ନ ଉଠୁଛି। ରାସନ ସାମଗ୍ରୀ ପାଇଁ ଅନେକ ଗ୍ରାମବାସୀଙ୍କୁ ୧୦ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରିବାକୁ ପଡୁଛି।

# ଯୁବପିଢ଼ିଙ୍କ ଆଦର୍ଶ ପାଲଟିଛନ୍ତି ଡମ୍ବରୁଧର

ନିରାକାରପୁର, ୨୬।୫(ସମିସ) : "ମନ ଥିଲେ ଉପାୟ ଆପେ ଆପେ ଆସେ' ଏହି ଉକ୍ତିକୁ ଅକ୍ଷର ଅକ୍ଷର ସତ ପ୍ରମାଣିତ କରି ଦେଖାଇଛନ୍ତି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅନ୍ତର୍ଗତ ନରେନ୍ଦ୍ରପୁର ସାହିର କର୍ମଠ ଚାଷୀ ଡମ୍ବରୁଧର ପରିଡ଼ା। ଚାକିରି ପଛରେ ନ ଗୋଡ଼ାଇ, ଅଭାବ ଅନଟନକୁ ଆଖିଠାର ମାରି ସେ ଆପଣାଇଥିଲେ ମାଟି ମା'ର ସେବା। ନିଜ ଜମିରେ ସେ ସୃଷ୍ଟି କରିଛନ୍ତି ସବୁଜିମାର ସାମ୍ରାଜ୍ୟ। ପନିପରିବା ଚାଷ କରି ସେ କେବଳ ନିଜେ ସ୍ୱାବଲମ୍ବୀ ହୋଇନାହାନ୍ତି, ବରଂ ଅଞ୍ଚଳର ଅନ୍ୟ ଚାଷୀମାନଙ୍କ ପାଇଁ ସେ ପାଲଟିଛନ୍ତି ସଫଳତାର ଏକ ଜ୍ୱଳନ୍ତ ଉଦାହରଣ। ଡମ୍ବରୁଧରଙ୍କ ସଫଳତା ପଛରେ ରହିଛି ନିରଳସ ସାଧନା ଓ ପ୍ରତିଦିନର କଠିନ ପରିଶ୍ରମ। ନିଜ ଜମିରେ ସେ ଋତୁ ଅନୁଯାୟୀ ବିଭିନ୍ନ ପ୍ରକାରର ଉନ୍ନତମାନର ପନିପରିବା ଉତ୍ପାଦନ କରୁଛନ୍ତି। ତାଙ୍କ କ୍ଷେତରୁ ବାହାରୁଥିବା ସତେଜ ଓ ସୁସ୍ଥ ପନିପରିବାର ଚାହିଦା ଏବେ ସ୍ଥାନୀୟ ବଜାରରେ ସବୁଠାରୁ ଅଧିକ। ପ୍ରତିଦିନ ସକାଳୁ ସେ ନିଜ ହାତର ସତେଜ ପନିପରିବା ନିକଟସ୍ଥ ବଜାରକୁ ଆଣି ବିକ୍ରି କରୁଛନ୍ତି। ଗ୍ରାହକମାନେ ମଧ୍ୟ ସିଧାସଳଖ ବିଲରୁ ଆସିଥିବା ଏହି ପରିବାକୁ ଆଗ୍ରହର ସହ କିଣିଥାନ୍ତି। ଫଳରେ ସେଥିରୁ ସେ ବେଶ୍ ଦୁଇ ପଇସା ଲାଭ ପାଇ ନିଜ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି। ଆଜିର ଦିନରେ ଅନେକ କୃଷି କାର୍ଯ୍ୟରୁ ମୁହଁ ଫେରାଉଥିବା ବେଳେ ଡମ୍ବରୁଧରଙ୍କ ଏହି ପରିବା ଚାଷ ପ୍ରତି ଥିବା ଭଲପାଇବା ଏବଂ ଏଥିରୁ ମିଳୁଥିବା ଲାଭ ସ୍ଥାନୀୟ ଯୁବପିଢ଼ିଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଛି।



# ମଦ ଜବତ, ୩ କୋର୍ଟ ଚାଲାଣ

ବେଗୁନିଆ, ୨୬।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩୪ ଲିଟର ଦେଶୀ ମଦ,୧୫ ଲିଟର ତାଡି, ବ୍ୟବହୃତ ଗାଡ଼ି ସହ ୩ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ପିଚୁକୁଳି ବଜାରରେ ଅତର୍କିତ ଚଢ଼ଉ କରି ବଡ଼ନୟାପଲ୍ଲୀ ଗ୍ରାମର ପୁର୍ଣଚନ୍ଦ୍ର ତାଡଙ୍କଠାରୁ ୨୦ଲିଟର ଦେଶୀ ମଦ, ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ବେରୁଆବାଡି ଗ୍ରାମର ଭଞ୍ଜ ବେହେରାଙ୍କ ଠାରୁ ୧୫ଲିଟର ଖଜୁରୀ ତାଡି ଓ ବୋଲଗଡ଼ ଥାନା ଅନ୍ତର୍ଗତ ଆରିକମା ଗ୍ରାମର କବି ପ୍ରଧାନଙ୍କ ନିକଟରୁ ୧୪ଲିଟର ହାତରନ୍ଧା ଦେଶୀ ମଦ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଡେଙ୍ଗୁ, ମେଲେରିଆ ନିୟନ୍ତ୍ରଣ ଓ ନିରାକରଣ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

ଖୋର୍ଦ୍ଧା,୨୬।୫(ସମିସ): ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡେଙ୍ଗୁ ଓ ମେଲେରିଆ(ଭିବିଡି) ରୋଗ ନିୟନ୍ତ୍ରଣ ଓ ପ୍ରତିକାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଆଗୁଆ ପଦକ୍ଷେପ, ସ୍ୱଚ୍ଛତା, ପୌରାଞ୍ଚଳରେ ଡ୍ରେନ ସଫେଇ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ମଶା ବଂଶ ଦମନ, ନାଳନର୍ଦ୍ଦମା ସଫେଇ, ମଶା ଧୁଆଁ ପ୍ରୟୋଗ, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗାଁ କଲ୍ୟାଣ ସମିତି ମାନଙ୍କ ଦ୍ୱାରା ବ୍ୟାପକ ଜନ ସଚେତନତା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ପ୍ରାକ୍ ମୌସୁମୀ (ଜୁନ୍)ଠାରୁ ପ୍ରତ୍ୟେକ ଶୁକ୍ରବାର (ଡ୍ରାଏ ଡେ) ପାଳନ ନିମନ୍ତେ ପ୍ରତ୍ୟେକ ଅଧିକାରୀ ନିଜନିଜ ଅଧୀନରେ ଥିବା କାର୍ଯ୍ୟାଳୟ ଏବଂ କ୍ଷେତ୍ରରେ ସଫେଇ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଣୁ ଯୋଜନା ପ୍ରସ୍ତୁତ କରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଯେଉଁ ପଂଚାୟତରେ ଡେଙ୍ଗୁ/ମେଲେରିଆ ନମୁନା ଅଧିକ ବାହାରିଛି ସେହି ପଂଚାୟତ ଗୁଡ଼ିକର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାସହ ଜଙ୍ଗଲ ବିଭାଗ, କୃଷିବିଭାଗ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଣୁ ଯୋଜନା ପ୍ରସ୍ତୁତ କରି ସିଡିଏମ ଏବଂ ପିଏଚଓ ଙ୍କୁ ଦେବେ। ସ୍କୁଲ, ହାଟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ଗ୍ରାମୀଣ କ୍ଷେତ୍ରରେ ଜିଲ୍ଲାପରିଷଦ ଏବଂ ସହରାଂଚଳ କ୍ଷେତ୍ରରେ (ଡୁଡ଼ା) ବିଶେଷ ଯତ୍ନବାନ ହୋଇ ଡେଙ୍ଗୁ ଓ ମେଲେରିଆ ନିୟନ୍ତ୍ରଣ ଏବଂ ଜିରୋ କାଜୁଆଲ୍ଟୀ (ଶୂନ୍ୟ ମୃତ୍ୟୁ)ପାଇଁ କାର୍ଯ୍ୟ କରିବେ। ଜୁନ୍ ମାସ ଠାରୁ ଘରକୁ ଘର ବୁଲି ସଚେତନତାକୁ ବ୍ୟାପକ କରିବେ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ଲକ୍ଷଣ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ବାଡ଼ି ବଗିଚାରେ କେଉଁଠି ହେଲେବି ବର୍ଷା ଜଳ ଜମିବାର ପାତ୍ର ଯେପରି ନ ରୁହେ ସେ ଦିଗରେ ସଚେତନତା ବାର୍ତ୍ତା ପହଁଚାଇବେ। ଏହିକ୍ରମେ ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇ ତଦନୁଯାୟୀ ଚିକିତ୍ସା ନେବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି।



> ପ୍ରତ୍ୟେକ ଶୁକ୍ରବାର ଡ୍ରାଏ ଡେ ପାଳନ କରନ୍ତୁ: ଜିଲ୍ଲାପାଳ
> ଗତ ୨୫ସୁଦ୍ଧା ଚିହ୍ନଟ ହୋଇଛନ୍ତି ୫ଡେଙ୍ଗୁ ରୋଗୀ
> ଜିଲ୍ଲାରେ ରହିଛି ୪ଟି ଡେଙ୍ଗୁ ସେଂଟିନୋଲ ପରୀକ୍ଷାଗାର

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ କହିଥିଲେ ଡେଙ୍ଗୁ ରୋଗ ପରୀକ୍ଷା ପାଇଁ ଜିଲ୍ଲାରେ ୪ଟି ଡେଙ୍ଗୁ ସେଂଟିନୋଲ ପରୀକ୍ଷା ଗାର ରହିଛି, ଯେଉଁଠି ସମ୍ପୂର୍ଣ୍ଣ ମାଗଣାରେ ସେବା ଉପଲବ୍ଧ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ରେ ଡେଙ୍ଗୁ ୱାର୍ଡ ର ବ୍ୟବସ୍ଥା କରାଯାଇଛି। ଗତ ୨୫ ତାରିଖ ସୁଦ୍ଧା ୮୨୯୦ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୫ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଛି। ଯାହା ୨୦୨୪ ବର୍ଷ ତୁଳନା ରେ ଗତ ବର୍ଷ ୨୦୨୫ ରେ ଜିଲ୍ଲା ରେ ୭୦% ଡେଙ୍ଗୁ ରୋଗୀ ସଂଖ୍ୟା ରେ ହ୍ରାସ ହୋଇଥିଲା। ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ଡେଙ୍ଗୁ ନିୟନ୍ତ୍ରଣ ପାଇଁ (ଏଚ୍‌ଓପିସି ଆଇ)୧ ଓ ୨ ମଡେଲ ବିଶେଷ ଭୂମିକା ଥିଲା ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ରୁ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଭି.ବି.ଡି) ଡା. ଶୁଭାଶିଷ ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି. ଡି) ଡା. ଜୀବନ୍ତ କୁମାର ଆଚାର୍ଜି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ) ଡା. ପ୍ରଦୀପ୍ତ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଭେଷଜ, ଡିପିଏମ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ଖୋର୍ଦ୍ଧା ଶୁଭକାନ୍ତ ଗନ୍ତାୟତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଡଃ . ଗୀତାଂଶୁ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଶିକ୍ଷା, ପୌର ସଂସ୍ଥା, ମିଶନ ଶକ୍ତି, ବିଜ୍ଞାପିତ ପରିଷଦ, କୃଷି, ମତ୍ସ୍ୟ, ଜଙ୍ଗଲ ଓ ପରିବେଶ, ଶିଳ୍ପ ଆଦି ବିଭାଗର ଅଧିକାରୀ, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ। ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଅସିତ୍ କୁମାର ଦାଶ ପାୱାର ପଏଂଟ ପ୍ରଦର୍ଶନରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ଲକ୍ଷଣ ଓ ନିରାକରଣ ଉପରେ ବିସ୍ତୃତ ଉପସ୍ଥାପନ ସହ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

■ ମାମଲା ଆପୋଷ ସମାଧାନ ପାଇଁ ଚାପ ସହ ଅଭିଯୋଗକାରୀଙ୍କୁ ଆକ୍ରମଣ ଘଟଣା

# ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ୍

କଟକ,୨୬।୫(ସମିସ): ଜଣେ ଅଭିଯୋଗକାରୀଙ୍କୁ ମାମଲାର ଆପୋଷ ସମାଧାନ ପାଇଁ ଚାପ ପ୍ରୟୋଗ ସହ ଅଦାଲତ ପରିସରରେ ଆକ୍ରମଣ କରିବା ଅଭିଯୋଗରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଆଇନଜୀବୀ ନରୋତ୍ତମ ନାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସଦାନନ୍ଦ ରାଉତରାୟଙ୍କ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦରେ ହୋଇଥିବା ଅଭିଯୋଗକ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। ଏକ ସିଭିଲ ସୁଟ୍ ପ୍ରସଙ୍ଗରେ ମାହାଙ୍ଗାସ୍ଥିତ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ ଅଦାଲତ ପରିସରରେ ପ୍ରତିପକ୍ଷର ଆଇନଜୀବୀ ନରୋତ୍ତମ ନାୟକ ଅଭିଯୋଗକାରୀ ସଦାନନ୍ଦଙ୍କୁ ଆପୋଷ ସମାଧାନ କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଅଭିଯୋଗକାରୀ ଶ୍ରୀ ରାଉତରାୟ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ। ଏଥିରେ ପ୍ରତିପକ୍ଷ ଆଇନଜୀବୀ ଶ୍ରୀ ନାୟକ ଉତ୍‌କ୍ଷିପ୍ତ ହୋଇ ଅତ୍ୟନ୍ତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଏବଂ ଅସମ୍ମାନଜନକ ଭାବେ ଅଭିଯୋଗକାରୀ ଓ ତାଙ୍କ ୮୫ବର୍ଷ ବୟସର ପିତା ଦୁଃଶାସନ ରାଉତରାୟଙ୍କୁ କୋର୍ଟ ପରିସର ଆକ୍ରମଣ କରିଥିଲେ।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିର ବାଟ ଫିଟିଲା

## ଜିଲ୍ଲା ଶିକ୍ଷା ଅଧିକାରୀ ଖୋର୍ଦ୍ଧାଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନା



ଖୋର୍ଦ୍ଧା,୨୬।୫(ସମିସ): ଦୀର୍ଘ ୪ବର୍ଷ ପରେ ପ୍ରାଥମିକ ଶିକ୍ଷକଙ୍କର ପଦୋନ୍ନତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖକୁ ନିର୍ଦ୍ଦେଶ ଆସିବା ପରେ ଜିଲ୍ଲା ଶିକ୍ଷା ବିଭାଗ ଚଳଚଞ୍ଚଳ ହୋଇଛି। ଆଜି ପୂର୍ବାହ୍ନରେ ପ୍ରାଥମିକ ଶିକ୍ଷକ ସଂଘ ର ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଭେଟି ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କରେ ଆଲୋଚନା କରିଛନ୍ତି।

ପଦୋନ୍ନତି ପ୍ରସଙ୍ଗରେ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ବିବରଣୀ ପ୍ରାଥମିକ ଶିକ୍ଷକମାନଙ୍କର ଜିଲ୍ଲା ଶିକ୍ଷା ବିଭାଗ ୧୦ଟି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ସଂଗ୍ରହ କରିନେଇଛନ୍ତି ଏବଂ ପ୍ରକ୍ରିୟା ଚାଲୁ ରହିଅଛି। କାର୍ଯ୍ୟକ୍ରମ ତ୍ୱରାନ୍ୱିତ ସହ ଖୁବ୍‌ଶୀଘ୍ର ପ୍ରୋଭିଜନାଲ ଗ୍ରେଡ଼େସନ୍ ତାଲିକା ପ୍ରକାଶ ପାଇବ ଓ ପରେ ପରେ ପ୍ରାଥମିକ ଶିକ୍ଷକମାନେ ନିଜର ତନଖି କରିବେ। ଏହାପରେ ପୂର୍ଣ୍ଣାଙ୍ଗ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଇନ୍ ମୁତାବକ ଓ ନିର୍ଭୁଲ ତଥ୍ୟ ସହ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରାୟ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ଉପସ୍ଥିତ ଥିଲେ। ପ୍ରାଥମିକ ଶିକ୍ଷକ ପଦୋନ୍ନତି କିପରି ଖୁବ୍ ଶୀଘ୍ର ହେବ ସେଥିପାଇଁ ଜିଲ୍ଲା ଶିକ୍ଷା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରକାଶ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବିରଷ୍ଠ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ଜିଲ୍ଲା ସମ୍ପାଦକ ଜିତ୍ ରଂଜନ ମହାପାତ୍ର, ସମୀର ସେଠୀ, ସନ୍ତୋଷ କୁମାର ବେହେରା, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା, ସହ ସମ୍ପାଦକ ଜ୍ୟୋର୍ତିମୟୀ ନାୟକ, ଉପସଭାପତି ରଶ୍ମି ଦାଶ, ପ୍ରଭାସିନି ବେହେରା, ସତ୍ୟାନନ୍ଦ ବେହେରା, ହେମନ୍ତ କୁମାର ସାହୁ, ତୁଳସୀ ଦେଇ, ଆକାଶ କୁମାର ମହାନ୍ତି, ଫୟାଜ୍ ଉଦ୍ଦିନ୍ ଖାନ୍ , ସତ୍ୟ ନାରାୟଣ ମଲ୍ଲିକ, ପ୍ରତାପ ସ୍ୱାଇଁ, ମାଧବ ଚନ୍ଦ୍ର ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

● ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲେ ଯୁବକ

# ଜୀବନ ବଞ୍ଚାଇବାକୁ ୨୫ ଫୁଟ ଗଭୀର ପଥରଖଣିକୁ ମାରିଲେ ଡିଆଁ

ନିରାକାରପୁର,୨୬।୫ (ସମିସ):

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳ ଅଧୀନସ୍ଥ ଜଙ୍କିଆ ଥାନା ଅଞ୍ଚଳରେ ପୁଣି ଦେଖିବାକୁ ମିଳିଛି ହାତୀର ଆତଙ୍କ। ଏକ ଦନ୍ତା ହାତୀ କବଳରୁ ଜଣେ ଯୁବକ ଅଳ୍ପକେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ବେଳେ ନିଜ ଜୀବନ ବିକଳରେ ସେ ପ୍ରାୟ ୨୫ ଫୁଟ ଗଭୀର ଏକ ଶୁଖିଲା ପଥରଖଣିକୁ ଡେଇଁ ପଡ଼ିଛନ୍ତି। ଯୁବକ ଜଣକ ସୁରକ୍ଷିତ ଥିବା ବେଳେ ରାଗରେ ଦନ୍ତାଟି ତାଙ୍କ ବାଇକକୁ ଭାଙ୍ଗି ଚୂରମାର କରିଦେଇଛି।

ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ହଜ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମୁକ୍ତାପୁର ଗ୍ରାମର ପ୍ରମୋଦ କୁମାର ଜେନା (୩୮) ତାଙ୍କର ହିରାପୁର ମୌଜାରେ ଥିବା କାଜୁ ବଗିଚାରୁ କାଜୁମଞ୍ଜି ସଂଗ୍ରହ କରୁଥିଲେ। ଏହି ସମୟରେ ହଠାତ ଏକ ଦନ୍ତାହାତୀ ତାଙ୍କ ସାମ୍ନାକୁ ଆସିଯାଇ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲା। ହାତୀ କବଳରୁ ରକ୍ଷା ପାଇବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ପ୍ରମୋଦ ଜୀବନ ବିକଳରେ ପାଖରେ ଥିବା ଏକ ପ୍ରାୟ ୨୫ ଫୁଟରୁ ଅଧିକ ଗଭୀର ଶୁଖିଲା ପଥରଖଣି ଭିତରକୁ ଡେଇଁ ପଡ଼ିଥିଲେ। ପ୍ରମୋଦ ଖଣି ଭିତରକୁ ଡେଇଁ ପଡ଼ିବା ପରେ ଉତକ୍ଷିପ୍ତ ଦନ୍ତାହାତୀଟି ସେଠାରେ ରହିଥିବା ପ୍ରମୋଦଙ୍କ ବାଇକକୁ କଚାଡ଼ି ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା। ଏହାପରେ ହାତୀଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ଏହି ଭୟଙ୍କର ପରିସ୍ଥିତି ସତ୍ତ୍ୱେ ପ୍ରମୋଦ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ଘରକୁ ଫେରିଛନ୍ତି। ପ୍ରମୋଦ ନିଜ ଗ୍ରାମର ମୁକ୍ତେଶ୍ୱର ଠାକୁରଙ୍କ ପ୍ରସିଦ୍ଧ ଦଣ୍ଡନାଚରେ ଚଢ଼େୟା, ହାଡ଼ି ଓ ବ୍ରାହ୍ମଣ ଭୂମିକାରେ ଅଭିନୟ କରନ୍ତି। ପ୍ରଭୁ ମୁକ୍ତେଶ୍ୱର ଦେବଙ୍କ ଅପାର କୃପା ଓ ଆଶୀର୍ବାଦ ଯୋଗୁଁ ହିଁ ସେ ଆଜି ଏଭଳି ଏକ ସାଙ୍ଘାତିକ ବିପଦରୁ ନୂତନ ଜୀବନ ପାଇଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଜୋରଦାର ଚର୍ଚ୍ଚା ହେଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରମୋଦ ହାତୀ କବଳରୁ ବର୍ତ୍ତିବା ଏହା ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ମଧ୍ୟ ସେ ୨ ଥର ହାତୀ ଆକ୍ରମଣରୁ ଅଳ୍ପକେ ପ୍ରାଣ ବିକଳେ ବଞ୍ଚିଛନ୍ତି। ଅନ୍ୟପଟେ ବନବିଭାଗ ଅଞ୍ଚଳରୁ ହାତୀମାନଙ୍କୁ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ବିଫଳ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ହାତୀ ଗୁଡ଼ିକ ପ୍ରତିଦିନ ବ୍ୟାପକ ଉପଦ୍ରବ ସୃଷ୍ଟି କରୁଛନ୍ତି। ଜନଜୀବନ ଓ ଧନସମ୍ପତ୍ତି ବିପନ୍ନ ହେଉଥିବାରୁ ବନବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ହାତୀ ଘଉଡ଼ାଇବା ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# ମହାପ୍ରଭୁଙ୍କ ସେବାରେ ରାଉତପଡ଼ା ବୁଣାକାର

ଖୋର୍ଦ୍ଧା,୨୬।୫(ସମିସ): ଶ୍ରୀମନ୍ଦିରରେ ବାରମାସରେ ୧୩ ଯାତ ଅନୁଷ୍ଠିତ ହୋଇଥାଏ। ଦୈନିକ ବିଭିନ୍ନ ରୀତିନୀତି ଏବଂ ପର୍ବପର୍ବାଣୀରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଧାରଣ କରନ୍ତି। ବର୍ଷସାରା ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀ, ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଓ ପାଟ ବସ୍ତ୍ର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ରାଉତପଡାର ବୁଣାକାରମାନେ ଯୋଗାଇ ଆସୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂତା ଓ ପାଟବସ୍ତ୍ର ଲାଗି ତାଲିକା ପାଇବା ପରେ ଏହି ବୁଣାକାରମାନେ ଏହି କାର୍ଯ୍ୟରେ ଲାଗିପଡନ୍ତି। ପବିତ୍ର ଅକ୍ଷୟ ତୃତୀୟାଠାରୁ କାମ ଆରମ୍ଭ କରନ୍ତି। ସ୍ନାନଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ସମାପନ କରନ୍ତି। ପରେ ଏହି ପାଟବସ୍ତ୍ର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଁଚାଇଥାନ୍ତି। ଏବେ ସୁଦ୍ଧା କିଛି ଅଧାରୁ ଅଧିକ ବସ୍ତ୍ର ପ୍ରସ୍ତୁତି କାର୍ଯ୍ୟ ସରିଗଲାଣି। ଜୁନ୍ ୨୯ରେ ସ୍ନାନଯାତ୍ରା ଥିବାରୁ ଖୁବଶୀଘ୍ର ଏହାକୁ ପଠାଯିବ ଏବଂ ଅବଶିଷ୍ଟ ବସ୍ତ୍ରକୁ ରଥଯାତ୍ରା ପୂର୍ବରୁ ପହଁଚାଯିବ ବୋଲି ବରିଷ୍ଠ ବୁଣାକାର ଗୋବିନ୍ଦ ଚନ୍ଦ୍ର ଦାସ କହିଛନ୍ତି।

ରାଉତପଡା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ବର୍ଷସାରା ଏଠି ହସ୍ତତନ୍ତରେ ବିଭିନ୍ନ ପ୍ରକାର ଲୁଗା ଓ ପାଟବସ୍ତ୍ର ବୁଣନ୍ତି। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରରୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଜକୁ ପ୍ରାୟ ୩୪ ବର୍ଷ ହେବ ରାଉତପଡ଼ାର ୨୨ବୁଣାକାର ପରିବାର ପାରମ୍ପରିକଭାବେ ଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପଣ କରିଆସୁଛନ୍ତି। ଗୋବିନ୍ଦ କୁହନ୍ତି ବାପା ମଧୁସୂଦନ ଗତ ୧୯୯୩ ମସିହାରେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ପାଇବାର ସୁଯୋଗ ପାଇଥିଲେ। ସେବେଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣୀ ଲାଗି ସୂତା ଲୁଗା ଓ ପାଟବସ୍ତ୍ର ଯୋଗାଇଆସୁଛନ୍ତି ଏହି ବୁଣାକାର ପରିବାର। ଏହି ସେବାରେ ଗୋବିନ୍ଦଙ୍କ ପରିବାର ସମେତ ଗ୍ରାମର ୨୨ପରିବାରର ସଦସ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଥିବା ସେ କହିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ଏମାନେ କୁହନ୍ତି। ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡସିଂହାର ଲାଗି ଗୀତଗୋବିନ୍ଦ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ ଲେଖାଏଁ ଚେହେଲି ପାଟ ପ୍ରସ୍ତୁତ ହୋଇଛି। ପ୍ରତିବର୍ଷ ରଙ୍ଗ ବେରଙ୍ଗର ଗୀତଗୋବିନ୍ଦ ପାଟବସ୍ତ୍ର ବୁଣାକାରମାନେ ପଠାଇଥାନ୍ତି। ଏଥିସହିତ ସାତବାର ଲାଗି ୭ପ୍ରକାର ଖଣ୍ଡୁଆ ପାଟ ପ୍ରସ୍ତୁତ କରାଯାଇଛି। ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ପାଟ ରହିଛି। ସେହିପରି ସପ୍ତବିଗ୍ରହ ଯଥା ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୁତାର ୨ପ୍ରକାର ଘୋଡଣି ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ବସ୍ତ୍ର ପ୍ରସ୍ତୁତି ଚାଲିଛି। ଘୋଷଯାତ୍ରା ପାଇଁ ବୁଣାକାର ପରିବାରଙ୍କ ତନ୍ତକୁ ଏବେ ଫୁରସତ୍ ନାହିଁ। ପିଲାଠାରୁ ବୁଢ଼ା ଓ ମହିଳା ଯାଏଁ ସମସ୍ତେ ଦିନ ରାତି ଏକାଠି କରି ମହାପ୍ରଭୁ ଜଗନ୍ନାଥଙ୍କ ନିମନ୍ତେ ପାଟବସ୍ତ୍ର ବୁଣିବାରେ ବ୍ୟସ୍ତ।



## ଗୀତଗୋବିନ୍ଦ ପାଟରେ ଝଲସିବେ ଚତୁର୍ଦ୍ଧାମୂର୍ତ୍ତି



### ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ବସ୍ତ୍ରର ନାମ

ଘୋଷଯାତ୍ରା ସମୟରେ ପ୍ରାୟ ୨ହଜାର ଯୋଡ଼ି ପାଟବସ୍ତ୍ର ଏବଂ ଲୁଗାର ଆବଶ୍ୟକତା ପଡ଼ିଥାଏ। ପ୍ରସ୍ତୁତ କରିବା ପରେ ମନ୍ଦିର ପ୍ରଶାସନକୁ ଏଠାକାର ବୁଣାକାରମାନେ ହସ୍ତାନ୍ତର କରିଥାନ୍ତି। ତନ୍ମଧ୍ୟରେ ପତନି (୧୬ହାତି) -୪୩୦ ମୂର୍ତ୍ତି, ବୋଇରାଣୀ (୧୬ହାତି) ୪୩୦ମୂର୍ତ୍ତି, ମଲମଲ ୨୫୦ମୂର୍ତ୍ତି, ଗଦିଫେଟା-୩୦୦ମୂର୍ତିର୍, ନେତଫୁଟା-୩୨ମୂର୍ତ୍ତିର୍, ସୁତାଫୁଟା-୭୦ମୂର୍ତ୍ତିର୍, ନେତ ଖଣ୍ଡୁଆ- ୬ ମୂର୍ତ୍ତିର୍, ୧୨ହାତୀ ଗଡା- ୧୫୦୦ମୂର୍ତ୍ତିର୍, ୧୬ହାତୀ ଗଡା-୨୫୦ମୂର୍ତ୍ତିର୍, ଶ୍ରୀମୁଖ ଓଡା ୬ମୂର୍ତ୍ତିର୍, ନିଉଛାଳି ଗାମୁଛା ୧୯୦ ମୂର୍ତ୍ତିର୍, ଟଣାଖସା(ବଡ଼) ୪ମୂର୍ତ୍ତିର୍, ଟଣାଖସା(ସାନ) ୩ ମୂର୍ତ୍ତିର୍, ଅଧରଗାମୁଛା ୯ମୂର୍ତ୍ତିର୍, ଲାଲ କରିଆ ୧୦ହଜାର ମୂର୍ତ୍ତିର୍, ନାଲିଚେହେଲି (ପାଟ) ୬୪ଗଜ, ହଳଦିଆ ଚେହେଲି (ପାଟ) ୫୨ଗଜ ଏବଂ ସବୁଜ ଚେହେଲି(ପାଟ) ୪୬ଗଜ, ଚେମେଡି ୧୦ହଜାର ମୂର୍ତ୍ତିର୍, ଗୀତଗୋବିନ୍ଦ ସେଟ୍ ୧୫ ମୂର୍ତ୍ତିର୍, ଅଧିକା ଫୁଟା (୨୨ହାତି)- ୪ମୂର୍ତ୍ତିର୍, ଗୀତଗୋବିନ୍ଦ (୮ହାତି)-୫ ମୂର୍ତ୍ତିର୍ ଓ ଗୀତଗୋବିନ୍ଦ (୧୨ହାତି) ୨ମୂର୍ତ୍ତିର୍ ରହିଛି।

# ରେଳଧାରଣାରୁ ଅଜଣା ଯୁବକଙ୍କ ମୃତ ଦେହ ଉଦ୍ଧାର

ବାଲୁଗାଁ/ନିରାକାରପୁର,୨୬।୫(ସମିସ): ଖୋର୍ଦ୍ଧା ରୋଡ଼ ରେଳ ଡ଼ିଭିଜନ ଅନ୍ତର୍ଗତ ଗଙ୍ଗାଧରପୁର ରେଳ ଷ୍ଟେସନ ଓ କୁହୁଡି ରେଳ ଷ୍ଟେସନ୍ ମଧ୍ୟ ଭାଗ ରେଳଧାରଣରେ ସୋମବାର ରାତ୍ରରେ କୌଣସି ଟ୍ରେନରୁ ଖସି ପଡି କିମ୍ବା ଟ୍ରେନ ଧକ୍କାରେ ଜଣେ ଅଜଣା ଯୁବକ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ମୃତଦେହକୁ ରେଳବାଇ ପୁଲିସ୍ ଜବତ କରି ବ୍ୟବେଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ମଙ୍ଗଳବାର ସକାଳ ସମୟରେ କୁହୁଡ଼ି ରେଳ ଷ୍ଟେସନ ମାଷ୍ଟରଙ୍କ ଠାରୁ ଖବର ପାଇ ନିରାକାରପୁର ରେଳବାଇ ଅଧିକାରୀ ଦିଲ୍ଲିପ କୁମାର ସାହୁ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଜିଆରପି ଅଧିକାରୀ ଶ୍ରୀ ସାହୁ ଶବକୁ ଜବତ କରି ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୩୨/୨୬ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଅବ୍ୟାହତ ରଖିଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳି ପାରି ନଥିବା ସ୍ଥଳେ ତାଙ୍କର ଆନୁମାନିକ ବୟସ ପ୍ରାୟ ୪୮ ରୁ ୫୦ ବର୍ଷ ହୋଇଥିବା ଜଣା ପଡିଥିବା ସହ ସେ କଳା ରଂଗର ହାପ୍ ପ୍ୟାଣ୍ଟ ଓ ଗାମୁଛା ପରିଧାନ କରିଥିବା ଦେଖିବାକୁ ମିଳିଛି।

# ସେବା ସମବାୟ ପରିସରକୁ କଂକ୍ରିଟ୍ ଢଳେଇ ଦାବି

ବେଗୁନିଆ, ୨୬।୫ (ସମିସ): ବଡବେରଣା ସେବା ସମବାୟ ସମିତି ପରିସରକୁ ତୁରନ୍ତ କଂକ୍ରିଟ୍ ଢଳେଇ କରିବାକୁ ଚାଷୀ ମାନଙ୍କ ଦାବି ଜୋର୍ ଧରିଛି। ବର୍ଷା ଋତୁ ଆସୁଥିବା ବେଳେ ବି କାମ ଆରମ୍ଭ ହୋଇନାହିଁ। ଧାନ ବିକ୍ରି ଓ ସାର କିଣିବାକୁ ଆସୁଥିବା ଚାଷୀ ପାଣି କାଦୁଅରେ ଅସୁବିଧା ଭୋଗୁଛନ୍ତି। ଲଗାଣ ବର୍ଷାରେ ପରିସର ଜଳମଗ୍ନ ହେଉଥିବାରୁ ସାଧାରଣରେ ଅସନ୍ତୋଷ ବଢୁଛି।

# ଓଡ଼ିଶୀ ସଙ୍କୀର୍ତ୍ତନ ଉତ୍ସବ

ବେଗୁନିଆ,୨୬।୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ସ୍ଥିତ ଗୋପୀନାଥ ଦେବଙ୍କ ପୀଠରେ ପ୍ରଥମ ବାର୍ଷିକ ଓଡ଼ିଶୀ ସଙ୍କୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ୪ ଟି ଦଳର ଗାୟକ ବସନ୍ତ କୁମାର ମହାପାତ୍ର, ବେଣୁଧର ମହାରଣା, ଶ୍ରୀନିବାସ ପାଣିଗ୍ରାହୀ, ଅଜୟ ଦାସ ଓ ଗଣେଶ୍ୱର ନିଶଙ୍କ ପ୍ରମୁଖ ଭାଗ ନେଇ ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୦ ● ପାଉଣ୍ଡ ୧୨୮.୬୪
- ୟୁରୋ ୧୧୦.୯୬ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୫,୬୫୦ (ଭୁବନେଶ୍ୱର)
- ରୁପା : ୨,୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୦୦୯.୦୦
- ନିଫ୍ଟି ୨୩,୯୩୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ତେଲରୁ ଭାଟ୍ କମାଇବାକୁ ତେଜିଲା ଦାବି

## ବିଜେପି ଶାସିତ ରାଜ୍ୟଙ୍କ କୋର୍ଟରେ ବଲ୍




### ଭାଟ୍‌ରେ ୪% ହ୍ରାସ, ପେଟ୍ରୋଲ ଓ ଡିଜେଲ ୪ ଟଙ୍କା କମିବ

### ଓଡ଼ିଶାରେ ପେଟ୍ରୋଲରେ ୨୨.୯ ୯ ଟଙ୍କା, ଡିଜେଲରେ ୧୯ ଟଙ୍କା ଭାଟ୍

**ଭୁବନେଶ୍ୱର,୨୬।୫(ଏଜେନ୍ସି):** ଅସହ୍ୟ ତୈଳ ଯନ୍ତ୍ରଣା। ଅକଳରେ ଖାଉଟି। କାରଣ ଥରକୁ ଥର ବଢ଼ିବାରେ ଲାଗିଛି ତେଲ ଦର। ୪ର୍ଥ ଥର ପାଇଁ ବଢ଼ିଛି ତେଲ ଦର। ତେଲ ଦରରେ ଏପରି ବୃଦ୍ଧି ଘଟାଇ ଖାଉଟିଙ୍କୁ ଝଟ୍‌କା ଦେବାରେ ଲାଗିଛନ୍ତି କେନ୍ଦ୍ର ସରକାର। ନିକଟରେ ସୋମବାର ଘରୋଇ ବଜାରରେ ପେଟ୍ରୋଲ ଲିଟର ପିଛା ୨.୬୧ ପଇସା ଏବଂ ଡିଜେଲ ୨.୭୧ ପଇସା ବୃଦ୍ଧି ଘଟିଛି। ମାତ୍ର ୧୦ ଦିନ ମଧ୍ୟରେ ତେଲ ଦର ପାଖାପାଖି ୮ ଟଙ୍କା ବଢ଼ିଗଲାଣି। ତେଲ ଦରରେ ପୁନର୍ବାର ହୋଇଥିବା ଏହି ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୧୦୨.୧୨ ଟଙ୍କା ଏବଂ ଡିଜେଲ୯୫.୨୦ ଟଙ୍କାରେ ପହଞ୍ଚିଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ୧୦୦.୮୦ ଟଙ୍କା ହୋଇଛି। ଏହା ସତ୍ତ୍ୱେ ତୈଳ କମ୍ପାନୀଗୁଡ଼ିକର କହିବା ହେଉଛି, ସେମାନେ ଘୋର କ୍ଷତି ସହୁଛନ୍ତି। ତୈଳ ମୂଲ୍ୟରେ ବୃଦ୍ଧି ଜନସାଧାରଣଙ୍କ ଉପରେ ବଡ଼ ଆର୍ଥିକ ବୋଝ ହେଲାଣି। ଏହାର ପ୍ରଭାବ ଖୁବ୍ ଖାଉଟି ବଜାର ଉପରେ ଅନୁଭୂତ ହେବ ବୋଲି ଏବେଠାରୁ ଆକଳନ କଲେଣି। ଯାହାର ଫଳ ସ୍ୱରୂପ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଆଗକୁ ତେଲ ଦର ଆହୁରି ବୃଦ୍ଧି ହେବାକୁ ଥିବାବେଳେ ଦରଦାମ୍ ମଧ୍ୟ ବଢ଼ିବ। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପେଟ୍ରୋଲ ଏବଂ ଡିଜେଲ ଉପରୁ ମୂଲ୍ୟଯୁକ୍ତ ଟିକସ (ଭାଟ୍)ରେ ହ୍ରାସ ଘଟାଇବାକୁ ଆହ୍ୱାନ ଦେଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ବି ରାଜ୍ୟ ଭାଟ୍‌ରେ ହ୍ରାସ କରିନାହାଁନ୍ତି। ଚଳିତବର୍ଷ ମାର୍ଚ୍ଚରେ ଉତ୍ପାଦ ଶୁଳ୍କରେ ହ୍ରାସ ଘଟାଇ କେନ୍ଦ୍ର ସରକାର ନିଜ ଉପରୁ ଦାୟିତ୍ୱ କାଢ଼ି ରାଜ୍ୟଗୁଡିକ କୋର୍ଟକୁ ବଲ୍ ଫିଙ୍ଗିଦେଇଛନ୍ତି, ଯାହା ଏବେ ବିଶେଷ ବିଜେପି ଶାସିତ ରାଜ୍ୟଗୁଡ଼ିକୁ ଅକଳରେ ପକାଇଛି। ଅପରପକ୍ଷେ ଭାଟ୍‌ରେ ୪% ହ୍ରାସ ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ୪ ଟଙ୍କା କମାଇବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ତେଣୁ ଏବେ ଜନତାଙ୍କୁ ଉଚ୍ଚ ତୈଳ ଦରରୁ ଆଶ୍ୱସ୍ତି ଦେବା ଦାୟିତ୍ୱ ରାଜ୍ୟଙ୍କ ଉପରେ।

ପେଟ୍ରୋଲ ଏବଂ ଡିଜେଲକୁ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଅଧୀନକୁ ଆଣିବାକୁ ଅନେକ ଥର ଆଲୋଚନା ହୋଇଛି, କିନ୍ତୁ ସମସ୍ତ ରାଜନୈତିକ ଦଳର ରାଜ୍ୟ ସରକାରମାନେ ସର୍ବଦା ଏହି ପରିବର୍ତ୍ତନକୁ ଦୃଢ଼ ବିରୋଧ କରିଛନ୍ତି। ରାଜ୍ୟଗୁଡିକର କହିବା ହେଉଛି, ମଦ ଉପରେ ରାଜ୍ୟ ଉତ୍ପାଦ ଶୁଳ୍କ ବ୍ୟତୀତ, ଇନ୍ଧନ ଉପରେ ଭାଟ୍ ହେଉଛି ରାଜ୍ୟଗୁଡ଼ିକର ରାଜସ୍ୱର ଏକମାତ୍ର ବୃହତ ଏବଂ ସ୍ୱାଧୀନ ଉତ୍ସ। ସମ୍ପ୍ରତି ପେଟ୍ରୋଲ ଏବଂ ଡିଜେଲରେ ହୋଇଥିବା ବୃଦ୍ଧି ଜନିତ ପରିସ୍ଥିତି ରାଜ୍ୟଗୁଡ଼ିକ ଉପରେ ଭାଟ୍ ହ୍ରାସ କରିବା ପାଇଁ ଚାପ ବୃଦ୍ଧି କରିଛି। କାରଣ କିଛି ରାଜ୍ୟରେ ଭାଟ୍ ସର୍ବୋଚ୍ଚ ୩୦% ପର୍ଯ୍ୟନ୍ତ ରହିଛି। ଓଡ଼ିଶାରେ ପେଟ୍ରୋଲ ଲିଟର ପିଛା ୧୧.୯୦ ଟଙ୍କା ଓ ଡିଜେଲରେ ୭.୮୦ ଟଙ୍କା ଉତ୍ପାଦ ଶୁଳ୍କ ଲାଗୁ ହେଉଛି। ସେହିପରି ରାଜ୍ୟ ସରକାର ପେଟ୍ରୋଲରେ ୨୮% ଓ ଡିଜେଲରେ ୨୪% ଭାଟ୍ ନେଉଛନ୍ତି। ଫଳରେ ପେଟ୍ରୋଲ ଲିଟର ପିଛା ୨୨.୯ ୯ ଟଙ୍କା ଓ ଡିଜେଲରେ ୧୯ ଟଙ୍କା ଭାଟ୍ ଅସୁଲ କରାଯାଉଛି। ମଧ୍ୟ ପ୍ରାଚ୍ୟ ଅସ୍ଥିରତାରେ ଅଶୋଧିତ ତୈଳ ଉଚ୍ଚରେ ରହିବା ଯୋଗୁ ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକ କ୍ଷତି ସହୁଥିବାବେଳେ, କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ହ୍ରାସ କରି କ୍ଷତି ସହିସାରିଛନ୍ତି। ଗ୍ରାହକମାନେ ମଧ୍ୟ ଏହି ବୋଝର ଏକ ଅଂଶ ବହନ କରୁଛନ୍ତି। ତେଣୁ, ଏବେ ଆଶା କରାଯାଉଛି ଯେ ରାଜ୍ୟ ସରକାରମାନେ ମଧ୍ୟ ସେମାନଙ୍କର ରାଜସ୍ୱର କିଛି ଅଂଶ ଭାଟ୍ ହ୍ରାସ କରି ଛାଡିଦେବେ। ଏହାଦ୍ୱାରା ତୈଳ କମ୍ପାନୀଗୁଡ଼ିକ ସେମାନଙ୍କର ନିବେଶ ଆବଶ୍ୟକତା ପୂରଣ କରିବା ଏବଂ ବଜାରରେ ରହିବା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ପାଇପାରିବେ।

ଏହି ପ୍ରସଙ୍ଗ ଉପରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଘଡାଇ କହିଛନ୍ତି ଯେ, ପୂର୍ବରୁ ନବୀନ ସରକାର ସମୟରେ ବିଜେପି ପକ୍ଷରୁ ଭାଟ୍‌ରେ ହ୍ରାସ କରିବାକୁ ଦାବି କରାଯାଉଥିଲା। ସେତେବେଳେ ଭାଟ୍ ହ୍ରାସ କରି ସରକାର ରାଜସ୍ୱ ଛାଡିଦେଇଥିଲେ। ହେଲେ ବର୍ତ୍ତମାନ ବଲ୍ ମୋହନ ସରକାରଙ୍କ କୋର୍ଟରେ ।ତେଣୁ ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ କମ୍ କରନ୍ତୁ। ଏହା ଉପରେ ମତ ରଖି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ବିଜେଡି ସରକାର ସମୟରେ ଭାଟ୍ ହ୍ରାସ କରିବାକୁ ବିଜେପି ପକ୍ଷରୁ ପ୍ରବଳ ହୋ ହାଲ୍ଲା କରାଯାଉଥିଲା। ଆଉ ନବୀନ ସରକାର କେତେକ ଥର ଭାଟ୍ ହ୍ରାସ କରିଥିଲେ । ଏବେ ଡବଲ୍ ଇଞ୍ଜିନ୍ ସରକାର ତେଣୁ ମୋହନ ସରକାର ଭାଟ୍ ହ୍ରାସ କରି ଖାଉଟିଙ୍କୁ ଉଚ୍ଚ ତୈଳ ଦର ସ୍ଥିତିରୁ ଆଶ୍ୱସ୍ତି ଦିଅନ୍ତୁ।

### ଅନିଲ ଅମ୍ବାନୀ ଗ୍ରୁପ୍ ବିରୋଧରେ ୧୫୦ କୋଟି ଋଣ ଠକେଇ ମାମଲା

## ଜାଲ ଦସ୍ତାବିଜ୍ ଦେଇ ନିଆଯାଇଥିଲା ଋଣ




### ଟଙ୍କା ଅନ୍ୟ କମ୍ପାନୀକୁ ସ୍ଥାନାନ୍ତର ଅଭିଯୋଗ

**ନୂଆଦିଲ୍ଲୀ,୨୬।୫(ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ଏଡିଏଜି ଗ୍ରୁପ୍ ସହ ଜଡିତ କିଛି କମ୍ପାନୀ ଏବେ ବଡ଼ ଆର୍ଥିକ ଠକେଇ ମାମଲାରେ ଛନ୍ଦି ହୋଇଯାଇଛି। ମୁମ୍ବାଇ ପୁଲିସର ଅର୍ଥନୈତିକ ଅଫେନ୍ସେସ୍ ୱିଙ୍ଗ୍ (ଇଓଡବ୍ଲ୍ୟୁ) ପକ୍ଷରୁ ଏହି କମ୍ପାନୀଗୁଡିକର ତତ୍କାଳୀନ ନିର୍ଦ୍ଦେଶକ ଓ ଅଧିକାରୀମାନଙ୍କ ବିରୋଧରେ ଠକେଇ, ଜାଲିଆତି ଓ ଆପରାଧିକ ଷଡଯନ୍ତ୍ର ମାମଲା ରୁଜୁ କରାଯାଇଛି। ଅଭିଯୋଗ ହେଉଛି, ଜାଲ ଦସ୍ତାବିଜ ଓ ଭୁଲ ତଥ୍ୟ ଦେଇ ବ୍ୟାଙ୍କରୁ ୧୫୦ କୋଟି ଟଙ୍କାର ଋଣ ନେଇ ପରେ ସେହି ଟଙ୍କାକୁ ଅନ୍ୟ କମ୍ପାନୀକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଅନୁସାରେ, ଏହି ମାମଲା ମୁମ୍ବାଇର କଫ ପରେଡ୍ ପୁଲିସ ଷ୍ଟେସନରେ ରୁଜୁ ହୋଇଛି। ଏକ୍ସିସ୍ ବ୍ୟାଙ୍କର ଉପସଭାପତି ପ୍ରକାଶ ପ୍ରଭାକର ରାଓଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ବ୍ୟାଙ୍କର ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତମାନେ ପୂର୍ବ ପରିକଳ୍ପିତ ଭାବରେ ବ୍ୟାଙ୍କକୁ ଆର୍ଥିକ କ୍ଷତି ପହଞ୍ଚାଇବା ଓ ଠକେଇ କରିବା ଉଦ୍ଦେଶ୍ୟରେ ଷଡଯନ୍ତ୍ର ରଚିଥିଲେ।ଏହି ଘଟଣା ଜାନୁଆରୀ ୨୦୧୦ ରୁ ନଭେମ୍ବର ୨୦୧୯ ମଧ୍ୟରେ ଘଟିଥିବା କୁହାଯାଉଛି। ତଦନ୍ତକାରୀ ସଂସ୍ଥାଙ୍କ ମତାନୁସାରେ, ସେହି ସମୟରେ ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ୍ (ଆର୍‌ଏଚ୍‌ଏଫ୍‌ଏଲ୍)ର ତତ୍କାଳୀନ ହୋଲ୍-ଟାଇମ୍ ଡାଇରେକ୍ଟର, ଏଡିଏଜି ଗ୍ରୁପ୍ ସହ ଜଡିତ ଲାଭାନ୍ୱିତ କମ୍ପାନୀର ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀମାନେ ମିଶି ଏହି ଯୋଜନାକୁ କାର୍ଯ୍ୟକରିଥିଲେ। ଋଣ ମଞ୍ଜୁର କରାଇବା ପାଇଁ ବ୍ୟାଙ୍କକୁ ଜାଲ ଦସ୍ତାବିଜ ଦିଆଯାଇଥିଲା। ଆର୍‌ଏଚ୍‌ଏଫ୍‌ଏଲ୍‌ର ଆର୍ଥିକ ସ୍ଥିତିକୁ ନେଇ ଭୁଲ ଓ ଭ୍ରମ ସୃଷ୍ଟିକାରୀ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ରହିଛି। ବ୍ୟାଙ୍କ ୧୫୦ କୋଟି ଟଙ୍କା ଲୋନ୍ ମଞ୍ଜୁର କରିବା ପରେ ସେହି ରାଶିକୁ ଗ୍ରୁପ୍ ସହ ଜଡିତ ଅନ୍ୟ କମ୍ପାନୀଙ୍କ ଖାତାକୁ ଡାଇଭର୍ଟ କରାଯାଇଥିଲା। ପରେ ଏହି ଲୋନ୍ ଫେରସ୍ତ ନକରି ଡିଫଲ୍ଟ କରାଯାଇଥିବା କୁହାଯାଉଛି। ଏହା ପୂର୍ବରୁ ମଧ୍ୟ ଏହିପରି ଅଭିଯୋଗରେ ଚଳିତ ବର୍ଷ ମାର୍ଚ୍ଚ ୧୨ ତାରିଖରେ ଇଓଡବ୍ଲ୍ୟୁ ପକ୍ଷରୁ ପ୍ରଥମ ମାମଲା ରୁଜୁ କରାଯାଇଥିଲା।

### ଖାମଖିଆଲି ନୀତିର ପରିଣତି ଭୋଗିଲା ଭାରତ

## ବଜାର ପୁଞ୍ଜିରେ ଭାରତକୁ ପଛରେ ପକାଇଲା ତାଇୱାନ

**ନୂଆଦିଲ୍ଲୀ,୨୬।୫(ଏଜେନ୍ସି):** ବଜାର ପୁଞ୍ଜିକରଣ କ୍ଷେତ୍ରରେ ତାଇୱାନ ଭାରତକୁ ପଛରେ ପକାଇ ଦେଇଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୁଗରେ, ବିଶ୍ୱର ସର୍ବବୃହତ ଚିପ୍ ନିର୍ମାତା, ତାଇୱାନ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କମ୍ପାନୀ (ଟିଏସ୍‌ଏମ୍‌ସି), ତାଇୱାନକୁ ଏହା ହାସଲ କରିବାରେ ସହାୟତା କରିଛି। କେନ୍ଦ୍ର ସରକାର ଯେତେ ବାହାସ୍ଫୋଟ ମାରିଲେ ବି ଏହି ସଙ୍କଟ ସମୟରେ, ଅନ୍ୟ ପଡ଼ୋଶୀଙ୍କ ତୁଳନାରେ ଭାରତର ସ୍ଥିତି କେତେ ଯେ ଶୋଚନୀୟ ଏକଥା ସ୍ପଷ୍ଟ ଜଣାପଡୁଛି। ତୈଳ ସଙ୍କଟ ଚାପ, ମୁଦ୍ରା ମୂଲ୍ୟ ହ୍ରାସ ସହିତ ଭାରତୀୟ ଷ୍ଟକ ବଜାରର ସ୍ଥିତି ଖରାପ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଛୋଟ ଦ୍ୱୀପ ଦେଶ ତାଇୱାନ ବି ଭାରତକୁ ଟପିଯାଇଛି। ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ସୋମବାର ସୁଦ୍ଧା ତାଇୱାନର ବଜାର ପୁଞ୍ଜି ୪.୯୫ ଟ୍ରିଲିୟନ ଡଲାର (ପ୍ରାୟ ୪୧୫ ଲକ୍ଷ କୋଟି ଟଙ୍କାରେ) ପହଞ୍ଚିଥିବାବେଳେ ଭାରତୀୟ ବଜାରର ମୂଲ୍ୟ ୪.୯୨ ଟ୍ରିଲିୟନ ଡଲାର (ପ୍ରାୟ ୪୧୩ ଲକ୍ଷ କୋଟି ଟଙ୍କା)କୁ ହ୍ରାସ ପାଇଛି। ତାଇୱାନ ଏବେ ଆମେରିକା, ଚୀନ୍, ଜାପାନ ଏବଂ ହଂକଂ ପରେ ବିଶ୍ୱର ଶ୍ରେଷ୍ଠ ପଞ୍ଚମ ଷ୍ଟକ୍ ବଜାର ହୋଇଛି।

### ବିଶ୍ୱର ଶ୍ରେଷ୍ଠ ୫ମ ଷ୍ଟକ୍ ବଜାର

ତାଇୱାନର ଷ୍ଟକ୍ ବଜାରରେ ଏହି ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି ଟିଏସ୍‌ଏମ୍‌ସି। ତାଇୱାନର ମୁଖ୍ୟ ଇଣ୍ଡେକ୍ସରେ କେବଳ ଏହି କମ୍ପାନୀର ୪୨% ଅଂଶ ରହିଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ଏହାର ସେୟାର ୪୯% ବୃଦ୍ଧି ପାଇଛି। ସାରା ବିଶ୍ୱରେ ଏଆଇ ଟେକ୍ନୋଲୋଜି ପାଇଁ ବ୍ୟବହୃତ ହେଉଥିବା ସେମିକଣ୍ଡକ୍ଟର (ଚିପ୍ସ)ର ଯୋଗାଣରେ ଏହି କମ୍ପାନୀ ପ୍ରାଧାନ୍ୟ ରହିଛି। ଆଉ ବର୍ତ୍ତମାନ ସମୟରେ ଏଆଇର ଡିମାଣ୍ଡ ବଢିଥିବାରୁ କମ୍ପାନୀ ସପ୍ଲାଏ ବଢ଼ାଇ ଏହି ସଫଳତା ପାଇଛି। ଯାହାର ଫାଇଦା ତିଇୱାନ ବଜାରକୁ ମିଳିଛି। ନିକଟରେ ତାଇୱାନର ବଜାର ନିୟାମକ ନିବେଶ ନିୟମକୁ




କୋହଳ କରିଛନ୍ତି। ଘରୋଇ ଫଣ୍ଡ କୌଣସି ଏକ ବଡ଼ କମ୍ପାନୀରେ ନିଜର ନେଟ ଆସେଟର ୨୫% ପର୍ଯ୍ୟନ୍ତ ନିବେଶ କରିପାରିବେ। ଏହି ସୀମା ପୂର୍ବରୁ ୧୦% ଥିଲା। ବର୍ତ୍ତମାନ ସମୟରେ କେବଳ ଟିଏସ୍‌ଏମ୍‌ସି ଏହି ମାନଦଣ୍ଡ ପୂରଣ କରୁଛି। ଜେପି ମୋର୍ଗାନଙ୍କ ଅନୁଯାୟୀ, ଏହି ପରିବର୍ତ୍ତନ ତାଇୱାନ ବଜାରରେ ୬ ବିଲିୟନ ଡଲାର (ପ୍ରାୟ ୫୦,୦୦୦ କୋଟି ଟଙ୍କା) ଅତିରିକ୍ତ ନିବେଶକୁ ଆକର୍ଷିତ କରିପାରିବ। ଭାରତୀୟ ଷ୍ଟକ୍ ବଜାର ପାଇଁ ଚଳିତ ବର୍ଷ ଖୁବ ଆହ୍ୱାନପୂର୍ଣ୍ଣ ରହିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପ୍ରାୟ ୨୪ ବିଲିୟନ ଡଲାର (ପ୍ରାୟ ୨ ଲକ୍ଷ କୋଟି ଟଙ୍କା) ପ୍ରତ୍ୟାହାର କରିସାରିଛନ୍ତି। ଏହା ମୁଖ୍ୟତଃ ଭାରତୀୟ ଷ୍ଟକଗୁଡ଼ିକର ହାଇ ଭାଲ୍ୟୁଏସନ ଏବଂ ଟଙ୍କାର ଦୁର୍ବଳତା ଯୋଗୁ ହୋଇଛି। ଠିକ୍ ଏହାର ବିପରୀତରେ ନିବେଶକମାନେ ତାଇୱାନ ଏବଂ ଦକ୍ଷିଣ କୋରିଆ ଭଳି ବଜାରରେ ନିବେଶ କରୁଛନ୍ତି। କାରଣ ଏହି ଦେଶଗୁଡ଼ିକର ସେୟାର ବଜାର ଏଆଇ ହାର୍ଡୱେୟାର ଏବଂ ମେନୁଫେକ୍ଚରିଂ ସହିତ ସିଧାସଳଖ ଜଡିତ। ଆଉ ବର୍ତ୍ତମାନ ସମୟରେ ଏଗୁଡ଼ିକର ଡିମାଣ୍ଡ ବଢୁଥିବାରୁ ନିବେଶକ ଭାରତରୁ ପୁଞ୍ଜି ପ୍ରତ୍ୟାହାର କରି ଏହି ଛୋଟ ଦେଶଗୁଡ଼ିକରେ ଲଗାଉଛନ୍ତି।

### ପ୍ରବଳ ଗ୍ରୀଷ୍ମ ପ୍ରବାହ

## ୨୬,୦୦୦ ରୁ ଅଧିକ ଫିଲ୍ଡ ଷ୍ଟାଫ ନିୟୋଜିତ କଲା ଟାଟା ପାୱାର

**ଭୁବନେଶ୍ୱର, ୨୬।୫ (ସମିସ):** ସମ୍ପ୍ରତି ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସହ ବିଦ୍ୟୁତ ଚାହିଦାର ରେକର୍ଡ ସୃଷ୍ଟି ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ପକ୍ଷରୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଦ୍ରୁତ ମରାମତି ସେବା ନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସହିତ ୨୪ ଘଣ୍ଟିଆ ନେଟୱର୍କ ନିରୀକ୍ଷଣ ଏବଂ ଗ୍ରାହକ ସହାୟତା ବ୍ୟବସ୍ଥାକୁ ସକ୍ରିୟ କରାଯାଇଛି। ଡିସକମ୍ ଗୁଡ଼ିକ ବର୍ତ୍ତମାନ ସାରା ଓଡ଼ିଶାରେ ୬,୭୩୯ ମେଗାୱାଟ୍‌ର ସର୍ବାଧିକ ଚାହିଦା ପରିଚାଳନା କରୁଛନ୍ତି, ଯାହା ଗତ ବର୍ଷର ସର୍ବାଧିକ ଚାହିଦା ୬,୪୪୭ ମେଗାୱାଟ୍ ଅପେକ୍ଷା ପ୍ରାୟ ୩୦୦ ମେଗାୱାଟ୍ ଅଧିକ। କେବଳ ଭୁବନେଶ୍ୱରରେ ହିଁ ସର୍ବାଧିକ ବିଦ୍ୟୁତ ଚାହିଦା ୧୭% ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକ ବର୍ଷର ୬୪୧ ମେଗାୱାଟ୍‌ରୁ ବଢ଼ି ଏହି ଗ୍ରୀଷ୍ମ ଋତୁରେ ୭୫୦ ମେଗାୱାଟ୍‌ରେ ପହଞ୍ଚିଛି। ଏହା ପ୍ରଚଣ୍ଡ ତାପମାତ୍ରା ଯୋଗୁଁ ବିଦ୍ୟୁତ ବ୍ୟବହାରରେ ହୋଇଥିବା ତୀବ୍ର ବୃଦ୍ଧିକୁ ଦର୍ଶାଉଛି। ଚଳିତ ଗ୍ରୀଷ୍ମ ଋତୁରେ ଶୀଘ୍ର ମରାମତି ଏବଂ ବିଶ୍ୱସନୀୟ ସେବା ପ୍ରଦାନ ନିଶ୍ଚିତ କରିବା ପାଇଁ ରକ୍ଷଣାବେକ୍ଷଣ ଦଳ, ବ୍ରେକଡାଉନ ରେସପନ୍ସ ଦଳ, ସୁପରଭାଇଜର ଏବଂ ସୁରକ୍ଷା ଅଧିକାରୀଙ୍କୁ ମିଶାଇ ୨୬,୦୦୦ ରୁ ଅଧିକ ପ୍ରଶିକ୍ଷିତ ଫିଲ୍ଡ ଷ୍ଟାଫ ଦିନରାତି ଫିଲ୍ଡ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ବିଦ୍ୟୁତ ସେବାକୁ ତୁରନ୍ତ ସ୍ୱାଭାବିକ କରିବା ପାଇଁ ଡିସକମ୍ ଗୁଡ଼ିକ ସେମାନଙ୍କ ସେବା ଯୋଗାଣ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଏବଂ ମରାମତି ଉପକରଣ ଗୁଡ଼ିକୁ ରଣନୀତିକ ଭାବେ ପ୍ରସ୍ତୁତ କରି ରଖିଛନ୍ତି, ଯେଉଁଥିରେ ୬୭ଟି ପାୱାର ଟ୍ରାନ୍ସଫର୍ମର, ପ୍ରାୟ ୫,୦୦୦ ଟି ବିତରଣ ଟ୍ରାନ୍ସଫର୍ମର, ୬୦,୦୦୦ ରୁ ଅଧିକ ବିଦ୍ୟୁତ ଖୁଣ୍ଟ ଏବଂ ପ୍ରାୟ ୯,୦୦୦ କିଲୋମିଟର ଲମ୍ବର କଣ୍ଡକ୍ଟର ଓ କେବୁଲ ସାମିଲ ଅଛି। ଏହା ସହିତ ଟାୱାର ୱାଗନ, ମ୍ୟାନ୍-ଲିଫ୍ଟର, ହାଇଡ୍ରୋଲିକ ଉପକରଣ, ଜଳ ନିଷ୍କାସନ ପମ୍ପ, ମୋବାଇଲ ବିଦ୍ୟୁତ ବିତରଣ ସବ୍-ଷ୍ଟେସନ ଏବଂ ଗଛ କଟା ମେସିନ ଭଳି ଜରୁରୀକାଳୀନ ଭିତ୍ତିଭୂମି ଗୁଡ଼ିକୁ ମଧ୍ୟ ତୁରନ୍ତ ବ୍ୟବହାର ପାଇଁ ପ୍ରସ୍ତୁତ କରି ରଖାଯାଇଛି। ଏକ ସେଣ୍ଟ୍ରାଲାଇଜ୍‌ଡ୍ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର (ପିଡିଟିସି) ସହିତ ସର୍କଲ ଏବଂ ଡିଭିଜନ ସ୍ତରୀୟ କଣ୍ଟ୍ରୋଲ ରୁମ ଗୁଡ଼ିକ ମାଧ୍ୟମରେ ବିଦ୍ୟୁତ ବିତରଣ ନେଟୱର୍କ ଉପରେ କ୍ରମାଗତ ନଜର ରଖାଯାଉଛି।

**ବିଦ୍ୟୁତ ଉତ୍ପାଦନ**

## ୨୫ରୁ ୩୦,୦୦୦ କୋଟିର ପୁଞ୍ଜିନିବେଶ ସମ୍ଭାବନା

**ଭୁବନେଶ୍ୱର, ୨୬।୫ (ସମିସ):** ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ପରିବର୍ତ୍ତର୍ନଶୀଳ ଶୁଳ୍କରେ କ୍ଷମତାର ୫% ଯୋଗାଣକୁ ବାଧ୍ୟତାମୂଳକ କରିବା ପାଇଁ ଓଡ଼ିଶା ସରକାର ଅଗ୍ରସର ହେଉଛନ୍ତି। ଜଣେ ବରିଷ୍ଠ ଶିଳ୍ପ ଅଧିକାରୀଙ୍କ ଅନୁଯାୟୀ ଆସନ୍ତା ୬ରୁ ୧୨ ମାସ ମଧ୍ୟରେ ରାଜ୍ୟର ବିଦ୍ୟୁତ କ୍ଷେତ୍ରରେ ୨୫,୦୦୦-୩୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକର୍ଷିତ କରିପାରିବ। ବିଦ୍ୟୁତ କେନ୍ଦ୍ରଗୁଡ଼ିକ ପାଇଁ ହୋଷ୍ଟ (ଆୟୋଜକ) ରାଜ୍ୟ ଅଂଶଧନର ପ୍ରଚଳିତ ନୀତି ସହିତ ସମାନ୍ତରାଳ ରହିବା କ୍ଷେତ୍ରରେ ଛତିଶଗଡ଼ ଓ ମଧ୍ୟପ୍ରଦେଶ ଭଳି ଅନ୍ୟ କୋଇଲା ସମୃଦ୍ଧ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଏକ ବ୍ୟତିକ୍ରମ ହୋଇ ରହିଆସିଛି। ରାଜ୍ୟରେ ନୂତନ ପୁଞ୍ଜିନିବେଶକୁ ଆକର୍ଷିତ କରିବା ଏବଂ ବିଦ୍ୟୁତ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ଓ ବିଦ୍ୟୁତ ମନ୍ତ୍ରଣାଳୟ ମଧ୍ୟ ଓଡ଼ିଶାକୁ ପରିବର୍ତ୍ତନଶୀଳ ମୂଲ୍ୟରେ ହୋଷ୍ଟ ରାଜ୍ୟର ଅଂଶଧନକୁ ହ୍ରାସ ବା ଉଚ୍ଛେଦ କରିବାକୁ ପରାମର୍ଶ ଦେଇଛନ୍ତି।

ଏହାର ପରିବର୍ତ୍ତେ ଓଡ଼ିଶା କୋଇଲା ବ୍ଲକ୍ ଲିଙ୍କେଜ୍ ଥିବା ପ୍ରକଳ୍ପ ପାଇଁ ୧୪%/୧୨% ଅଂଶଧନକୁ ବାଧ୍ୟତାମୂଳକ କରୁଥିବା ନିଜର ୨୦୦୮-୦୯ ନୀତିକୁ ଜାରି ରଖିଛି। ନିଜର ପ୍ରଚୁର କୋଇଲା ଗଚ୍ଛିତ ସତ୍ତ୍ୱେ ଏହି ଅପେକ୍ଷାକୃତ ଅଧିକ ହୋଷ୍ଟ ରାଜ୍ୟ ଅଂଶଧନକୁ ରାଜ୍ୟ ମଧ୍ୟକୁ ନୂତନ ପୁଞ୍ଜିନିବେଶ ପ୍ରବାହକୁ ସୀମିତ କରୁଥିବା ଏକ ପ୍ରମୁଖ କାରଣ ଭାବରେ ଦର୍ଶାଯାଇଛି। ବର୍ତ୍ତମାନ ଭାରତ ସରକାରଙ୍କ ଶକ୍ତି କୋଇଲା ଲିଙ୍କେଜ୍




ନୀତି ସହିତ ଲିଙ୍କେଜ୍ କିମ୍ବା ଆବଣ୍ଟନର ସୁପାରିଶ କରିବାରେ ରାଜ୍ୟ ସରକାରମାନଙ୍କର କୌଣସି ଭୂମିକା ନାହିଁ ଯାହା ପୂର୍ବ ନୀତିକୁ ଅଣ ଆକର୍ଷଣୀୟ କରିଦେଉଛି। ଓଡ଼ିଶା ସରକାର ବର୍ତମାନ ୫% ରାଜ୍ୟ ଅଂଶଧନ ବ୍ୟବସ୍ଥାକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଯାହାକୁ ବିଶେଷଜ୍ଞମାନେ ଏକ ପ୍ରଗତିଶୀଳ ପଦକ୍ଷେପ ବୋଲି କହିଛନ୍ତି, ଯାହା ରାଜ୍ୟ ମଧ୍ୟକୁ ପୁଞ୍ଜିନିବେଶ ପ୍ରବାହକୁ ବୃଦ୍ଧି କରିବ। ଗତ ଦଶନ୍ଧି ମଧ୍ୟରେ ପୁଞ୍ଜିନିବେଶର ଧାରା ଏହି ପାର୍ଥକ୍ୟକୁ ପ୍ରତିଫଳିତ କରୁଛି।

ଆସୋସିଏସନ ଅଫ୍ ପାୱାର ପ୍ରୋଡ୍ୟୁସର୍ସର ମହାନିର୍ଦ୍ଦେଶକ ଇନ୍ଦର କେଶରୀ କହିଛନ୍ତି ଯେ ଅନ୍ୟ ଏକ କୋଇଲା ସମୃଦ୍ଧ ରାଜ୍ୟ ଯିଏକି ବହୁଳ ବିଦ୍ୟୁତ ପୁଞ୍ଜିନିବେଶ ହାସଲ କରିଥିଲେ, ସେଥିରୁ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ, ପ୍ରାୟ ୮୦% ନୂଆ ତାପଜ ବିଦ୍ୟୁତ ପୁଞ୍ଜିନିବେଶ ଛତିଶଗଡ଼କୁ ପ୍ରବାହିତ ହୋଇଛି। "ଓଡ଼ିଶା ପାଖରେ ବିଦ୍ୟୁତ କ୍ଷେତ୍ରର ଅଭିବୃଦ୍ଧି ପାଇଁ ସମସ୍ତ ସହାୟକ କାରକ ଅଛି ଯଥା ପ୍ରଚୁର କଞ୍ଚାମାଲ, ବନ୍ଦରଗୁଡ଼ିକର ଉପଲବ୍ଧତା, ଏକ ବର୍ଦ୍ଧିଷ୍ଣୁ ଅର୍ଥନୀତି ଓ ଦକ୍ଷ ମାନବସମ୍ବଳର ସୁଯୋଗ।

**ପିଏମ୍-ବାଣୀରେ ସଂସ୍କାର**

## ସରଳ ଓ ଅଧିକ ସୁଲଭ ହେବ ସର୍ବସାଧାରଣ ୱାଇ-ଫାଇ

**ନୂଆଦିଲ୍ଲୀ,୨୬।୫(ଏଜେନ୍ସି):** ଭାରତର ଡିଜିଟାଲ୍ ସର୍ବସାଧାରଣ ଭିତ୍ତିଭୂମିକୁ ସୁଦୃଢ କରିବା ଓ ନାଗରିକମାନଙ୍କ ଲାଗି ଇଣ୍ଟରନେଟ୍ ଉପଲବ୍ଧତାକୁ ବୃଦ୍ଧି କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଦୂରସଂଚାର (ଡଟ୍) ପକ୍ଷରୁ ପିଏମ୍-ବାଣୀ ( ପ୍ରାଇମ୍ ମିନିଷ୍ଟର୍ସ ଓ୍ୱାଇଫାଇ ଆକ୍‌ସେସ୍ ନେଟଓ୍ୱର୍କ ଇଣ୍ଟରଫେସ୍) ବ୍ୟବସ୍ଥା ମଧ୍ୟରେ କେତେକ ବ୍ୟବହାରକାରୀ ଅନୁକୂଳ ସଂସ୍କାର ଅଣାଯାଇଛି। ଏହାଫଳରେ ସର୍ବସାଧାରଣ ଓ୍ୱାଇ-ଫାଇ ଅଧିକ ସରଳ ଓ ସୁଲଭ ହୋଇପାରିବ।

ଏସବୁ ସଂସ୍କାର ସମ୍ପର୍କରେ କେନ୍ଦ୍ର ସଂଚାର ଏବଂ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ର ଶେଖର ପେମାସାନି ଡକ୍ଟର ପେମାସାନି କହିଛନ୍ତି ଯେ ପିଏମ୍-ବାଣୀ ସମସ୍ତଙ୍କୁ ସାର୍ବଜନୀନ ୱାଇ-ଫାଇ ସୁବିଧା ପ୍ରଦାନ କରିବା ପାଇଁ ଆମର ଏକ ପ୍ଲାଟଫର୍ମ ଏବଂ ଆମେ ଏହାର ବ୍ୟବହାରକୁ ସରଳ କରିବା ପାଇଁ କାର୍ଯ୍ୟ କରୁଛୁ। କ୍ୟୁଆର୍-ଆଧାରିତ ଲଗଇନ୍ ସହିତ, ଉପଭୋକ୍ତାମାନେ ଏବେ ସେମାନଙ୍କ ମୋବାଇଲ୍ ଫୋନ୍‌ରେ ଏକ କୋଡ୍ ସ୍କାନ କରି ସହଜରେ ଲାପଟପ୍ ସଂଯୋଗ କରିପାରିବେ। ସ୍ୱଳ୍ପ ସମୟପାଇଁ ଇଣ୍ଟରନେଟ୍ ଆବଶ୍ୟକ କରୁଥିବା ବ୍ୟବହାରକାରୀଙ୍କ ଲାଗି ସ୍ୱଳ୍ପ ଅବଧି ଯୋଜନା - ୧୫, ୩୦ ଏବଂ ୬୦ ମିନିଟ୍- ପ୍ରଚଳନ କରିବାକୁ ହଟ୍‌ସ୍ପଟ୍ ଅପରେଟରମାନଙ୍କୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନର ଡିଜିଟାଲ୍ ଯୁଗରେ, ସାର୍ବଜନୀନ ୱାଇ-ଫାଇ ସାରା ଦେଶରେ ସାଧାରଣ ଜନତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁବିଧା ଭାବରେ ଉଭା ହେଉଛି, ଯାହା ଛାତ୍ରଛାତ୍ରୀ, ଯାତ୍ରୀ, ଦୈନିକ ଯାତ୍ରୀ, ପେସାଦାର ଏବଂ ଛୋଟ ବ୍ୟବସାୟକୁ ସହାୟତା କରୁଛି। କ୍ୟୁଆର୍ ପ୍ରମାଣୀକରଣ ମାଧ୍ୟମରେ ସହଜ ଲାପଟପ୍ ସଂଯୋଗ ପିଏମ-ବାଣୀ ସଂଯୋଗକୁ ସରଳ କରିବା ପାଇଁ ଦୂରସଂଚାର ବିଭାଗ ଏବେ ଲାପଟପ୍ ପରି ଡିଭାଇସ୍ ପାଇଁ କ୍ୟୁଆର୍-ଆଧାରିତ ପ୍ରମାଣୀକରଣକୁ ଅନୁମତି ଦେଉଛି। ଉପଭୋକ୍ତାମାନେ ଏକ ପ୍ରାମାଣୀକୃତ ସ୍ମାର୍ଟଫୋନ୍ ଆପ୍ ବ୍ୟବହାର ଦ୍ୱାରା ଲଗଇନ୍ ପେଜ୍‌ରେ ଏକ କ୍ୟୁଆର୍ କୋଡ୍ ସ୍କାନ କରି ସଂଯୋଗ କରିପାରିବେ, ଯାହା ଏକ ଦ୍ରୁତ, ଅଧିକ ସୁରକ୍ଷିତ ଅଭିଜ୍ଞତା ପ୍ରଦାନ କରିବ। ରେଳ ଷ୍ଟେସନ, ବସଷ୍ଟାଣ୍ଡ ପରି ଟ୍ରାଞ୍ଜିଟ୍ ହବ୍ ଏବଂ ମଲ୍ ଭଳି ସାର୍ବଜନୀନ ସ୍ଥାନରେ ଇଣ୍ଟରନେଟ୍ ବ୍ୟବହାରକାରୀମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ୧୫, ୩୦ ଏବଂ ୬୦ ମିନିଟ୍ ପରି ସ୍ୱଳ୍ପ ମିଆଦୀ ବୈଧତା ବିଶିଷ୍ଟ ପ୍ଲାନ୍ ଉପଲବ୍ଧ କରିବାକୁ ଦୂରସଂଚାର ବିଭାଗ ପକ୍ଷରୁ ଅପରେଟରମାନଙ୍କୁ ପରାମର୍ଶ ଦିଆଯାଇଛି।

## ଆମେରିକାରେ ଗୁଜରାଟୀ ମହିଳାଙ୍କୁ ଗୁଳି କରି ହତ୍ୟା

ମେହସାନା, ୨୬।୫(ଏଜେନ୍ସି): ଆମେରିକାର ଭର୍ଜିନିଆ ସହରର ଏକ ଦୋକାନରେ ଲୁଟ୍‌ପାଟ୍ କରିବା ଉଦ୍ଦେଶ୍ୟରେ ଜଣେ ମାସ୍କପିନ୍ଧା ଦୁର୍ବୃତ୍ତ ସେଠାରେ କାର୍ଯ୍ୟରତ ଗୁଜରାଟୀ ବଂଶୋଦ୍ଭବ ମହିଳା ମେଘନା ପଟେଲ (୪୭)ଙ୍କୁ ଗୁଳି କରି ହତ୍ୟା କରିଛି। ଗତ ସୋମବାର ସକାଳେ ମେଘନା ଦୋକାନ ଖୋଲିଥିବା ବେଳେ ଏହି ସଶସ୍ତ୍ର ଆକ୍ରମଣ ହୋଇଥିଲା ଏବଂ ଦୁର୍ବୃତ୍ତ ଜଣକ କାଉଣ୍ଟରରୁ ନଗଦ ଟଙ୍କା ଲୁଟି ଫେରାର ହୋଇଯାଇଛି। ଗୁଳିଶବ୍ଦ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଦୋକାନ ଆଡ଼କୁ ଦୌଡ଼ିଥିଲେ ଏବଂ ଜରୁରୀକାଳୀନ ସେବାକୁ ସୂଚନା ଦେଇଥିଲେ। ମାତ୍ର ଚିକିତ୍ସା ସହାୟତା ପହଞ୍ଚିବା ପୂର୍ବରୁ ହିଁ ଘଟଣାସ୍ଥଳରେ ମେଘନାଙ୍କ ମୃତ୍ୟୁ ହୋଇସାରିଥିଲା। ଏହି ସମ୍ପୂର୍ଣ୍ଣ ଘଟଣା ସେହି ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଛି, ଯେଉଁଥିରେ ଅଭିଯୁକ୍ତ ଜଣକ ଟ୍ରାକସୁଟ୍, ମାସ୍କ ଓ ଟୋପି ପିନ୍ଧି ନିଜର ପରିଚୟ ଲୁଚାଇ ମେଘନାଙ୍କ ଉପରକୁ ପ୍ରାୟ ୨ରୁ ୩ ରାଉଣ୍ଡ ଗୁଳି ଚଳାଉଥିବା ଦେଖାଯାଇଛି। ମେଘନା ପଟେଲ ମୂଳତଃ ଗୁଜରାଟର ମେହସାନା ଜିଲ୍ଲା ଜାନ୍ତ୍ରାଲ ଗ୍ରାମର ବାସିନ୍ଦା ଥିଲେ। ସେ ନିଜ ପରିବାର ସହ ଗତ ୧୦ ବର୍ଷ ଧରି ଭର୍ଜିନିଆରେ ରହୁଥିଲେ ଏବଂ ପ୍ରାୟ ୮ ବର୍ଷ ହେବ ଏହି ଦୋକାନରେ କାମ କରୁଥିଲେ। ତାଙ୍କର ବୃଦ୍ଧ ପିତାମାତା ଏବେ ମଧ୍ୟ ଗୁଜରାଟର ନିଜ ଗ୍ରାମରେ ରହୁଛନ୍ତି।

## ଇସ୍ରାଏଲ ପାଇଁ ଗୁଇନ୍ଦାଗିରି, ଇରାନରେ ଯୁବକଙ୍କୁ ଫାଶୀ

ତେହରାନ, ୨୬।୫(ଏଜେନ୍ସି): ଇସ୍ରାଏଲର ଗୋଇନ୍ଦା ସଂସ୍ଥା 'ମୋସାଦ' ପାଇଁ ଗୁଇନ୍ଦାଗିରି କରିବା ଏବଂ ସହଯୋଗ କରିବା ଅଭିଯୋଗରେ ଇରାନ ସରକାର ଗୁଲାମରେଜା ଖାନି ଶାକରାବ ନାମକ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଫାଶୀ ଦେଇଛନ୍ତି। ଇରାନ ନ୍ୟାୟପାଳିକାର ସରକାରୀ ୱେବସାଇଟ୍ 'ମିଜାନ୍ ଅନଲାଇନ୍' ଏହି ସୂଚନା ପ୍ରଦାନ କରିବା ସହ ସର୍ବୋଚ୍ଚ ନ୍ୟାୟାଳୟ ଏହି ଦଣ୍ଡାଦେଶକୁ କାଏମ ରଖିଥିବା ଜଣାଇଛି। ସୂଚନା ଅନୁଯାୟୀ, ଗୁଲାମରେଜା ବିଦେଶରେ ମୋସାଦର ଜଣେ ପ୍ରମୁଖ ଅପରେସନାଲ ଲିଡର ଭାବେ କାର୍ଯ୍ୟ କରୁଥିଲେ ଏବଂ ଇରାନ ଭିତରେ ଦେଶବିରୋଧୀ କାର୍ଯ୍ୟ ପାଇଁ ଲୋକଙ୍କୁ ନିଯୁକ୍ତ କରୁଥିଲେ। ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଗୋଇନ୍ଦା ସଂସ୍ଥା ଏକ ଗୁପ୍ତ ଅପରେସନ ଏବଂ ରଣନୀତି ମାଧ୍ୟମରେ ତାଙ୍କୁ ଇରାନ ମଧ୍ୟକୁ ଆଣି ଗିରଫ କରିଥିଲା। ଗତ ଫେବ୍ରୁଆରୀ ମାସରୁ ଇସ୍ରାଏଲ ଏବଂ ଆମେରିକା ସହ ଯୁଦ୍ଧ ଆରମ୍ଭ ହେବା ପରେ ଇରାନରେ ଗୁପ୍ତଚରଗିରି ଓ ସୁରକ୍ଷା ସମ୍ବନ୍ଧୀୟ ମାମଲାରେ ଫାଶୀ ଦଣ୍ଡାଦେଶ ବହୁ ପରିମାଣରେ ବୃଦ୍ଧି ପାଇଛି।

## ଜୁବିନ୍ ଗର୍ଗ ମୃତ୍ୟୁ ମାମଲା, ୪ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ବହୁ ଚର୍ଚ୍ଚିତ ସଙ୍ଗୀତଜ୍ଞ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ମାମଲାରେ ସୋମବାର ଏକ ଫାଷ୍ଟ-ଟ୍ରାକ୍ କୋର୍ଟ ଚାର୍ଜସିଟ୍‌ରେ ନାମିତ ସମସ୍ତ ସାତ ଜଣ ଅଭିଯୁକ୍ତଙ୍କ ବିରୋଧରେ ଆନୁଷ୍ଠାନିକ ଭାବେ ଅଭିଯୋଗ ଫ୍ରେମ୍ କରିଛନ୍ତି। ଏଥିମଧ୍ୟରୁ ୪ ଜଣଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅନ୍ତର୍ଗତ ହତ୍ୟା ମାମଲା ରୁଜୁ ହୋଇଛି। ବିଚାରପତି ଶର୍ମିଲା ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୁଣାଣିରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶେଷ ସରକାରୀ ଓକିଲ ଜିଆଉଲ୍ କମରଙ୍କ ସୂଚନା ଅନୁଯାୟୀ, ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ବ୍ୟାଣ୍ଡ ସଦସ୍ୟ ଶେଖର ଜ୍ୟୋତି ଗୋସ୍ୱାମୀ, ସହ-ଗାୟିକା ଅମୃତପ୍ରଭା ମହନ୍ତ ଏବଂ ଶ୍ୟାମକାନୁ ମହନ୍ତଙ୍କ ବିରୋଧରେ ବିଏନଏସର ଧାରା ୧୦୩ (ହତ୍ୟା), ୩ (ସାଧାରଣ ଉଦ୍ଦେଶ୍ୟ) ଏବଂ ୬୧ (ଅପରାଧିକ ଷଡ଼ଯନ୍ତ୍ର) ଅଧୀନରେ ଆରୋପ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ସେମାନଙ୍କ ଉପରେ ଜାଲିଆତି, ବିଶ୍ୱାସଭଙ୍ଗ ଏବଂ ପ୍ରମାଣ ନଷ୍ଟ କରିବା ଭଳି ଅନ୍ୟାନ୍ୟ ଗୁରୁତର ଧାରା ମଧ୍ୟ ଲଗାଯାଇଛି। ଅନ୍ୟ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଜୁବିନ୍‌ଙ୍କ ସମ୍ପର୍କୀୟ ଭାଇ ସନ୍ଦୀପନ ଗାର୍ଗଙ୍କ ବିରୋଧରେ ଧାରା ୧୦୫ (ହତ୍ୟା ନୁହେଁ କିନ୍ତୁ ମନୁଷ୍ୟ ମାରିବା ଅପରାଧ) ଏବଂ ଦୁଇ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଅଣାଯାଇଛି। ପ୍ରତିପକ୍ଷର ଜାମିନ ଆବେଦନକୁ ସରକାରୀ ଓକିଲ ବିରୋଧ କରିଥିବା ବେଳେ କୋର୍ଟ ଏହି ଆଦେଶକୁ ସଂରକ୍ଷିତ ରଖି ଆସନ୍ତା ମଇ ୨୯ ରେ ଜାମିନ ଉପରେ ରାୟ ଶୁଣାଇବେ।

## ଉତ୍ତର ପ୍ରଦେଶରେ ଓଲଟିଲା ଡବଲ ଡେକର ବସ୍, ୭ ମୃତ

ଉନ୍ନାଓ, ୨୬।୫(ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓ ନିକଟସ୍ଥ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସୱେରେ ମଙ୍ଗଳବାର ସକାଳେ ଏକ ଦୁଇ ମହଲା (ଡବଲ୍-ଡେକର୍) ଏସି ବସ୍ ନିୟନ୍ତ୍ରଣ ହରାଇ ଡିଭାଇଡର ସହ ପିଟି ହୋଇ ଓଲଟି ପଡ଼ିଛି। ଚାଳକ ଜଣକ ଗାଡ଼ି ଚଳାଇବା ସମୟରେ ଶୋଇପଡ଼ିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦିଲ୍ଲୀରୁ ବିହାର ଯାଉଥିବା ଏହି ବସ୍‌ରେ ପ୍ରାୟ ୩୬ ଜଣ ଯାତ୍ରୀ ଥିଲେ। ଏହି ଭୟାବହ ଦୁର୍ଘଟଣାରେ ବିହାର ପୁଲିସର ଜଣେ ସବ୍-ଇନ୍ସପେକ୍ଟର ରାମଚନ୍ଦ୍ର ରାମ ଏବଂ କୋର୍ଟ ଶୁଣାଣି ସାରି ଫେରୁଥିବା ଜଣେ କଏଦୀ ଛତ୍ରପାଲ ସିଂଙ୍କ ସମେତ ମୋଟ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହା ସହିତ ୩ ଜଣ ପୁଲିସ କର୍ମଚାରୀଙ୍କ ସହ ପ୍ରାୟ ୨୫ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ତୁରନ୍ତ ସ୍ଥାନୀୟ ଚିକିତ୍ସାଳୟ ଓ ପରେ ଲକ୍ଷ୍ନୌ ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି।




## ଭାରତରେ ଚାଲିବ ହାଇଡ୍ରୋଜେନ୍ ଟ୍ରେନ୍

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଭାରତୀୟ ରେଳବାଇ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହେବାକୁ ଯାଉଛି। ଦେଶର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌କୁ ରେଳବାଇ ବୋର୍ଡ ଆନୁଷ୍ଠାନିକ ଭାବେ ମଞ୍ଜୁରି ପ୍ରଦାନ କରିଛି। ଗତ ମଇ ୨୨, ୨୦୨୬ରେ ଜାରି କରାଯାଇଥିବା ଏକ ପତ୍ର ମାଧ୍ୟମରେ ରେଳବାଇ ବୋର୍ଡ ୧୦ଟି ବଗି ବିଶିଷ୍ଟ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଚଳାଚଳ ପାଇଁ ଆରଡିଏସଓ ଏବଂ ଉତ୍ତର ରେଳବାଇକୁ ନିଜର ସ୍ୱୀକୃତି ଜଣାଇଛି। ଏହି ସୁପର-ଗ୍ରୀନ୍ ଏବଂ ପରିବେଶ ଅନୁକୂଳ ଟ୍ରେନ୍ ପ୍ରଥମ ପର୍ଯ୍ୟାୟରେ ହରିୟାଣାର ଜିନ୍ଦ ଏବଂ ସୋନିପତ ସେକ୍ସନ ମଧ୍ୟରେ ଚାଲିବ। ୧୨୦୦ କିଲୋୱାଟ୍ ବିଶିଷ୍ଟ ଏହି ହାଇଡ୍ରୋଜେନ୍ ଫୁଏଲ୍ ସେଲ୍‌ଫ ଆଧାରିତ ଟ୍ରେନ୍ ସର୍ବାଧିକ ୭୫ କିଲୋମିଟର ପ୍ରତି ଘଣ୍ଟା ବେଗରେ ଗତି କରିପାରିବ। ଭାରତରେ ପ୍ରଦୂଷଣମୁକ୍ତ ଏବଂ ସବୁଜ ଇନ୍ଧନ ଆଧାରିତ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ବନ୍ଦ ହେବ ଏମ୍-ଆଧାର; ଆସିଲା ନୂଆ ଆଧାର ଆପ୍

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ସରକାରଙ୍କ ପକ୍ଷରୁ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ଖବର ପ୍ରକାଶ ପାଇଛି। ପୁରୁଣା 'ଏମ୍-ଆଧାର' ଆପ୍‌କୁ ଖୁବ୍ ଶୀଘ୍ର ବନ୍ଦ କରିଦିଆଯିବ। ଏହା ବଦଳରେ ଭାରତୀୟ ସ୍ୱତନ୍ତ୍ର ଚିହ୍ନଟ ପ୍ରାଧିକରଣ ପକ୍ଷରୁ ଅଧିକ ସୁରକ୍ଷିତ ଏବଂ ଆଧୁନିକ ସୁବିଧା ବିଶିଷ୍ଟ ଏକ ନୂଆ 'ଆଧାର' ଆପ୍ ଲଞ୍ଚ କରାଯାଇଛି। ସରକାର ସମସ୍ତ ନାଗରିକଙ୍କୁ ପୁରୁଣା ଆପ୍ ବଦଳରେ ଏହି ନୂଆ ଆପ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ପୁରୁଣା ଆପ୍‌ରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସିଧାସଳଖ ଦେଖାଯାଉଥିବା ବେଳେ ନୂଆ ଆପ୍‌ରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯାଇଛି। ହୋଟେଲ, ଡାକ୍ତରଖାନା କିମ୍ବା ସରକାରୀ କାର୍ଯ୍ୟାଳୟରେ ଯାଞ୍ଚ ସମୟରେ ଏବେ ସମ୍ପୂର୍ଣ୍ଣ ଆଧାର ତଥ୍ୟ ଦେଖାଇବାକୁ ପଡ଼ିବ ନାହିଁ। ବ୍ୟବହାରକାରୀ କେବଳ ଆବଶ୍ୟକୀୟ ସୂଚନାକୁ ଏକ ସୁରକ୍ଷିତ କ୍ୟୁଆର୍ କୋଡ୍ ମାଧ୍ୟମରେ ସେୟାର୍ କରିପାରିବେ। ପୂର୍ବରୁ କେବଳ ଓଟିପି ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଏବେ ସୁରକ୍ଷା ପାଇଁ ଏଥିରେ ଓଟିପି ସହିତ ମୁଖ ଚିହ୍ନଟ (ଫେସ୍ ଅଥେଣ୍ଟିକେସନ୍) ଏବଂ କ୍ୟୁଆର୍ ଯାଞ୍ଚର ଅତିରିକ୍ତ ସ୍ତର ଯୋଡ଼ାଯାଇଛି। ଗ୍ରାହକମାନେ ନିଜର ଆଙ୍ଗୁଠି ଚିହ୍ନ, ମୁଖ ଏବଂ ଆଖିର ସ୍କାନ୍ ତଥ୍ୟକୁ ନିଜ ଆପ୍ ମାଧ୍ୟମରେ ଲକ୍ କିମ୍ବା ଅନ୍‌ଲକ୍ କରିପାରିବେ। ଏହାଦ୍ୱାରା ଅନ୍ୟ କେହି ଏହାର ଅପବ୍ୟବହାର କରିପାରିବେ ନାହିଁ। ଏହି ପରିବର୍ତ୍ତନ ସହିତ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ମାଗଣା ଆଧାର ଦଲିଲ ଅପଡେଟ୍ ସେବାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ସେବା ୨୦୨ ଜୁନ୍ ୧୫ ପର୍ଯ୍ୟନ୍ତ ମାଗଣା ଥିବା ବେଳେ ଏବେ ଏହାକୁ ୨୦୨୭ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଗ୍ରାହକମାନେ ମାଇଁ-ଆଧାର ପୋର୍ଟାଲ୍‌କୁ ଯାଇ ନିଜର ପରିଚୟ ଏବଂ ଠିକଣା ପତ୍ର ମାଗଣାରେ ଅପଡେଟ୍ କରିପାରିବେ।




## ମାର୍କୋ ରୁବିଓଙ୍କ ତାଜମହଲ ଗସ୍ତକୁ ଇରାନର କଟାକ୍ଷ

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଭାରତ ଗସ୍ତରେ ଥିବା ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ନିଜ ପତ୍ନୀଙ୍କ ସହ ଆଗ୍ରାର ଐତିହାସିକ ତାଜମହଲ ପରିଦର୍ଶନ କରି ଏକ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଏହି ଫଟୋକୁ ନେଇ ହାଇଦରାବାଦ୍ ସ୍ଥିତ ଇରାନର ଦୂତାବାସ ଆମେରିକାକୁ ତୀବ୍ର କଟାକ୍ଷ କରିଛି। ଇରାନ କହିଛି ଯେ, ଯଦି ରୁବିଓ ତାଜମହଲର ଇତିହାସ ଏବଂ ସ୍ଥାପତ୍ୟ କଳା ବିଷୟରେ ଜାଣିଥାନ୍ତେ, ତେବେ ସେ କଦାପି ଏଠାରେ ଫଟୋ ଉଠାଇ ନଥାନ୍ତେ। ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ମୋଗଲ ସମ୍ରାଟ ଶାହଜାହାନ ନିଜର ପ୍ରିୟ ଇରାନୀ ବଂଶୋଦ୍ଭବ ପତ୍ନୀ ମୁମତାଜ ମହଲଙ୍କ ସ୍ମୃତିରେ ଏହି ସ୍ମାରକୀ ନିର୍ମାଣ କରିଥିଲେ, ଯାହାକୁ ଇରାନର ଦକ୍ଷ ସ୍ଥପତିମାନେ ଗଢ଼ିଥିଲେ। ଅପରପକ୍ଷେ, ଆମେରିକା ସରକାର ଇରାନର ସଭ୍ୟତାକୁ ସମାପ୍ତ କରିବାକୁ ଧମକ ଦେଉଛନ୍ତି।



## ଶାନ୍ତି ରାଜିନାମାରେ କେଁ ପୂରାଇଲେ ଟ୍ରମ୍ପ

■ ଆବ୍ରାହାମ ଆକର୍ଡ୍ସରେ ସାମିଲ ହୁଅ, ଇସ୍ରାଏଲକୁ ମାନ୍ୟତା ଦିଅ
■ ଆରବ ଦେଶ, ପାକିସ୍ତାନକୁ ଅଡୁଆରେ ପକାଇଲେ ଟ୍ରମ୍ପ
■ ଆକର୍ଡ୍ସରେ ସାମିଲ ହେବାକୁ ମନାକଲା ପାକିସ୍ତାନ

ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବଡ଼ ଦାବିକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି ପାକିସ୍ତାନ। ଇରାନ ସହିତ ଶାନ୍ତି ଚୁକ୍ତି ବଦଳରେ ପାକିସ୍ତାନ 'ଆବ୍ରାହାମ ଆକର୍ଡ୍ସ'ରେ ସାମିଲ ହେଉ ଏବଂ ଇସ୍ରାଏଲକୁ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ମାନ୍ୟତା ଦେଉ ବୋଲି ଟ୍ରମ୍ପ ଦାବି କରିଥିଲେ। ମାତ୍ର ପାକିସ୍ତାନ ନିଜର ମୂଳ ଆଦର୍ଶ ସହ କୌଣସି ବୁଝାମଣା କରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି। ଆମେରିକା ରାଷ୍ଟ୍ରପତିଙ୍କ ଏହି ପ୍ରସ୍ତାବ ପାକିସ୍ତାନକୁ ଏକ ବଡ଼ କୂଟନୈତିକ ଧର୍ମସଙ୍କଟରେ ପକାଇଥିଲା। ଗୋଟିଏ ପଟେ ଟ୍ରମ୍ପଙ୍କ ଭଳି ଜଣେ ଶକ୍ତିଶାଳୀ ନେତାଙ୍କୁ ଅମାନ୍ୟ କରିବାର ବିପଦ ଏବଂ ଅନ୍ୟପଟେ ନିଜର ପାରମ୍ପରିକ ଶତ୍ରୁ ଇସ୍ରାଏଲକୁ ସ୍ୱୀକାର କରିବାର ଚାପ। ପାକିସ୍ତାନ ଏହି ମାମଲାରେ ଆମେରିକାର ଚାପ ଆଗରେ ମୁଣ୍ଡ ନଇଁବାକୁ ମନା କରିଦେଇଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ କହିଛନ୍ତି ଯେ, 'ଆମେ ଏଭଳି କୌଣସି ଚୁକ୍ତିରେ ସାମିଲ ହେବା ଉଚିତ ନୁହେଁ, ଯାହା ଆମର ମୂଳ ଆଦର୍ଶ ବିରୋଧୀ। ଯେଉଁମାନଙ୍କ କଥାର କୌଣସି ସ୍ଥିରତା ନାହିଁ, ସେମାନଙ୍କ ସହ ଆମେ କେମିତି ଆଲୋଚନାରେ ବସିବୁ? ସେ ଆହୁରି ମଧ୍ୟ କହିଛନ୍ତି ଯେ ପାକିସ୍ତାନର ପାସପୋର୍ଟ ନୀତି ଏହାର ଆଭିମୁଖ୍ୟକୁ ସ୍ପଷ୍ଟ କରେ। ବିଶ୍ୱରେ ପାକିସ୍ତାନ ହେଉଛି ଏକମାତ୍ର ଦେଶ, ଯାହାର ପାସପୋର୍ଟରେ 'ଇସ୍ରାଏଲ୍ ଗସ୍ତ ପାଇଁ ଏହା ବୈଧ ନୁହେଁ' ବୋଲି ଉଲ୍ଲେଖ ରହିଛି। ପାକିସ୍ତାନ ନିଜର ୭୮ ବର୍ଷର ଇତିହାସରେ କେବେ ମଧ୍ୟ ଇସ୍ରାଏଲକୁ ମାନ୍ୟତା ଦେଇନାହିଁ। ଉଲ୍ଲେଖଥାଉ କି, ଆମେରିକା ମଧ୍ୟସ୍ଥତାରେ ୨୦୨୦ ମସିହାରେ 'ଆବ୍ରାହାମ ଆକର୍ଡ୍ସ' ଆରମ୍ଭ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଇସ୍ରାଏଲ ଏବଂ ମୁସଲିମ ବହୁଳ ଆରବ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବା। ପ୍ରଥମ ପର୍ଯ୍ୟାୟରେ ୟୁଏଇ ଏବଂ ବାହାରିନ୍ ଏଥିରେ ସାମିଲ ହୋଇଥିବା ବେଳେ ପରେ ମରୋକ୍କୋ, ସୁଦାନ ଏବଂ କାଜାଖସ୍ତାନ ଏଥିରେ ଯୋଗ ଦେଇଥିଲେ। ଚଳିତ ସପ୍ତାହରେ ଟ୍ରମ୍ପ ସାଉଦି ଆରବ, କତାର, ତୁର୍କୀ ଏବଂ ପାକିସ୍ତାନ ଭଳି ପ୍ରମୁଖ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଏହି ଚୁକ୍ତିରେ ସାମିଲ ହେବାକୁ ବାଧ୍ୟତାମୂଳକ ଅନୁରୋଧ କରିଛନ୍ତି ଏବଂ ଏହାକୁ ଇରାନ ବିବାଦର ସମାଧାନ ସହ ଯୋଡ଼ିଛନ୍ତି। ପାକିସ୍ତାନ ପାଇଁ ଏହି ନିଷ୍ପତ୍ତି ନିଆଁ ସହ ଖେଳିବା ସଦୃଶ। ଟ୍ରମ୍ପଙ୍କ ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରି ପାକିସ୍ତାନ ନିଜର ପୁରୁଣା କୂଟନୀତିରେ ଅଟଳ ରହିଛି। ଚଳିତ ବର୍ଷ ଜାନୁଆରୀରେ ଜି-୭ ଗାଜା ବୋର୍ଡ ଅଫ୍ ପିସରେ ସାମିଲ ହେବା ସମୟରେ ମଧ୍ୟ ପାକିସ୍ତାନ ଏହାକୁ ଆବ୍ରାହାମ ଆକର୍ଡ୍ସଠାରୁ ଦୂରେଇ ରଖିଥିଲା। ବର୍ତ୍ତମାନ ପାକିସ୍ତାନର ଏହି ଅବାଧ୍ୟତା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଭଳି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି।

## ଆଲୋଚନା ବେଳେ ଆମେରିକାର ଆକ୍ରମଣ



ନୂଆଦିଲ୍ଲୀ, ୨୬।୫ (ଏଜେନ୍ସି): ଇରାନ ସହିତ ଚାଲିଥିବା ଅସ୍ଥାୟୀ ଜାତୀୟ ଅସ୍ତ୍ରବିରତି ମଧ୍ୟରେ ଆମେରିକା ସେନା ଦକ୍ଷିଣ ଇରାନ ଉପରେ ଏକ ବଡ଼ 'ଆତ୍ମରକ୍ଷାମୂଳକ' ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ନିକଟରେ ଇରାନୀୟ ସେନା ଦ୍ୱାରା ଖଞ୍ଜାଯାଉଥିବା ସମୁଦ୍ର ମାଇନ୍ ଏବଂ କ୍ଷେପଣାସ୍ତ୍ର ଘାଟିକୁ ଟାର୍ଗେଟ କରି ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ) ଏହି ଏୟାର୍ ଷ୍ଟ୍ରାଇକ୍ କରିଛି। ହରମୁଜ ପ୍ରଣାଳୀରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି)ର ଦୁଇଟି ବୋଟ୍ ସମୁଦ୍ର ମାଇନ୍ ବିଛାଉଥିବା ବେଳେ ଆମେରିକା ସେନା ସେଗୁଡ଼ିକୁ ଚିହ୍ନଟ କରି ଧ୍ୱଂସ କରିଦେଇଛି। ବନ୍ଦର ଅବ୍ବାସ ଅଞ୍ଚଳରେ ଥିବା ଏକ ସରଫେସ୍-ଟୁ-ଏୟାର୍ ମିସାଇଲ୍ କେନ୍ଦ୍ର ଆମେରିକାର ଯୁଦ୍ଧବିମାନକୁ ଟାର୍ଗେଟ କରିବା ପରେ ଆମେରିକା ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେହି ଲଞ୍ଚରକୁ ସମ୍ପୂର୍ଣ୍ଣ ଭାବେ ଉଡ଼ାଇ ଦେଇଛି। ପେଣ୍ଟାଗନ୍ ସୂତ୍ର ଅନୁଯାୟୀ, ଏହି ଆକ୍ରମଣ ସୀମିତ ଥିଲା ଏବଂ ଏହାଦ୍ୱାରା ଇରାନ ସହ ଚାଲିଥିବା ଶାନ୍ତି ଆଲୋଚନା ବା ଅସ୍ତ୍ରବିରତି ଶେଷ ହୋଇନାହିଁ। ଏହି ସାମରିକ ତିକ୍ତତା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ବଡ଼ ବୟାନ ଦେଇଛନ୍ତି। ସେ ଇରାନର ସମସ୍ତ ସମୃଦ୍ଧ ୟୁରାନିୟମ୍‌କୁ 'ପରମାଣୁ ଧୂଳି' ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଶାନ୍ତି ଚୁକ୍ତି ପାଇଁ ଇରାନକୁ ନିଜର ସମସ୍ତ ୟୁରାନିୟମ ନଷ୍ଟ କରିବାକୁ ହେବ କିମ୍ବା ଅନ୍ତର୍ଜାତୀୟ ନିରୀକ୍ଷଣରେ ଏହାକୁ ଆମେରିକା ହାତକୁ ହସ୍ତାନ୍ତର କରିବାକୁ ପଡ଼ିବ। ସେ ଏହି ଶାନ୍ତି ପ୍ରକ୍ରିୟାକୁ ଆବ୍ରାହାମ ଆକର୍ଡ୍ସ ସହ ଯୋଡ଼ିବାକୁ ମଧ୍ୟ ପ୍ରୟାସ କରୁଛନ୍ତି। ଏହି ସୀମିତ ଆକ୍ରମଣ ପରେ ବର୍ତ୍ତମାନ ପାଇଁ ପରିସ୍ଥିତି ଶାନ୍ତ ପଡ଼ିଛି। କତାରରେ ଚାଲିଥିବା ଶାନ୍ତି ଆଲୋଚନା ଜାରି ରହିଥିବା ବେଳେ ହର୍ମୁଜ ପ୍ରଣାଳୀରେ ନିଜର ପ୍ରଭାବ ବଳବତ୍ତର ରଖିବାକୁ ଆମେରିକା ଏହି ଚେତାବନୀପୂର୍ଣ୍ଣ ଆକ୍ରମଣ କରିଥିବା ସ୍ପଷ୍ଟ ଜଣାପଡୁଛି।

## ଇସ୍ତଫା ଦେବେ ସିଦ୍ଧରମୈୟା!

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): କର୍ଣ୍ଣାଟକରେ କଂଗ୍ରେସ ସରକାର ଗଠନର ପ୍ରାୟ ଦୁଇ ବର୍ଷ ବିତିଛି। ଏବେ କଂଗ୍ରେସ ହାଇକମାଣ୍ଡ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ନିଜ ପଦରୁ ଇସ୍ତଫା ଦେଇ ଦିଲ୍ଲୀରେ ଜାତୀୟସ୍ତର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିବା ଆଲୋଚନା ଜୋର ଧରିଛି। ମଙ୍ଗଳବାର ଦିଲ୍ଲୀରେ ଏନେଇ ୭ ଘଣ୍ଟା ଧରି ବୈଠକରେ ମାରାଥନ ଆଲୋଚନା ହୋଇଛି। ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ରାହୁଲ ଗାନ୍ଧୀ ସିଧାସଳଖ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ସହ କଥା ହୋଇଛନ୍ତି। ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ଓବିସି ବର୍ଗରେ ଜଣେ ପ୍ରମୁଖ ଚେହେରା ଭାବେ ବ୍ୟବହାର କରିବାକୁ ଦଳ ଚାହୁଁଛି। ସିଦ୍ଧରମୈୟାଙ୍କ ଭଳି ଜଣେ ବରିଷ୍ଠ ପଛୁଆ ବର୍ଗର ନେତାଙ୍କୁ କେନ୍ଦ୍ରୀୟ ରାଜନୀତିକୁ ନେବା ପାଇଁ ରାହୁଲ ଚାହୁଁଛନ୍ତି। ସିଦ୍ଧରମୈୟାଙ୍କୁ ସମ୍ମାନଜନକ ଭାବେ ରାଜ୍ୟ ରାଜନୀତିରୁ ଅବ୍ୟାହତି ଦେବା ପାଇଁ ହାଇକମାଣ୍ଡ ରାଜ୍ୟସଭା ଫର୍ମୁଲା ବ୍ୟବହାର କରିଛି। ତେବେ ସିଦ୍ଧରମୈୟା ଏହି ପ୍ରସ୍ତାବ ଉପରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ନଥିବା ଜଣାପଡ଼ିଛି। କିନ୍ତୁ ଆଗାମୀ ଗୁରୁବାର ସୁଦ୍ଧା ସେ ଇସ୍ତଫା ଦେବେ ବୋଲି ଚର୍ଚ୍ଚା ହେଉଛି।



ସେପଟେ ମୁଖ୍ୟମନ୍ତ୍ରୀ ପଦରେ ପରିବର୍ତ୍ତନ ଚର୍ଚ୍ଚା ମଧ୍ୟରେ ଉପ-ମୁଖ୍ୟମନ୍ତ୍ରୀ ଡିକେ. ଶିବକୁମାରଙ୍କ ନାମ ପୁଣି ଥରେ ଶୀର୍ଷକୁ ଆସିଛି। ୨୦୨୩ ନିର୍ବାଚନ ପରେ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ କ୍ଷମତା ଭାଗବଣ୍ଟାକୁ ନେଇ ବୁଝାମଣା ହୋଇଥିବା ଚର୍ଚ୍ଚା ହୋଇଥିଲା। ତାହା ଏବେ ବାସ୍ତବ ରୂପ ନେଇପାରେ ବୋଲି ଅନୁମାନ କରାଯାଉଛି। ଯଦିଓ ଭିତର ମହଲରେ ନେତୃତ୍ୱ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ଚାଲିଛି, କଂଗ୍ରେସ ନେତା କେସି. ଭେନୁଗୋପାଳ ଏହାକୁ ଏକ ଗୁଜବ ବୋଲି କହିଛନ୍ତି। ଆଜିର ବୈଠକରେ କେବଳ ରାଜ୍ୟସଭା ଏବଂ ବିଧାନ ପରିଷଦ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି।

## ଜନସଂଖ୍ୟାରେ ଅସ୍ୱାଭାବିକ ପରିବର୍ତ୍ତନର ସମୀକ୍ଷା ପାଇଁ କମିଟି

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଭାରତରେ ଅବୈଧ ଅନୁପ୍ରବେଶ ଏବଂ ଅନ୍ୟାନ୍ୟ ଅସ୍ୱାଭାବିକ କାରଣ ଯୋଗୁଁ ଉପୁଜୁଥିବା ଜନସଂଖ୍ୟାଗତ ପରିବର୍ତ୍ତନର ସମୀକ୍ଷା କରିବା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମଙ୍ଗଳବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରକାଶ ପ୍ରଭାକର ନାଓଲେକରଙ୍କ ଅଧ୍ୟକ୍ଷତାରେ ଏହି ପ୍ୟାନେଲ ଗଠିତ ହୋଇଛି। ଅନ୍ୟ ସଦସ୍ୟ ଭାବେ ଜନଗଣନା କମିଶନର, ପୂର୍ବତନ ଆଇଏଏସ ଅଧିକାରୀ ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇପିଏସ ଅଧିକାରୀ ବାଲାଜୀ ଶ୍ରୀବାସ୍ତବ, ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ଶମିକା ରବି, ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ବିଦେଶୀ-୧) ପ୍ରମୁଖ ଏହି କମିଟିର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ। ଶାହଙ୍କ ଅନୁଯାୟୀ, ଏହି ପ୍ୟାନେଲ ସମଗ୍ର ଭାରତରେ ହେଉଥିବା ଜନସଂଖ୍ୟାଗତ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିବ। ବିଶେଷ କରି ଧାର୍ମିକ ଏବଂ ସାମାଜିକ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଘଟୁଥିବା ଅସ୍ୱାଭାବିକ ଜନସଂଖ୍ୟା ବୃଦ୍ଧିର ତାଞ୍ଚାକୁ ଅନୁଧ୍ୟାନ କରିବ ଏବଂ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାର ସମାଧାନ ପାଇଁ ସୁପାରିସ ପ୍ରଦାନ କରିବ।

## ଏଣିକି କ୍ୟୁଆର କୋଡ୍ ଜରିଆରେ ମିଳିବ ଇଣ୍ଟରନେଟ୍ ସୁବିଧା

ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ପକ୍ଷରୁ ଦେଶରେ ସର୍ବସାଧାରଣ ସ୍ଥାନରେ ଇଣ୍ଟରନେଟ୍ ବ୍ୟବହାରକୁ ଅଧିକ ସହଜ, ଶୀଘ୍ର ଏବଂ ଶସ୍ତା କରିବା ପାଇଁ ଏକ ବଡ଼ ସୁଧାର କରାଯାଇଛି। 'ପ୍ରଧାନମନ୍ତ୍ରୀ ୱାଇ-ଫାଇ ଆକ୍ସେସ ନେଟୱର୍କ ଇଣ୍ଟରଫେସ' (ପିଏମ୍-ବାଣୀ) ଅଧୀନରେ ଏହି ନୂଆ ନିୟମାବଳୀ ଜାରି କରାଯାଇଛି। ଆସନ୍ତା ଜୁଲାଇ ୨୦୨୬ ସୁଦ୍ଧା ଏହି ସମସ୍ତ ନୂଆ ସୁବିଧା ଦେଶସାରା କାର୍ଯ୍ୟକାରୀ ହେବ। ଏଣିକି ଲାପଟପ୍ କିମ୍ବା ଅନ୍ୟାନ୍ୟ ଡିଭାଇସ୍‌ରେ ସରକାରୀ ପବ୍ଲିକ 'ୱାଇ-ଫାଇ' ସଂଯୋଗ କରିବା ପାଇଁ ଆଉ ଅଧିକ ସମୟ ନଷ୍ଟ ହେବ ନାହିଁ। ଉପଭୋକ୍ତାମାନେ ନିଜ ମୋବାଇଲ୍ ଆପ୍ ସାହାଯ୍ୟରେ କେବଳ ଏକ କ୍ୟୁଆର କୋଡ୍ ସ୍କାନ କରି ଖୁବ୍ ଶୀଘ୍ର ଓ ସୁରକ୍ଷିତ ଭାବେ ଲାପଟପ୍‌ରେ ଇଣ୍ଟରନେଟ୍ ଚଳାଇପାରିବେ। ସାଧାରଣ ଲୋକ ଏବଂ ଗରିବ ଶ୍ରେଣୀର ଗ୍ରାହକଙ୍କୁ ଦୃଷ୍ଟିରେ ରଖି ଏବେ କମ୍ ସମୟ ପାଇଁ ଅତି ସ୍ୱଳ୍ପ ମୂଲ୍ୟର ୱାଇ-ଫାଇ ପ୍ଲାନ୍ ଉପଲବ୍ଧ କରାଯିବ। ଏହାଦ୍ୱାରା ଲୋକେ ନିଜ ଆବଶ୍ୟକତା ଅନୁଯାୟୀ ଖୁବ୍ କମ୍ ଟଙ୍କା ଖର୍ଚ୍ଚ କରି ଇଣ୍ଟରନେଟ୍‌ର ସୁବିଧା ପାଇପାରିବେ।

## ବ୍ରେକଅପ୍ ପରେ ପ୍ରେମିକା ଘରକୁ କିରାସିନି ବୋମାମାଡ଼

କୋଏମ୍ବାଟୁର, ୨୬।୫(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁରରେ ଏକ ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ନିଜର ପ୍ରେମିକା ସହ ବ୍ରେକଅପ୍ ହେବା ପରେ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କ ଘରକୁ କିରାସିନି ବୋମା ମାଡ଼ କରିଛନ୍ତି। ଏହି ଆକ୍ରମଣ ଯୋଗୁଁ ଘରର ବାରଣ୍ଡାରେ ନିଆଁ ଲାଗିଯାଇଥିଲା, ମାତ୍ର ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଗତ ରବିବାର ଘଟିଥିବା ଏହି ଘଟଣାର ସିସିଟିଭି ଫୁଟେଜ୍ ଏବେ ସାମ୍ନାକୁ ଆସିଛି। ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତର ନାମ କାର୍ତ୍ତିକ ଓରଫ ମାରିୟାପ୍ପନ। କାର୍ତ୍ତିକଙ୍କ ସହ ଯୁବତୀ ଜଣଙ୍କର ବନ୍ଧୁତା ରହିଥିଲା। ମାତ୍ର ଯେତେବେଳେ ଯୁବତୀ ଜଣକ ଜାଣିବାକୁ ପାଇଲେ ଯେ କାର୍ତ୍ତିକଙ୍କ ନାଁରେ ହତ୍ୟା ଭଳି ପ୍ରାୟ ୩୧ରୁ ଅଧିକ ଅପରାଧିକ ମାମଲା ରହିଛି, ସେ ସମ୍ପର୍କ ଭାଙ୍ଗିବା ସହ କଥାବାର୍ତ୍ତା ବନ୍ଦ କରିଦେଇଥିଲେ। ଏଥିରେ ରାଗିଯାଇ ଅଭିଯୁକ୍ତ ଯୁବକ ଜଣକ ଯୁବତୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗତ ରବିବାର ସନ୍ଧ୍ୟାରେ କାର୍ତ୍ତିକ ତାଙ୍କର ତିନିଜଣ ସହଯୋଗୀଙ୍କ ସହ ବାଇକ୍‌ରେ ଆସି ଯୁବତୀଙ୍କ ଘର ଉପରକୁ ଦୁଇଟି କିରାସିନି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ସେହି ସମୟରେ ଯୁବତୀଙ୍କ ବାପା ଘର ବାହାରେ ଛିଡ଼ା ହୋଇଥିବାରୁ ସେ ଅଭିଯୁକ୍ତଙ୍କୁ ବୋମା ଫିଙ୍ଗୁଥିବାର ଦେଖି ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ସାହାଯ୍ୟ ମାଗିଥିଲେ। ଲୋକମାନେ ତୁରନ୍ତ ପାଣି କାଢ଼ି ନିଆଁକୁ ଆୟତ୍ତ କରିବା ସହ ବାରଣ୍ଡାରେ ରଖାଯାଇଥିବା ସ୍କୁଟି ଓ ସାଇକେଲ୍‌କୁ ବାହାରକୁ ବାହାର କରିଦେଇଥିଲେ। ପୁଲିସ ଗତ ସୋମବାର ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରିଛି।

## ହସ୍ପିଟାଲ ଶୌଚାଳୟରୁ ଶିଶୁକୁ ଫିଙ୍ଗିଲେ ଅବିବାହିତା ମା'

ଆଲାପୁଝା, ୨୬।୫(ଏଜେନ୍ସି): କେରଳର ଆଲାପୁଝା ଜିଲ୍ଲାର ହରିପାଦ ସରକାରୀ ମେଡିକାଲରେ ଜଣେ ୧୯ ବର୍ଷୀୟା ଅବିବାହିତ ଯୁବତୀ ଶୌଚାଳୟରେ ଶିଶୁ କନ୍ୟାକୁ ଜନ୍ମ ଦେବା ପରେ ଝରକା ବାହାରକୁ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ହସ୍ପିଟାଲ କର୍ମଚାରୀଙ୍କ ତତ୍ପରତା ଯୋଗୁଁ ନବଜାତ ଶିଶୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସେହି ଯୁବତୀ ଜଣକ ପେଟ କାଟିବା ଅଭିଯୋଗ ନେଇ ହସ୍ପିଟାଲ ଆସିଥିଲେ, ମାତ୍ର ସେ ଶାରୀରିକ ପରୀକ୍ଷା କରିବାକୁ ମନା କରିଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେ ବାରମ୍ବାର ଶୌଚାଳୟକୁ ଯାଉଥିବା ବେଳେ ହଠାତ୍ ସେଠାରୁ ଶିଶୁର କାନ୍ଦିବା ଶବ୍ଦ ଶୁଣାଯାଇଥିଲା। ଏହାପରେ ଡାକ୍ତର ଓ କର୍ମଚାରୀମାନେ ସନ୍ଦେହ କରି ତୁରନ୍ତ ସେହି ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରିଥିଲେ। ହସ୍ପିଟାଲ ବାହାରେ ବୁଲା କୁକୁର ବୁଲୁଥିବା ଏକ ସ୍ଥାନରୁ ନବଜାତ ଶିଶୁଟିକୁ ଉଦ୍ଧାର କରାଯାଇଥିଲା। ରାତ୍ରି କାଳୀନ ମେଡିକାଲ ଦଳର ଠିକ୍ ସମୟରେ ହସ୍ତକ୍ଷେପ ଯୋଗୁଁ ଶିଶୁଟିର ଜୀବନ ରକ୍ଷା ପାଇଯାଇଛି। ବର୍ତ୍ତମାନ ଉଭୟ ମା' ଏବଂ ଶିଶୁକୁ ଆଲାପୁଝା ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆଇସିୟୁରେ ଚିକିତ୍ସିତ ହେଉଥିବା ନବଜାତ ଶିଶୁଟି ବର୍ତ୍ତମାନ ବିପଦମୁକ୍ତ ଥିବା ଜଣାପଡ଼ିଛି।

# ହାଇଦରାବାଦ୍ ବନାମ ରାଜସ୍ଥାନ ଆଜି ଏଲିମିନେଟର୍ ମୁକାବିଲା



ଚଣ୍ଡିଗଡ,୨୬।୫(ଏଜେନ୍ସି): ଆଇପିଏଲ୍-୨୦୨୬ ପ୍ଲେ ଅଫ୍‌ର ଦ୍ୱିତୀୟ ମ୍ୟାଚ୍ ବା ଏଲିମିନେଟର ସନ୍‌ରାଇଜର୍ସ ହାଇଦରାବାଦ୍ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଆସନ୍ତାକାଲି ଏଠାରେ ଖେଳାଯିବ। ଉଭୟ ଦଳରେ ବିସ୍ଫୋରକ ବ୍ୟାଟର ରହିଥିବାରୁ ଏହି ମ୍ୟାଚ୍‌ରେ ଚୌକା ଓ ଛକା ବର୍ଷା ହେବ ବୋଲି ଆଶା କରାଯାଉଛି। ବିଶେଷ କରି ରାଜସ୍ଥାନର ବୈଭବ ସୂର୍ଯ୍ୟବଂଶୀ, ଯଶସ୍ୱୀ ଜୟସ୍ୱାଲ, ରିୟାନ ପରାଗ ଓ ଡୋନୋଭାନ ପରେରା, ହାଇଦରାବାଦର ଅଭିଷେକ ଶର୍ମା, ଟ୍ରାଭିସ ହେଡ୍, ଇଶାନ କିଶାନ, ହେନ୍‌ରିକ୍ କ୍ଲାସେନଙ୍କ ପରି ବିସ୍ଫୋରକ ବ୍ୟାଟର ଥିବାରୁ ଏହି ମ୍ୟାଚ୍‌ରେ ସର୍ବାଧିକ ବାଉଣ୍ଡାରୀ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍। ଚଳିତ ଟୁର୍ଣ୍ଣାମେଣ୍ଟରେ ହାଇଦରାବାଦ୍ ୯ଟି ମ୍ୟାଚ୍‌ରେ ବିଜୟୀ ହୋଇ ୧୮ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ମୁମ୍ବଇ ଇଣ୍ଡିଆନ୍ସକୁ ଶେଷ ଲିଗ୍ ମ୍ୟାଚ୍‌ରେ ହରାଇ ରାଜସ୍ଥାନ ରୟାଲ୍ସ ୮ମ ବିଜୟ ସହ ଚତୁର୍ଥ ତଥା ଶେଷ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା। ଚଳିତ ସିଜନରେ ଉଭୟଙ୍କ ମଧ୍ୟରେ ୨ଥର ମ୍ୟାଚ୍ ଖେଳାଯାଇଥିଲା। ଉଭୟ ମୁକାବିଲାରେ ସନ୍‌ରାଇଜର୍ସ ହାଇଦରାବାଦ୍ ବିଜୟୀ ହୋଇଛି। ଆସନ୍ତାକାଲି ମୁକାବିଲାରେ ସମାନ ଫଳାଫଳ ଆଶା କରାଯାଉଛି। କିନ୍ତୁ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ରାଜସ୍ଥାନର ବିଜୟ ନିର୍ଭର କରୁଛି। ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସର ବ୍ୟାଟିଂ ଓ ରାଜସ୍ଥାନ ରୟାଲ୍ସର ବୋଲିଂ ମଧ୍ୟରେ ଏକପ୍ରକାର ମୁକାବିଲା ହେବ। ରାଜସ୍ଥାନର ଜୋଫ୍ରା ଆର୍ଚର, ନାନ୍ଦ୍ରେ ବର୍ଗର, ବ୍ରିଜେଶ ଶର୍ମା, ରବୀନ୍ଦ୍ର ଜାଡେଜା ଓ ଯୁବ ଖେଳାଳି ଯଶରାଜ ପୁଞ୍ଜା ଚଳିତ ଆଇପିଏଲ୍‌ରେ ବେଶ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି। ଏମାନଙ୍କ ଉପରେ ଦଳର ଭବିଷ୍ୟତ ନିର୍ଭର କରୁଛି।

ମୁଲାନପୁର ପିଚ୍ ବ୍ୟାଟିଂକୁ ସୁହାଇଥାଏ। ଏଠାରେ ଖେଳାଯାଇଥିବା ୮ଟି ଇନିଂସ ମଧ୍ୟରୁ ୬ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସ୍କୋର ହୋଇଛି। ବ୍ୟାଟିଂକୁ ପିଚ୍ ସହାୟତା ଦେଉଥିବାରୁ ଟସ୍ ଜିତିଥିବା ଦଳ ରନ୍ ଚେଜ୍ କରିବାକୁ ପସନ୍ଦ କରିବ। ଏହି ମ୍ୟାଚ୍‌ର ବିଜେତା ଦଳ ଦ୍ୱିତୀୟ କ୍ୱାଲିଫାୟରକୁ ଉନ୍ନୀତ ହେବ।

## ବିଧ୍ୱଂସୀ ପାଟିଦାର ଓ ଘାତକ ଡଫି ଗୁଜରାଟର ବିପର୍ଯ୍ୟୟ

# ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ

ଧର୍ମଶାଳା,୨୬।୫(ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କ୍ରମାଗତ ଦ୍ୱିତୀୟଥର ଲାଗି ଆଇପିଏଲ୍ ଫାଇନାଲରେ ପ୍ରବେଶ କରିଛି। ଏଠାରେ ଆଜି ଖେଳାଯାଇଥିବା ଆଇପିଏଲ୍-୨୦୨୬ର ଏକତରଫା ପ୍ରଥମ କ୍ୱାଲିଫାୟରରେ ବେଙ୍ଗାଲୁରୁ ୯୨ ରନ୍‌ରେ ୨୦୨୨ର ଚାମ୍ପିଅନ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଅଧିନାୟକ ରଜତ ପାଟିଦାରଙ୍କ ଅପରାଜିତ ୯୩, ବିରାଟ କୋହଲି ଓ କୃନାଲ ପାଣ୍ଡ୍ୟା ୪୩ ରନ୍ ଲେଖାଏଁ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୫୪ ରନ୍ କରିଥିଲା। ଜବାବରେ ବେଙ୍ଗାଲୁରୁ ବୋଲିଂର ଆଦୌ ମୁକାବିଲା କରି ନ ପାରି ଗୁଜରାଟ ଟାଇଟାନ୍ସ ୧୯.୩ ଓଭରରେ ୧୬୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ଖେଳାଳି ଡବଲ ଫିଗର ଛୁଇଁଥିଲାବେଳେ ରାହୁଲ ତେୱାଟିଆ ସର୍ବାଧିକ ୬୮, ଜୋଶ ବଟ୍ଲରର ୨୯, ସାଇ ସୁଦର୍ଶନ ୧୪ ରନ୍ କରିଥିଲେ। ବେଙ୍ଗାଲୁରୁର ପକ୍ଷରୁ ଜ୍ୟାକବ ଡଫି ସର୍ବାଧିକ ୩ଟି, ଭୁବନେଶ୍ୱର କୁମାର, ରସିକ ସଲାମ ଦାର ଓ କୃନାଲ ୨ଟି ଲେଖାଏଁ ୱିକେଟ ନେଇ ଗୁଜରାଟର ଦୟନୀୟ ପରାଜୟ ଘଟାଇଥିଲେ। ୨୧ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହ ୩୩ବଲରୁ ୫ ଚୌକା ଓ ୯ ଛକା ସହ ଅପରାଜିତ ୯୩ ରନ୍ କରିଥିବା ବେଙ୍ଗାଲୁରୁ ଅଧିନାୟକ ପାଟିଦାର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ କ୍ୱାଲିଫାୟରରେ ବିଜୟୀ ହୋଇ ବେଙ୍ଗାଲୁରୁ ସିଧାସଳଖ ଆଇପିଏଲ୍-୨୦୨୬ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ସନ୍‌ରାଇଜର୍ସ ହାଇଦରାବାଦ୍ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଏଲିମିନେଟର ମୁକାବିଲା ହେବ। ଏହି ମ୍ୟାଚ୍‌ର ବିଜେତା ଦଳ ସହ ଆଜିର ପରାଜିତ ଗୁଜରାଟ ଟାଇଟାନ୍ସ ଦ୍ୱିତୀୟ କ୍ୱାଲିଫାୟରରେ ମୁକାବିଲା କରିବ। ଏହି ମ୍ୟାଚଟି ମୁଲାନପୁରରେ ମେ ୨୯ ତାରିଖ (ଶୁକ୍ରବାର)ରେ ଖେଳାଯିବ। ଏଠାରେ ପ୍ରଥମେ ବ୍ୟାଟିଂ କରିବା ପରେ ବେଙ୍ଗାଲୁରୁର ସମସ୍ତ ଖେଳାଳି ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। କୋହଲି ଓ ଦେବଦତ୍ତ ପାଡିକାଲ ଦ୍ୱିତୀୟ ୱିକେଟରେ ୩୮ବଲ୍‌ରେ ୭୨ରନ୍ ଉଠାଇ ମୂଳଦୁଆ ପକାଇଥିଲେ। ୯୪ ରନ୍ ମଧ୍ୟରେ ଉଭୟ ଖେଳାଳି ୯ମ ଓଭରରେ ଆଉଟ ହୋଇଥିଲେ। ପରେ ପାଟିଦାର ଓ କୃନାଲ ପାଣ୍ଡ୍ୟା ଚତୁର୍ଥ ୱିକେଟରୁ ୪୫ବଲ୍‌ରେ ୯୫, ପାଟିଦାର ଓ ଜିତେଶ ଶର୍ମା ଅବିଭକ୍ତ ୫ମ ୱିକେଟରେ ୧୨ ବଲ୍‌ରୁ ୪୦ ରନ୍ ଉଠାଇ ଦଳ ଲାଗି ଏକ ବିଶାଳ ସ୍କୋର କରିଥିଲେ। କୃନାଲ ୨୮ବଲ୍‌ରେ ୫ଚୌକା ଓ ୨ଛକା ସହ ୪୩, କୋହଲି ୨୫ବଲ୍‌ରେ ୫ଚୌକା ଓ ୧ଛକା ସହ ମଧ୍ୟ ୪୩ ରନ୍ ସଂଗ୍ରହ କରିଥିଲେ। ଗୁଜରାଟ ପକ୍ଷରୁ ହୋଲ୍ଡର ଓ ରାବାଡା ୨ଟି ଲେଖାଏଁ ୱିକେଟ ପାଇଥିଲେ।







| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ହାଇଦରାବାଦ୍ ବନାମ ରାଜସ୍ଥାନ |
| ଭେନ୍ୟୁ - ମୁଲାନପୁର |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

■ କ୍ରମାଗତ ୪ଟି ସିଜନରେ ୬୦୦ରୁ ଊର୍ଦ୍ଧ୍ୱ ରନ

## ଆଇପିଏଲ୍‌ରେ କୋହଲି ପ୍ରଥମ

**ଧର୍ମଶାଳା,୨୬।୫(ଏଜେନ୍ସି):** ଏଠାରେ ଆଜି ଖେଳାଯାଇଥିବା ଗୁଜରାଟ ଟାଇଟାନ୍ସ ବିପକ୍ଷ ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଷ୍ଟାର ଖେଳାଳି ବିରାଟ କୋହଲି ୪୩ ରନ୍ କରିଛନ୍ତି। ଏହା ଫଳରେ ଚଳିତ ସିଜନରେ ସେ ଠିକ୍ ୬୦୦ ରନ୍ କରିବାରେ ସମର୍ଥ ହୋଇଛନ୍ତି। ଏହି ସ୍କୋର ପରେ ଆଇପିଏଲ୍‌ର କ୍ରମାଗତ ୪ଟି ସିଜନରେ କୋହଲି ୬୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ପ୍ରଥମ ବ୍ୟାଟର ହୋଇଛନ୍ତି। ୨୦୨୩ରେ ସେ ୬୩୯, ୨୦୨୪ରେ ୭୪୧, ୨୦୨୫ରେ ୬୫୭ ଓ ଗୋଟିଏ ମ୍ୟାଚ୍ ବାକିଥାଇ ୨୦୨୬ରେ ୬୦୦ ରନ୍ କରିଛନ୍ତି। ଏହା ବ୍ୟତୀତ ସେ ୨୦୧୩ରେ ୬୩୪ ଏବଂ ୨୦୧୬ରେ ୯୭୩ ରନ୍ କରିଥିଲେ। ଗୋଟିଏ ସିଜନରେ କୋହଲିଙ୍କ ୯୭୩ ରନ୍ ଏଯାଏ ସର୍ବାଧିକ ରନ୍‌ର ରେକର୍ଡ ହୋଇ ରହିଛି।

**ପ୍ଲେ ଅଫ୍‌ରେ ସର୍ବାଧିକ :** ଏହି ମ୍ୟାଚ୍‌ରେ ଗୁଜରାଟ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ସଂଗ୍ରହ କରିଥିବା ୫ ୱିକେଟରେ ୨୫୪ ରନ୍ ଆଇପିଏଲ୍‌ର ପ୍ଲେ ଅଫ୍ ଇତିହାସରେ ସର୍ବାଧିକ। ପୂର୍ବରୁ ଏହି ରେକର୍ଡ ଗୁଜରାଟ ନାମରେ ରହିଥିଲା। ୨୦୨୩ରେ ଖେଳାଯାଇଥିବା ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ଦ୍ୱିତୀୟ କ୍ୱାଲିଫାୟରରେ ଗୁଜରାଟ ୩ ୱିକେଟରେ ୨୩୩ ରନ୍ କରି ଆଇପିଏଲ୍ ପ୍ଲେ ଅଫ୍‌ରେ ଆଜିର ମ୍ୟାଚ୍ ପୂର୍ବରୁ ସର୍ବାଧିକ ଦଳଗତ ସ୍କୋର କରିଥିଲା।

ଫ୍ରେଞ୍ଚ ଓପନ୍‌ରେ ବଡ଼ ବିପର୍ଯ୍ୟୟ

## ପ୍ରଥମ ରାଉଣ୍ଡରୁ ମେଦଭେଦେଭ ବିଦା

**ପ୍ୟାରିସ, ୨୬।୫ (ଏଜେନ୍ସି):** ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ତୃତୀୟ ଦିବସ ମଙ୍ଗଳବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ତଥା ରୁଷିଆ ତାରକା ଡାନିଲ ମେଦଭେଦେଭ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ୱାଇଲ୍ଡକାର୍ଡ ପ୍ରାପ୍ତ ଖେଳାଳି ଅଷ୍ଟ୍ରେଲିଆର ଆଦାମ ୱାଲଟନ ୬-୨, ୧-୬, ୬-୧, ୧-୬, ୬-୪ ସେଟରେ ଷଷ୍ଠ ସିଡ୍ ମେଦଭେଦେଭଙ୍କୁ ହରାଇ ଚହଳ ସୃଷ୍ଟି କରିଛନ୍ତି। ବିଶ୍ୱ ମାନ୍ୟତାର ୯୭ତମ ସ୍ଥାନରେ ଥିବା ୱାଲଟନ କ୍ୟାରିୟରରେ ପ୍ରଥମଥର ଲାଗି ବିଶ୍ୱ ମାନ୍ୟତାର ଟପ୍-୧୦'ର ଜଣେ ଖେଳାଳିଙ୍କୁ ହରାଇଛନ୍ତି।

ଅପରପକ୍ଷରେ ୨୦ତମ ସିଡ୍ ବ୍ରିଟେନର କାମେରନ ନୋରି ଆଘାତ ଲାଗି ପ୍ରଥମ ରାଉଣ୍ଡ ଅଧାରୁ ରିଟାୟର୍ଡ ନେଇଥିଲେ। ୩୦ ବର୍ଷୀୟ ନୋରି ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି ଏକ ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରୁ ରିଟାୟର୍ଡ ନେଇଛନ୍ତି। ମଙ୍ଗଳବାର ପୁରୁଷ ବିଭାଗରେ ବିଜୟ ହାସଲ କରିଥିବା ଅନ୍ୟ ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ଗ୍ରୀକର ଷ୍ଟିଫାନୋସ ସିଟ୍‌ସିପାସ, ମୋନାକୋର ଭାଲେଣ୍ଟିନ ଭାଚେରୋଟ, ୧୮ତମ ସିଡ ଆମେରିକାର ଲର୍ନର ତିଏନ ରହିଛନ୍ତି।



### ଗଫ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

ଅପରପକ୍ଷରେ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ କୋକୋ ଗଫ୍, ଟପ୍ ସିଡ୍ ଆରିନା ସାବାଲେଙ୍କା, ୧୦ମ ସିଡ୍ କାରୋଲିନ୍ ମୁଚୋଭା, ୧୬ତମ ସିଡ୍ ନାଓମି ଓସାକା, ୧୭ତମ ସିଡ୍ ଇଭା ଜୋଭିକ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜରେ ବିଜୟୀ ହୋଇଛନ୍ତି। ବେଲାରୁଷ ତାରକା ସାବାଲେଙ୍କା ରାଉଣ୍ଡ-୬୪'ର ଏକ ମ୍ୟାଚରେ ୬-୪, ୬-୨ ସିଧାସଳଖ ସେଟରେ ସ୍ପେନର ଜେସିକା ବୌଜାସଙ୍କୁ ପରାସ୍ତ କରିଥିଲେ। ସେହିଭଳି ଗଫ୍ ମଧ୍ୟ ୬-୪, ୬-୦ ସେଟରେ ଆମେରିକାର ଟେଲର ଟାଉନସେଣ୍ଡଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବର୍ଷକ ତଳେ ଗଫ୍ ପ୍ରଥମ ଆମେରିକୀୟ ମହିଳା ଭାବେ ଫ୍ରେଞ୍ଚ ଓପନ୍ ସିଙ୍ଗଲ୍ସ ଟାଇଟଲ୍ ଜିତିଥିଲେ।

ରାମେଶ୍ୱର କପ୍ ଜୁନିଅର କ୍ରିକେଟ୍

## ଫ୍ରେଣ୍ଡସ କ୍ଲବ, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ




**ଭୁବନେଶ୍ୱର, ୨୬।୫ (ସମିସ):** ରାମେଶ୍ୱର କପ୍ ୧୫ ବର୍ଷରୁ କମ୍ ଜୁନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଫ୍ରେଣ୍ଡସ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଫ୍ରେଣ୍ଡସ କ୍ଲବ ୭ ୱିକେଟ୍‌ରେ ଗ୍ରୀନ୍ସ ଏକାଡେମୀକୁ ହରାଇଦେଇଛି। ବିଜୟୀ ଦଳର ମୃତ୍ୟୁଞ୍ଜୟ ରୟ ଦମ୍‌ଦାର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ୫୬ ବଲରେ ଅପରାଜିତ ୬୧ ରନ କରିଥିଲେ। ପୂର୍ବତନ କୋଚ୍ ଅଜିତ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଅନ୍ୟ ଏକ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୮ ୱିକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଅପରାଜିତ ୫୭ ରନ କରିଥିବା ହରିବଂଶ ଭୂୟାଁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ରଣଜୀ କ୍ରିକେଟର୍ ସନ୍ଦୀପ ପଟ୍ଟନାୟକ ପ୍ରଦାନ କରିଥିଲେ। ଏହି ଦୁଇ ମ୍ୟାଚ୍ ସହ ୧୫ ବର୍ଷରୁ କମ୍ ବର୍ଗର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ମେ ୩୧ ତାରିଖରେ ସହିଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଖେଳାଯିବ।

## ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଫାଇନାଲ୍ ଆଜି

**ଭୁବନେଶ୍ୱର, ୨୬।୫ (ସମିସ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଟାଇଟଲ୍ ପାଇଁ ବୁଧବାର ଦକ୍ଷିଣ-ପୂର୍ବ ରେଳବାଇ ଓ ସାଇ କୋଲକାତା ମଧ୍ୟରେ ଲଢ଼େଇ ହେବ। ପ୍ରଥମ ସେମିଫାଇନାଲ ମ୍ୟାଚରେ ଦକ୍ଷିଣ-ପୂର୍ବ ରେଳବାଇ ୪-୨ ଗୋଲ୍‌ରେ ସିଆଇଏସଏଫ୍‌କୁ ପରାସ୍ତ କରିଥିଲା। ଅନ୍ୟ ଏକ ସେମିରେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସକୁ ହରାଇ ସାଇ କୋଲକାତା ଫାଇନାଲରେ ସ୍ଥାନ ପକ୍କା କରିଥିଲା।

ଜାତୀୟ ସବ୍‌ଜୁନିଅର ବେସ୍‌ବଲ

## ଓଡ଼ିଶା ବାଳକ ଦଳର ହ୍ୟାଟ୍ରିକ୍ ବିଜୟ



**ଭୁବନେଶ୍ୱର, ୨୬।୫ (ସମିସ):** କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୧ତମ ଜାତୀୟ ସବ୍-ଜୁନିଅର ବେସବଲ୍ ଚାମ୍ପିଅନସିପରେ ଓଡ଼ିଶା ବାଳକ ଦଳ ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଓଡ଼ିଶା ଦୁଇଟି ମ୍ୟାଚ୍ ଖେଳି ଯଥାକ୍ରମେ ୬-୦ରେ ଦିଲ୍ଲୀକୁ ଓ ୧୧-୧ରେ ମଣିପୁରକୁ ହରାଇଛି। ଏଥିପୂର୍ବରୁ ସୋମବାର ଓଡ଼ିଶା ୧୨-୦ରେ ସହଜରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ଅପରପକ୍ଷରେ ଓଡ଼ିଶା ବାଳିକା ଦଳ ମଧ୍ୟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବାଳିକା ଦଳ ପ୍ରଥମ ମ୍ୟାଚରେ ୯-୧ରେ ଆନ୍ଧ୍ର ପ୍ରଦେଶକୁ ମାତ୍ ଦେଇଛି। ବେସ୍‌ବଲ୍ ଆସୋସିଏସନ ଅଫ୍ ଓଡ଼ିଶା ଓ ଆମେଚର ବେସ୍‌ବଲ୍ ଫେଡେରେସନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍ ମେ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟ ସଂଘର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ରାଜ୍ୟ ସଂଘର ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ଶିବାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

ସର୍ବଭାରତୀୟ ଗୋଲ୍ଡ କପ୍ କ୍ରିକେଟ୍

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଭୁବନେଶ୍ୱର,୨୬।୫(ସମିସ):** ଉତ୍ତରାଖଣ୍ଡରେ ଚାଲିଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୋଲ୍ଡ କପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟବରଣ କରିଛି। ମଙ୍ଗଳବାର ମହାରାଣା ପ୍ରତାପ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ସିଏଜି ୫ ୱିକେଟରେ ଇମର୍ଜିଂ ଓଡ଼ିଶା ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪୯.୫ ଓଭରରେ ୨୭୨ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ୭୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ସିଏଜି ୪୪.୫ ଓଭରରେ ୫ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଗୁରିନ୍ଦର ସିଂହ ୧୦୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ସେହିଭଳି ଶୁଭମ ପୁଣ୍ଡିର (୯୯ ରନ) ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଓଡ଼ିଶା ପକ୍ଷରୁ ମହମ୍ମଦ ଦାନିଶଙ୍କୁ ୨ଟି ୱିକେଟ୍ ମିଳିଥିଲା।

## କିଟ୍ ଚେସ୍ ମହୋତ୍ସବ କାଟାଗୋରୀ-ବି ଉଦ୍‌ଯାପିତ

# ଓଡ଼ିଶାର ସତ୍ୟମ ସର୍ବଜିତ ତୃତୀୟ




ଭୁବନେଶ୍ୱର,୨୬।୫(ସମିସ)

କିଟ୍ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ଅନ୍ତର୍ଜାତୀୟ ମହୋତ୍ସବର ଆଜି କାଟାଗୋରୀ-ବି' ପ୍ରତିଯୋଗିତା ଶେଷ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗର ଶଙ୍ଖଦୀପ ମାଇତି ସର୍ବାଧିକ ୮.୫ ପଏଣ୍ଟ ପାଇ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୪, ୫୦, ୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ତାଙ୍କ ପଛକୁ ୧୦ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦିଲ୍ଲୀର ୧୫ବର୍ଷରୁ କମ୍ ଖେଳାଳି ସମର୍ଥ ଜୈନ୍ ରନର୍ସଅପ୍ ଓ ଓଡ଼ିଶାର ସତ୍ୟମ ସର୍ବଜିତ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ସମର୍ଥଙ୍କୁ ଟ୍ରଫି ସହ ୩,୫୦,୦୦୦ ଏବଂ ସତ୍ୟମଙ୍କୁ ଟ୍ରଫି ସହ ୨,୫୦,୦୦୦ ଟଙ୍କା ପୁରସ୍କାର ବାବଦରେ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ସଞ୍ଜୀବ ମିଶ୍ର ଚତୁର୍ଥ (୧,୨୦,୦୦୦ ଟଙ୍କା), ବିହାରର ମହମ୍ମଦ୍ ତବସିମ ଆଲମ ପଞ୍ଚମ (୧ଲକ୍ଷ), ପଶ୍ଚିମବଙ୍ଗର ତେଜାସ ଜୈନ ଷଷ୍ଠ (୯୫ ହଜାର) ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ୫୦ଜଣଙ୍କ ମଧ୍ୟରେ ଓଡ଼ିଶାର ସତ୍ୟମ ଦ୍ୱିତୀୟ ହୋଇଥିଲେ। ତାଙ୍କ ବ୍ୟତୀତ ସିଦ୍ଧେଶ କାମିଲା (ପଏଣ୍ଟ-୭, ସ୍ଥାନ-୧୮ତମ, ପୁରସ୍କାର-୩୫,୦୦୦ଟଙ୍କା), ବିନାୟକ ରଥ (୭-୨୪-୨୫,୦୦୦), ଅରିନ୍ ଅନ୍ୱେଷ ସ୍ୱାଇଁ (୬.୫-୪୬-୯,୯୦୦), ବରିଷ୍ଠ ଖେଳାଳି ତଥା କୋଚ୍ ରାଜେନ୍ଦ୍ର ସାହୁ (୬.୫-୪୯-୯,୯୦୦) ସ୍ଥାନ ପାଇଛନ୍ତି।

### କାଟାଗୋରୀ-ଏ ଶୀର୍ଷରେ ଜିଏମ୍ ଇଡୋ

ଏହି ଚେସ୍ ଟୁର୍ଣ୍ଣାମେଣ୍ଟର କାଟାଗୋରୀ-ଏ'ରେ ଆଜି ୫ମ ରାଉଣ୍ଡ ଶେଷ ହୋଇଛି। ୫ମ ରାଉଣ୍ଡ ଶେଷସୁଦ୍ଧା ଇସ୍ରାଏଲ୍‌ର ଗ୍ରାଣ୍ଡମାଷ୍ଟର ଗୋର୍ଷ୍ଟେଇନ ଇଡୋ ସର୍ବାଧିକ ୫ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ୪ଜଣ ଖେଳାଳି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ଭାରତର ୧୭ ବର୍ଷୀୟ ଆଇଏମ୍ ତେଲଙ୍ଗାନାର ଶ୍ରୀରାମ ଆଦର୍ଶ ଉପାଲା ରହିଛନ୍ତି। ପ୍ରଥମଥର ଲାଗି ପ୍ରଥମ ୧୫ଜଣଙ୍କ ମଧ୍ୟରେ ସମସ୍ତ ଟାଇଟଲଧାରୀ ସ୍ଥାନ ପାଇଛନ୍ତି। କେବଳ ଗୁଜରାଟର ଫିଡେ ମାଷ୍ଟର ୧୫ବର୍ଷରୁ କମ୍ ଖେଳାଳି ବିଭାନ ବିଶାଲ ଶାହ ରହିଛନ୍ତି। ଅନ୍ୟସମସ୍ତ ଖେଳାଳି ଜିଏମ୍ ନ ହେଲେ ଆଇଏମ୍ ରହିଛନ୍ତି। ୫ମ ରାଉଣ୍ଡ ଶେଷରେ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସମ୍ବିତ ପଣ୍ଡା ୩.୫ ପଏଣ୍ଟ ସଂଗ୍ରହ କରି ୩୫ତମ ସ୍ଥାନରେ ରହିଛନ୍ତି।

୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ଖୋର୍ଦ୍ଧା ୧ ୱିକେଟରେ, ବରଗଡ଼ ୭ ରନରେ ବିଜୟୀ

**ଭୁବନେଶ୍ୱର, ୨୬।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ର ଦ୍ୱିତୀୟ ଫେଜ ଖେଳ ଜାରି ରହିଛି। ମଙ୍ଗଳବାର କଟକର ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ବରଗଡ଼ ରୋମାଞ୍ଚକ ଭାବରେ ୭ ରନରେ ବଲାଙ୍ଗିରକୁ ପରାସ୍ତ କରିଛି। ବରଗଡ଼ ପକ୍ଷରୁ ଧାର୍ଯ୍ୟ ୧୪୧ ରନର ଲକ୍ଷ୍ୟକୁ ପିଛା କରିଥିବା ବଲାଙ୍ଗିର ୨୦.୫ ଓଭରରେ ୧୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବରଗଡ଼ର ବିନୟ ଶର୍ମା (୪୬ ରନ ଓ ୩ଟି ୱିକେଟ) ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସେହିଭଳି ଅନ୍ୟ ଏକ ରୋମାଞ୍ଚକ ମ୍ୟାଚରେ ଖୋର୍ଦ୍ଧା ୧ ୱିକେଟରେ ନୂଆପଡ଼ାକୁ ହରାଇଦେଇଛି। ନୂଆପଡ଼ା ପକ୍ଷରୁ ଧାର୍ଯ୍ୟ ୧୩୫ ରନର ଟାର୍ଗେଟକୁ ଖୋର୍ଦ୍ଧା ୩୦.୧ ଓଭରରେ ଗୋଟିଏ ୱିକେଟ ହରାଇ ହାସଲ କରିନେଇଥିଲା। ଇଭାନ କଳାପାହାଡ଼ ଓ ତୀର୍ଥଙ୍କର ସାହୁ ୪ଟି ୱିକେଟ୍ ନେଇ ଖୋର୍ଦ୍ଧାକୁ ଜିତାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।





ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ଏ ୧୨୯ ରନରେ ଅନୁଗୋଳକୁ, ଢେଙ୍କାନାଳ ୮୮ ରନରେ କୋରାପୁଟକୁ, ମାଲକାନଗିରି ୭୨ ରନରେ ଝାରସୁଗୁଡ଼ାକୁ, ଗଞ୍ଜାମ ୧୧୨ ରନରେ ମୟୂରଭଞ୍ଜକୁ, କଟକ-ଏ ୬୦ ରନରେ ସୋନପୁରକୁ, ପୁରୀ ୨ ୱିକେଟରେ କେନ୍ଦୁଝରକୁ ଓ ଭଦ୍ରକ ୭୦ ରନରେ ଜଗତସିଂହପୁରକୁ ପରାସ୍ତ କରିଛି। ଗଞ୍ଜାମର ଅନିରୁଦ୍ଧ ପଟ୍ଟନାୟକ (୩୫ ରନ ଓ ୩ ୱିକେଟ), ମାଲକାନଗିରିର ଶୀର୍ଷେନ୍ଦୁ ସରକାର (୨୪ ବଲରେ ୬୪ ରନ), ଢେଙ୍କାନାଳର ଅଭିନବ ରୋନକ ପାଣି (୫୮ ରନ ଓ ୩ ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୨୭-ଜାପାନ ସେନା ଚୀନ୍ ଗୃହଯୁଦ୍ଧରେ ହସ୍ତକ୍ଷେପ କଲା।
- ୧୯୫୭- କପିରାଇଟ୍ ବିଲ୍‌କୁ ମଞ୍ଜୁରି ମିଳିଲା।
- ୧୯୬୪- ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦେହାନ୍ତ।
- ୧୯୯୧-ଅଷ୍ଟ୍ରିଆର ବୋଇଂ ବିମାନରେ ବିସ୍ଫୋରଣ ଯୋଗୁଁ ୨୨୩ ଯାତ୍ରୀଙ୍କ ପ୍ରାଣହାନି।
- ୨୦୦୬- ଇଣ୍ଡୋନେସିଆରେ ଭୂମିକମ୍ପ ଯୋଗୁଁ ୬,୬୦୦ ଲୋକଙ୍କ ମୃତ୍ୟୁ।

## ବିବାହ ମଣ୍ଡପରେ କୁସ୍ତି



ଆଜିକାଲି ବିବାହ ଆଉ ନାଚଗୀତ, ଖୁସିର ମାହୋଲ ହୋଇ ରହିନାହିଁ। ବିବାହ ବେଳେ ବିଚିତ୍ର ଟ୍ରେଣ୍ଡ ସବୁ ଦେଖିବାକୁ ମିଳୁଛି। ଏହି କ୍ରମରେ ଚୀନ୍‌ର ଏକ ନବ ଦମ୍ପତି ସେମାନଙ୍କର ବିବାହକୁ ପ୍ରଫେସନାଲ ରେସଲିଂ ଡବ୍ଲୁଡବ୍ଲୁଇ ଷ୍ଟାଇଲ ଆଖଡ଼ାରେ ବଦଳାଇ ଏବେ ଚର୍ଚ୍ଚାରେ । ଏହି ଘଟଣାଟି ଚୀନ୍‌ର ଗୁଇଝୋଉ ଅଞ୍ଚଳରେ ଘଟିଛି। ବର ହେ ୟିନ୍‌ସେଙ୍ଗ ଜଣେ ରେସଲର୍ । ଯେତେବେଳେ ତାଙ୍କ ବିବାହ ସ୍ଥିର ହେଲା, ସେ ପାରମ୍ପରିକ ବିବାହ ପରିବର୍ତ୍ତେ କିଛି ଅଲଗା କରିବାକୁ ଚିନ୍ତା କଲେ। ସେ ହୋଟେଲ ହଲ୍‌କୁ ବିବାହ ମଣ୍ଡପ ପରିବର୍ତ୍ତେ ରେସଲିଂ ରିଙ୍ଗ୍ କରିଦେଲେ। ବ୍ୟାକ୍‌ଗ୍ୟାଉଣ୍ଡରେ ଏକ ବଡ଼ ସ୍କ୍ରିନ ବି ଲଗାଯାଇଥିଲା ଏବଂ ଏଥିରେ ବଡ଼ ବଡ଼ ଅକ୍ଷରରେ ବର ବନାମ କନିଆ ଲେଖାଯାଇଥିଲା। କେବଳ ସେତିକି ନୁହେଁ, ଏହି ମ୍ୟାଚ୍ ପାଇଁ ଏକ ସର୍ତ୍ତ ମଧ୍ୟ ରଖାଯାଇଥିଲା। ସର୍ତ୍ତଟି ଥିଲା ଯେ, ବର ଏବଂ କନିଆ ଟିମ୍ ମଧ୍ୟରୁ ଯିଏ ହାରିବ, ହାରିଥିବା ବ୍ୟକ୍ତିଙ୍କୁ ଜୀବନସାରା ଘରର ସବୁ କାମ (ଝାଡ଼ୁ, ପୋଛା, ବାସନ) କରିବାକୁ ପଡ଼ିବ। ବିବାହରେ ଯୋଗ ଦେଇଥିବା ଅତିଥିଙ୍କ ଲାଗି ଏହି ଅଭିଜ୍ଞତା ସମ୍ପୂର୍ଣ୍ଣ ନୂଆ ଥିଲା। ସେହିପରି ରେସ୍‌ଲିଂ ରିଙ୍ଗ୍‌ରେ ବର ଓ କନିଆଙ୍କ ଯୁଦ୍ଧ ଚାଲିଲା। ଶେଷରେ ରେଫରି କନିଆଙ୍କୁ ବିଜେତା ଘୋଷଣା କଣିଥିଲେ। ତା'ସହ ଘରକାମରୁ ପୂରା ଜୀବନ କନିଆଙ୍କୁ ରକ୍ଷା ମିଳିଲା। ଅବଶ୍ୟ ଏହି ପୂରା ମ୍ୟାଚ୍ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା କଥା ବର ଜଣକ ସଫେଇ ଦେଇଥିଲେ। ଏନେଇ ହେଙ୍କ କହିବା କଥା, ବାହାଘର ଯୋଜନାବେଳେ ବଜେଟ୍ ଅଧିକ ବଢ଼ିଯାଇଥିଲା। ଡ୍ୟାନ୍ସର ଓ କଣ୍ଠଶିଳ୍ପୀଙ୍କ ଉପରେ ଅଧିକ ଟଙ୍କା ଖର୍ଚ୍ଚ ନ କରି ସେ ରେସ୍‌ଲିଂ ଆୟୋଜନ କରିବାକୁ ଚାହିଁଲେ। ଅବଶ୍ୟ ବର-କନିଆଙ୍କ ଘର ଲୋକ ପ୍ରଥମେ ଏହାକୁ ବୁଝିପାରି ନ ଥିଲେ ବି ପିଲାଙ୍କ ଖୁସିକୁ ସମ୍ମାନ ଜଣାଇ ଥିଲେ। ଏହି ବିବାହରେ ୩୦୦ରୁ ଅଧିକ ଅତିଥି ଯୋଗ ଦେଇଥିବାବେଳେ ସମସ୍ତେ ଲାଇଭ୍ କୁସ୍ତିର ଭରପୂର ମଜା ନେଇଥିଲେ।

## ବିଦ୍ୟୁତ୍ ଖୁଣ୍ଟ ପାଲଟିଛି କଳାପଟା



ଶିକ୍ଷା ହେଉଛି ମଣିଷର ଜ୍ଞାନ, କୌଶଳ ଏବଂ ବୌଦ୍ଧିକ ବିକାଶର ମୂଳଦୁଆ । ହେଲେ ଦୁଃଖ ଓ ପରିତାପର ବିଷୟ, ଆଜି ବି ଆମ ସମାଜରେ ଏମିତି ଅନେକ ପିଲା ଅଛନ୍ତି ଯେଉଁମାନେ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ତେବେ ପିଲାଙ୍କର ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପଶ୍ଚିମବଙ୍ଗ କୁଲତାଲି ବ୍ଲକ୍‌ର ଦେଉଲବାରି ଗାଁର ଗ୍ରାମବାସୀମାନେ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛନ୍ତି। ବଙ୍ଗ ନବଜାଗରଣର ଅଗ୍ରଦୂତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଶିକ୍ଷା ଦର୍ଶନକୁ ଆଧାର କରି ଏହି ଗାଁର ରାସ୍ତାକଡ଼ରେ ଥିବା ପ୍ରାୟ ୪୦-୪୫ଟି ବିଦ୍ୟୁତ୍ ଖୁଣ୍ଟରେ ବଙ୍ଗଳା ବର୍ଣ୍ଣମାଳା, ଇଂରାଜୀ ସଂଖ୍ୟା ଏବଂ ଗଣିତର ମୌଳିକ ଚିହ୍ନ (ମିଶାଣ, ଫେଡ଼ାଣ, ଗୁଣନ ଏବଂ ହରଣ) ସବୁ ଲେଖାଯାଇଛି। ଏହାବାଦ୍ ସଂଖ୍ୟାଗୁଡ଼ିକର ମିଶାଣ, ଫେଡ଼ାଣ, ଗୁଣନ, ହରଣ କରି ମଧ୍ୟ ଲେଖାଯାଇଛି। ମୋଟାମୋଟି କହିବାକୁ ଗଲେ, ଗାଁର ରାସ୍ତା ଏବେ ଏକ ଚଳନ୍ତା ସ୍କୁଲରେ ପରିଣତ ହୋଇଛି। ପୁଲକ ମଣ୍ଡଳ ନାମକ ଜଣେ ଗ୍ରାମବାସୀଙ୍କ ଯୋଗୁ ଏହା ସମ୍ଭବ ହୋଇଛି। ଦୀର୍ଘ ଦିନ ଧରି ରାସ୍ତାକଡ଼ର ଏହି ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଘାସଲତାରେ ଘୋଡ଼େଇ ହୋଇ ରହିଥିଲା। ଏହାର ଆଖପାଖରେ ଆବର୍ଜନା ଜମା ହୋଇ ରହିଥିଲା। ସେହି ଦୃଶ୍ୟକୁ ବଦଳାଇବା ପାଇଁ ପୁଲକ ହାତରେ ରଙ୍ଗ ଏବଂ ବ୍ରଶ୍ ଉଠାଇଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଖୁଣ୍ଟଗୁଡ଼ିକୁ ସଫା କରାଗଲା। ତା'ପରେ ସେଗୁଡ଼ିକ ଉପରେ ଉଜ୍ଜଳ ରଙ୍ଗ ଲଗାଇ ବଙ୍ଗଳା ବର୍ଣ୍ଣମାଳା ଏବଂ ଏହା ସହିତ ବଙ୍ଗଳା ଓ ଇଂରାଜୀରେ ସଂଖ୍ୟା ସହ ଗଣିତର ଚିହ୍ନଗୁଡ଼ିକ ଲେଖାଗଲା। ଏନେଇ ଜଣେ ଗ୍ରାମବାସୀଙ୍କ କହିବା କଥା, ପୂର୍ବରୁ ପିଲାମାନଙ୍କୁ ସ୍କୁଲ ନେବା ସମୟରେ ଏହି ଖୁଣ୍ଟଗୁଡ଼ିକ ଉପରେ କାହାର ନଜର ପଡୁ ନ ଥିଲା । ବର୍ତ୍ତମାନ ପିଲାମାନେ ସ୍କୁଲରୁ ଯିବା ଓ ଆସିବା ସମୟରେ ଅକ୍ଷରଗୁଡ଼ିକୁ ପଢୁଛନ୍ତି ଏବଂ ଗଣିତ କରୁଥିବାର ଦେଖାଯାଉଛି। ଏହାଦ୍ୱାରା ପିଲାମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ବଢ଼ିଛି ଏବଂ ସମଗ୍ର ଗାଁରେ ଶିକ୍ଷା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ପିଲାଦିନେ ରାସ୍ତାକଡ଼ରେ ଲାଗିଥିବା ମାଇଲ୍ ଖୁଣ୍ଟଗୁଡ଼ିକ ଦେଖି ଇଂରାଜୀର ଅଙ୍କଗୁଡ଼ିକୁ ଶିଖିଥିଲେ। ସେଥିରୁ ଅନୁପ୍ରାଣିତ ହୋଇ ପୁଲକ ଏଭଳି ବିଦ୍ୟୁତ୍ ଖୁଣ୍ଟରେ ପାଠଗୁଡ଼ିକୁ ଲେଖିବା ପାଇଁ ଚିନ୍ତା କରିଥିଲେ। ତେବେ ଶିକ୍ଷାକୁ କେବଳ ଚାରିକାନ୍ଥ ମଧ୍ୟରେ ଆବଦ୍ଧ କରାଯାଇ ପାରିବ ନାହିଁ, ଦୃଢ଼ ଇଚ୍ଛାଶକ୍ତି ଥିଲେ ରାସ୍ତା କଡ଼କୁ ମଧ୍ୟ ସ୍କୁଲରେ ପରିଣତ କରାଯାଇ ପାରିବ ବୋଲି ପୁଲକ୍ ତାହା ପ୍ରମାଣିତ କରିଛନ୍ତି।

## ଅହାନଙ୍କ ପ୍ରଥମ ଡ୍ୟାନ୍ସ ନମ୍ବର

'ସୈୟାରା' ଫିଲ୍ମରୁ ରାତାରାତି ଷ୍ଟାର୍ ହୋଇ ଯାଇଥିବା ଅଭିନେତା ଅହାନ ପାଣ୍ଡେ ତାଙ୍କ ଭଉଣୀ ଅଲାନା ପାଣ୍ଡେଙ୍କ ବାହାଘରରେ ଏକ ଦମଦାର ଡ୍ୟାନ୍ସ ପରଫରମାନ୍ସ କରିବା ପରେ ସୋସିଆଲ ମିଡିଆରେ ଛାଇ ଯାଇଥିଲେ। ଯଶରାଜ ଫିଲ୍ମସ୍ ତାଙ୍କ ନୃତ୍ୟ ପ୍ରତିଭାକୁ ଡେବ୍ୟୁ ଫିଲ୍ମରେ ଲୋକଲୋଚନକୁ ଆଣିବ ବୋଲି ଦର୍ଶକେ ଅନୁମାନ କରୁଥିଲେ। ହେଲେ ମୋହିତ୍ ସୂରୀ ଅହାନଙ୍କୁ ଏକ ଗମ୍ଭୀର ଓ ଭାବପ୍ରବଣ ଚରିତ୍ର ଦେଇ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଦେଲେ। ଅହାନଙ୍କ ଲଭର୍ ବୟ ଛବିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ବିଶେଷକରି ଜେନ୍ ଜିଙ୍କୁ ତାଙ୍କ ଅଭିନୟ ବେଶ୍ ପସନ୍ଦ ଆସିଥିଲା। ଏବେ ଅହାନ, ଅଲ୍ଲୀ ଆବସ୍ ଜାଫର୍‌ଙ୍କ ଏକ ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କର ଏକ ଡ୍ୟାନ୍ସ ନମ୍ବର ରହିଛି। ତେବେ ବଡ଼ ପରଦାରେ ଏହା ତାଙ୍କର ପ୍ରଥମ ଡ୍ୟାନ୍ସ ନମ୍ବର ହେବ। ଏହି ଗୀତର ସୁଟିଂ ମାଞ୍ଚେଷ୍ଟରରେ କରାଯିବ। ଲଗାତାର ଚାରି ଦିନ ଧରି ସୁଟିଂ ଚାଲିବ। ଅହାନଙ୍କୁ ଏକ ବଡ଼ ଷ୍ଟାର୍ ଭଳି ପରଦାରେ ପ୍ରଦର୍ଶନ କରାଯିବ। ଏହାର କୋରିଓଗ୍ରାଫି ଏପରି କରାଯିବ ଯେପରି ସୋସିଆଲ ମିଡିଆରେ ଏହି ଗୀତର ଅଧିକାଂଶ ରିଲ୍ ହେବ। ଅହାନଙ୍କୁ ଜେନ୍ ଜିଙ୍କ ସୁପରଷ୍ଟାର୍ କରିବା ପାଇଁ ଟିମ୍ ଯୋଜନା ଚଳାଇଛି। ଏହାକୁ ଇଣ୍ଟରନେଟ୍‌ରେ ଭାଇରାଲ କରିବା ପାଇଁ ପୂର୍ବରୁ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇ ସାରିଛି। ଖୁବ୍‌ଶୀଘ୍ର ଯଶରାଜ ଫିଲ୍ମସ୍ ଏହି ଗୀତ ପାଇଁ ଜଣେ ଆଗଧାଡ଼ିର କୋରିଓଗ୍ରାଫରଙ୍କୁ ଫାଇନାଲ କରିପାରେ ବୋଲି କୁହାଯାଉଛି।



# ସମ୍ଭାବନା



## ଅଫର୍ ଲେଟ୍‌ର ଗ୍ରହଣ କରୁଥିଲେ...




**ଚାକିରି ମିଳିବାର ଖୁସି ହେଉଛି ଅଫର୍ ଲେଟର। ତେବେ କିଛି ଲୋକ ଏହାକୁ ନ ପଢ଼ି ସାଇନ୍ କରି ଦିଅନ୍ତି। ଫଳରେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଅସୁବିଧାର ସାମ୍ନା କରିବାକୁ ପଡ଼ିଥାଏ।**

- ଅଫର୍ ଲେଟର ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସାଲାରି ଷ୍ଟ୍ରକଚରକୁ ନେଇ ପ୍ରଶ୍ନ କରାଯିବା ଉଚିତ। କେତେ ଦରମା ମିଳିବ। ସେଥିରେ କ'ଣ ସବୁ ସର୍ତ୍ତ ରହିଛି। ସେହିପରି କିଛି କମ୍ପାନି ସିଟିସିରେ ବୋନସ ଏବଂ ଅନ୍ୟ ସୁବିଧାକୁ ସାମିଲ କରିଥାନ୍ତି।
- ୱାର୍କିଂ ଆୱାର ଏବଂ ୱାର୍କ ପଲିସି ବାବଦରେ ଜାଣନ୍ତୁ। କମ୍ପାନିରେ ହାଇବ୍ରିଡ୍ ୱାର୍କ, ୱାର୍କ ଫ୍ରମ୍ ହୋମ୍ କିମ୍ବା ସମ୍ପୂର୍ଣ୍ଣ ଅଫିସ୍ ଆସିବାକୁ ହେବ, ସେ ସମ୍ପର୍କରେ ଜାଣନ୍ତୁ। କାମ ଘଣ୍ଟା କେତେ ରହିବ ଏବଂ କମ୍ପାନିରେ କାମ ନୀତିର ଗୁରୁତ୍ୱପୂର୍ଣ୍ଣ ଦିଗ କ'ଣ ରହିବ ଜାଣିବା ଦରକାର।
- ପ୍ରୋବେସନ ପିରିୟଡ୍‌କୁ ନେଇ ଅଫର୍ ଲେଟର୍‌ରେ କ'ଣ ନିୟମ ଅଛି ପ୍ରଶ୍ନ କରନ୍ତୁ। କିଛି କମ୍ପାନି ପ୍ରାରମ୍ଭିକ କିଛି ମାସ ପର୍ଯ୍ୟନ୍ତ ପ୍ରୋବେସନରେ ରଖନ୍ତି। ଏହି ସମୟରେ ନିୟମ ଓ ସୁବିଧା ଅଲଗା ହୋଇପାରେ। ତେଣୁ ପ୍ରୋବେସନର ସମୟ କେତେ ରହିବ, ଚାକିରି ସ୍ଥାୟୀ ହେବାର କ'ଣ ନିୟମ ରହିଛି, ସେସବୁ ସମ୍ପର୍କରେ ପ୍ରଥମେ ପଚାରି ନେବା ଉଚିତ।

## କ୍ୟାରିୟରରେ ନେଟ୍‌ୱାର୍କିଂର ଗୁରୁତ୍ୱ

**କ୍ୟାରିୟରରେ ଶୀଘ୍ର ଆଗକୁ ବଢ଼ିବାକୁ ଚାହୁଁଥିଲେ ନେଟ୍‌ୱାର୍କିଂ ବହୁତ ଜରୁରି। କିଛି ଲୋକ ଭାବନ୍ତି ଏହା ବ୍ୟବସାୟୀଙ୍କ ପାଇଁ ଖୁବ୍ ଦରକାର। ତେବେ ଛାତ୍ରଛାତ୍ରୀ, କର୍ମଜୀବୀ, ଫ୍ରିଲାନ୍ସରଙ୍କ ପାଇଁ ନେଟ୍‌ୱାର୍କିଂ ଖୁବ୍ ଗୁରୁତ୍ୱ ବହନ କରେ। କ୍ୟାରିୟରରେ ନେଟ୍‌ୱାର୍କିଂ କାହିଁକି ଜରୁରି, ସେ ସମ୍ପର୍କରେ ଜାଣିବା।**



**ନେଟ୍‌ୱାର୍କିଂ କ'ଣ:** ନେଟ୍‌ୱାର୍କିଂର ଅର୍ଥ ହେଉଛି ପ୍ରଫେସନାଲ ଲୋକଙ୍କ ସହିତ ଜଡ଼ିତ ହେବା। ତା'ସହ ସେମାନଙ୍କ ସହିତ ଉତ୍ତମ ସମ୍ବନ୍ଧ ବଜାୟ ରଖିବା। ଉତ୍ତମ ଲୋକଙ୍କ ସହିତ ସାମିଲ ହୋଇ କେବଳ ନୂଆ ଜିନିଷ ଶିଖିବାକୁ ମିଳିବ ନାହିଁ, ବରଂ ଚାକିରି ଓ କ୍ୟାରିୟର ଅଭିବୃଦ୍ଧିର ସୁଯୋଗ ପ୍ରଦାନ କରେ। ତେଣୁ କେବଳ ପରିଶ୍ରମ ନୁହେଁ, ବରଂ ଉତ୍ତମ ପ୍ରଫେସନାଲ ସମ୍ବନ୍ଧ ସୃଷ୍ଟି କରିବା ବି ସଫଳତା ପାଇଁ ଜରୁରି।

**ଗୁରୁତ୍ୱ:** ଅନେକ କମ୍ପାନି ଚାକିରି ସୂଚନା ସାର୍ବଜନୀନ କରିବା ପୂର୍ବରୁ ପ୍ରଥମେ କର୍ମଚାରୀଙ୍କ ମଧ୍ୟରେ ନିଯୁକ୍ତି କରିଥାନ୍ତି। ଯେଉଁମାନଙ୍କର ଭଲ ପ୍ରଫେସନାଲ ନେଟ୍‌ୱାର୍କ ଥାଏ, ସେମାନଙ୍କୁ ନୂଆ ଚାକିରିର ସୂଚନା ଶୀଘ୍ର ମିଳିଯାଏ। ବେଳେ ବେଳେ ରେଫରେନ୍ସ ମାଧ୍ୟମରେ ଚାକିରି ପାଇବା ଆଶଙ୍କା ବି ବଢ଼ିଯାଏ। ସେହିପରି ଯେଉଁ ଇଣ୍ଡଷ୍ଟ୍ରିରେ ଜଣେ କାମ କରନ୍ତି, ସେଠାରେ କ'ଣ ନୂଆ ଘଟୁଛି ଏବଂ ନୂଆ ତଥ୍ୟ ନେଟ୍‌ୱାର୍କିଂ ମାଧ୍ୟମରେ ହିଁ ମିଳିଯାଏ। ଇଣ୍ଡଷ୍ଟ୍ରିରେ ହେଉଥିବା ନୂତନ ପରିବର୍ତ୍ତନ, ଟ୍ରେଣ୍ଡ ତଥା ଟେକ୍ନୋଲୋଜି ବାବଦରେ ତଥ୍ୟ ମିଳିଥାଏ। ଏହି ସୂଚନା କ୍ୟାରିୟର ଅଭିବୃଦ୍ଧି ଦିଗରେ ସାହାଯ୍ୟ କରେ।

## ଗେମିଂ ଷ୍ଟ୍ରିମରରୁ ଭଲ ଆୟ

**ଗେମିଂ ଏବେ କେବଳ ମନୋରଞ୍ଜନ ନୁହେଁ, ବରଂ ଏକ ସୁନ୍ଦର କ୍ୟାରିୟର ବିକଳ୍ପ ହୋଇଛି। ଗେମିଂ ଷ୍ଟ୍ରିମର ହେଉଛନ୍ତି ସେମାନେ, ଯେଉଁମାନେ ଅନଲାଇନ୍‌ରେ ଗେମ୍ ଖେଳି ନିଜ ଭିଡିଓ ଲାଇଭ୍ ଷ୍ଟ୍ରିମ୍ କରନ୍ତି। ଏହି ଲାଇଭ୍ ଷ୍ଟ୍ରିମ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ କରାଯାଏ। ଏବେ ଅନେକ ଯୁବପିଢ଼ି ଏହାକୁ କ୍ୟାରିୟରର ବିକଳ୍ପ ଭାବେ ବାଛି ଭଲ ଆୟ କରୁଛନ୍ତି।**



ଗେମିଂ ଷ୍ଟ୍ରିମର ମୁଖ୍ୟତଃ ୟୁଟ୍ୟୁବ୍, ଫେସବୁକ୍ ଭଳି ପ୍ଲାଟଫର୍ମରେ ଗେମ୍ ଖେଳୁଥିବା ଲୋକଙ୍କ ସହିତ ଆଲୋଚନା କରନ୍ତି। ଏସବୁ କିଛି ଲାଇଭ୍ ଷ୍ଟ୍ରିମ୍‌ରେ ହିଁ ହୋଇଥାଏ। ଏହାଦ୍ୱାରା ସେମାନଙ୍କ ଅନୁଗାମୀ ସେମାନଙ୍କ ସହିତ ଲାଇଭ୍‌ରେ କଥାବାର୍ତ୍ତା କରନ୍ତି। ତା'ସହ ସେମାନେ ଗେମ୍ ଖେଳୁଥିବା ଦେଖିପାରନ୍ତି। ସେହିପରି ଗେମିଂ ଷ୍ଟ୍ରିମର ଅନେକ ଉପାୟରେ ରୋଜଗାର କରିପାରିବେ। ୟୁଟ୍ୟୁବ୍ ଆଡ୍‌ରେ ଭିଡିଓ ଏବଂ ଲାଇଭ୍ ଷ୍ଟ୍ରିମରେ ଆସୁଥିବା ବିଜ୍ଞାପନରୁ ରୋଜଗାର କରନ୍ତି। ସ୍ପନସରସିପ୍ ପାଇଁ ଗେମିଂ କମ୍ପାନି ପ୍ରଚାର ପ୍ରସାର ଲାଗି ଟଙ୍କା ପ୍ରଦାନ କରନ୍ତି। ସେହିପରି ସୁପର ଚାଟ୍ ଏବଂ ଡୋନେସନ ମାଧ୍ୟମରେ ପ୍ରଶଂସକ ଲାଇଭ୍ ଷ୍ଟ୍ରିମ୍ ଜରିଆରେ ଟଙ୍କା ପ୍ରେରଣ କରନ୍ତି। ସେମାନେ ବ୍ରାଣ୍ଡ ଡିଲ୍ ମଧ୍ୟ କରିପାରିବେ। ଅର୍ଥାତ୍ ବଡ଼ ବଡ଼ ଷ୍ଟ୍ରିମର ବ୍ରାଣ୍ଡ ସହିତ କାମ କରି ଭଲ ଆୟ କରିଥାନ୍ତି। ଡିଜିଟାଲ ଯୁଗରେ ଗେମିଂରେ ସଫଳ କ୍ୟାରିୟର କରି ହେବ। ବର୍ତ୍ତମାନ ଭାରତରେ ଅନେକ ଗେମିଂ ଷ୍ଟ୍ରିମର ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ଏହାସହିତ ସେମାନଙ୍କ ଲୋକପ୍ରିୟତା ଖୁବ୍ ବେଶି। ସେହିପରି ୟୁଟ୍ୟୁବ୍ କ୍ରିଏଟରଙ୍କ ଯୁଗରେ ଗେମିଂ କ୍ରିଏଟରଙ୍କର ଲକ୍ଷାଧିକ ଅନୁଗାମୀ ଅଛନ୍ତି।

## ଜେନ୍ ଜେଡ୍‌ଙ୍କ ନୂଆ ଶବ୍ଦାବଳୀ

ଆଜିକାଲି ଜେନ୍ ଜେଡ୍ ଯୁବପିଢ଼ି ଏମିତି କିଛି ଶବ୍ଦ ସବୁ ବ୍ୟବହାର କରୁଛନ୍ତି, ଯାହାର ଅର୍ଥ ବୁଝିବା ସହଜ ନୁହେଁ। ଏପରିକି ଅଧିକାଂଶ ସମୟରେ ଏହାର ଅର୍ଥ ବି ଅନେକ ଜାଣି ନ ଥାନ୍ତି। କାରଣ 'ନୋ', 'କ୍ୟାପ୍', 'ବ୍ରୋ', 'ଗଟ୍', 'ରିଜ୍' ଭଳି ଶବ୍ଦ ଏବେ ସେମାନଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଅବଶ୍ୟ ନୂଆପଢ଼ି ଅଲଗା ଅଲଗା ସର୍ଟଫ୍ରମ୍‌ରେ ଏଭଳି ଶବ୍ଦକୁ ବ୍ୟବହାର କରି କଥାବାର୍ତ୍ତା କରୁଛନ୍ତି। ଶବ୍ଦକୁ ଛୋଟ କରିକି କଥାବାର୍ତ୍ତା କରିବା ଜେନ୍ ଜେଡ୍‌ଙ୍କୁ ବେଶି ପସନ୍ଦ। ତେବେ ସେମାନେ କେଉଁ ଭଳି ଶବ୍ଦକୁ ଛୋଟ କରୁଛନ୍ତି, ସେ କୌଶଳ ସେମାନଙ୍କୁ ଲକ୍ଷ୍ୟ କଲେ ହିଁ ଜାଣି ହେବ। 'ୟୋ ବ୍ରୋ' ବା 'ବ୍ରୋ' ଶବ୍ଦ ସହିତ ପ୍ରାୟ ଲୋକେ ପରିଚିତ। ଭାଇ ତଥା ସାଙ୍ଗଙ୍କ ପାଇଁ ଏହାକୁ ବ୍ୟବହାର କରାଯାଏ। ଏବେ ଏହି ଶବ୍ଦ ଜେନ୍ ଜେଡ୍‌ଙ୍କ ପାଇଁ 'ବ୍ରୁହ' ହୋଇଯାଇଛି। ସେହିପରି 'ଡ୍ରିପ୍' ଶବ୍ଦ ମେସାନଙ୍କ ଦୃଷ୍ଟିକୋଣରୁ ହସ୍ପିଟାଲ ସହିତ ଜଡ଼ିତ ଶବ୍ଦ ନୁହେଁ। ଏହା ଫେଶନ ଏବଂ ଷ୍ଟାଇଲ ସହିତ ସମ୍ବନ୍ଧିତ। କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ସହିତ ଜଡ଼ିତ ଶବ୍ଦ ହେଉଛି 'ଡେଡ୍।' ହେଲେ ଏହା ଜେନ୍ ଜେଡ୍‌ଙ୍କ ମଧ୍ୟରେ ହସି ହସି ପାଗଳ ହୋଇଯିବା ନଚେତ୍ ଲଜ୍ୟା ଅନୁଭବ କଲେ ସେମାନେ ବ୍ୟବହାର କରନ୍ତି। ଅନ୍ୟପଟେ 'କ୍ୱିନ୍' ଶବ୍ଦର ଅର୍ଥ ରାଣୀ ବୋଲି ଭାବୁଥିଲେ ସେମାନେ ଏହାକୁ ଆତ୍ମବିଶ୍ୱାସ ଲାଗି ବ୍ୟବହାର କରନ୍ତି। କୌଣସି ଜିନିଷ ପ୍ରତି ଆକର୍ଷିତ ହେବା ଲାଗି 'ରିଜ୍' କହନ୍ତି। ତେବେ 'ହାଇକି'କୁ ଆରମ୍ଭ କରୁଥିବା ବ୍ୟକ୍ତି ପାଇଁ ସେମାନେ ବ୍ୟବହାର କରନ୍ତି। ଏଇଭଳି ଆହୁରି ଅନେକ ଶବ୍ଦ ଅଛି, ଯାହାକୁ ଜେନ୍ ଜେଡ୍ ସର୍ଟଫର୍ମରେ ବ୍ୟବହାର କରୁଛନ୍ତି।

